* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 44 ◆ISSUE-33 ◆MONDAY ◆27 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୩୩ ◆ସୋମବାର ◆୨୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ଅଭିଯାନ

# ମୀରାବାଈ ଆଣିଲେ ପ୍ରଥମ ସ୍ୱର୍ଣ୍ଣ

ଗ୍ଲାସଗୋ, ୨୬।୭ (ଏଜେନ୍ସି): ମହାନ ଭାରୋତ୍ତୋଳିକା ମୀରାବାଈ ଚାନୁ ସ୍କଟଲାଣ୍ଡ ରାଜଧାନୀ ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪୮ କିଗ୍ରା ଓଜନବର୍ଗରେ ମୀରାବାଈ ଏହି ସଫଳତା ପାଇଥିଲେ। ଏଥିରେ ମୀରାବାଈ ମୋଟ୍ ୧୯୦ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯେଉଁଥିରେ ସେ ସ୍ନାଚରେ ରେକର୍ଡ ୮୫ କ୍ରିଗା ଓ କ୍ଲିନ ଆଣ୍ଡ ଜର୍କରେ ୧୦୫ କିଗ୍ରା ଭାର ସଫଳତାର ସହ ଉଠାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୧ ବର୍ଷୀୟା ମୀରାବାଈଙ୍କ ଏହା ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା ଥିଲା। ଏଥିପୂର୍ବରୁ ୨୦୧୮ ଗୋଲ୍ଡକୋଷ୍ଟ ଓ ୨୦୨୨ ବର୍ମିଂହାମ ସଂସ୍କରଣରେ ମଧ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ମୀରାବାଈ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୪) ସହ ମୋଟ୍ ୪ଟି ପଦକ ବିଜୟୀ ହୋଇଛନ୍ତି। ମୀରାବାଈଙ୍କ ସ୍ୱର୍ଣ୍ଣିମ ସଫଳତା ସହ ଭାରତ ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ତାଲିକାରେ ୭ମ ସ୍ଥାନକୁ ଉଠିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ସାମିଲ ରହିଛି। ମୀରାବାଈଙ୍କ ପୂର୍ବରୁ ରବିବାର ଅପରାହ୍ଣରେ ରିଷିକାନ୍ତ ସିଂ ପୁରୁଷ ୬୦ କିଗ୍ରା ଭାରୋତ୍ତୋଳନରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଶୁକ୍ରବାର ରାତିରେ ପାରା ଶକ୍ତିଉତ୍ତୋଳକ ଝାଣ୍ଟୁ କୁମାର କାଂସ୍ୟ ପଦକ ସଫଳତା ଆଣିଥିଲେ। ଯାହାକି ଭାରତ ପାଇଁ ପ୍ରଥମ ପଦକ ଥିଲା।

# ଅଧରପଣା ପାଇ ତୃପ୍ତ ହେଲେ ଅଶରୀରୀ



## ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

ପୁରୀ, ୨୬।୭ (ସମିସ): ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ସୋମବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୁଢ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ୧ ଘଣ୍ଟା ୪୨ ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୪୨ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭାଙ୍ଗିଥିଲା। ରବିବାର ଆଷାଢ ଶୁକ୍ଳ ଦ୍ୱାଦଶୀ ▶ପୃଷ୍ଠା-୭



## ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬


# ଚମକିଲେ ଜ୍ୟୋତିର୍ମୟୀ

ମୁମ୍ବାଇ, ୨୬।୭ (ଏଜେନ୍ସି): ପୁଣି ଜାତୀୟ ସ୍ତରରେ ଚମକିଲେ ଓଡ଼ିଆ ଝିଅ। ଦେଶର ଲୋକପ୍ରିୟ ସଙ୍ଗୀତଭିତ୍ତିକ ରିଆଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬'ର ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରତିଭାବାନ ଗାୟିକା ଜ୍ୟୋତିର୍ମୟୀ ନାୟକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦୀର୍ଘ ୧୦ ମାସର ସଙ୍ଗୀତ ଯାତ୍ରା ପରେ ଆୟୋଜିତ ଭବ୍ୟ ଫିନାଲେରେ ସେ ଦେଶର ବିଭିନ୍ନ ରାଜ୍ୟର ୫ଜଣ ପ୍ରତିଭାଶାଳୀ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜ୍ୟୋତିର୍ମୟୀ ଓଡ଼ିଶାରୁ ପ୍ରଥମ ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ବିଜୟିନୀ ହୋଇଛନ୍ତି। ଜ୍ୟୋତିର୍ମୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଗ୍ରାମର ଝିଅ। ଜ୍ୟୋତିର୍ମୟୀଙ୍କ ବିଜୟ ଓଡ଼ିଶାର ▶ପୃଷ୍ଠା-୭

## କେନ୍ଦ୍ର ସରକାରଙ୍କ ପରୀକ୍ଷା ସଂସ୍କାର

# ଗଠନ ହେଲା ଟାସ୍କଫୋର୍ସ

## ନେତୃତ୍ୱ ନେବେ ନନ୍ଦନ ନିଲେକାନି



### ପେପର ଲିକ୍ ବିରୋଧରେ କଠୋର ଆଇନ

### ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନା

### ଆଜି ଲୋକସଭାରେ ଆସିବ ସଂଶୋଧନ ବିଲ୍

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପରିପ୍ରେକ୍ଷୀରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହିତ ଅନେକ କାର୍ଯ୍ୟାନୁଷ୍ଠାନ ପରେ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାର ଆଜି ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏହାସହିତ ପ୍ରଶ୍ନପତ୍ର ଲିକ୍ ବିରୋଧରେ କଠୋର ଆଇନ ପାଇଁ ଆସନ୍ତାକାଲି ଲୋକସଭାରେ ଏକ ସଂଶୋଧନ ବିଲ ଆଗତ କରିବାକୁ ମଧ ଘୋଷଣା କରିଛନ୍ତି। ପ୍ରଶ୍ନପତ୍ର ଲିକ୍‌ରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି।

ଭାରତର ପରୀକ୍ଷା ପରିଚାଳନା ପଦ୍ଧତିକୁ ଅଧିକ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଯେଉଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଛନ୍ତି, ତାହାର ନେତୃତ୍ୱ ନେବେ ଇନଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି। ▶ପୃଷ୍ଠା-୭

## ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପ୍ରସ୍ତୁତି

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଦେଶରେ ରାଜନୈତିକ ଉଷ୍ଣତା ବୃଦ୍ଧି ପାଇଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ଷମା ପ୍ରାର୍ଥନା ଏବଂ ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଜୁଲାଇ ୨୦ରେ ଦିଲ୍ଲୀରେ ହୋଇଥିବା ପୁଲିସର "ବର୍ବର ଆକ୍ରମଣ' ପାଇଁ ଜବାବ ମାଗିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପେଲେଟ୍ ଗନ୍ ଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ ଗୃହମନ୍ତ୍ରୀ ଅନୁମତି ଦେଇଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀ ସାହିଲ ଲୋଚାବ ନାମକ ଜଣେ ୧୯ ବର୍ଷୀୟ ଛାତ୍ରଙ୍କୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରି ପେଲେଟ୍ ଗନ୍ ମାଡ଼ରେ ତାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ନଷ୍ଟ ହେବାକୁ ଥିବା ବିଷୟରେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରତା ନେଇ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଲୋକସଭାରେ ସରକାରଙ୍କୁ ଘେରିବାକୁ ଯୋଜନା କରିଥିବା ସୂଚନା ମିଳିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡଗେ କହିଛନ୍ତି ଯେ, ଏବେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ମାଗିବା ପାଳି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ତଥା ପେଲେଟ୍ ଗନ୍ ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ▶ପୃଷ୍ଠା-୭

## ଅବପାତ ଘନୀଭୂତ

# ଆହୁରି ୪୮ ଘଣ୍ଟା ବର୍ଷା

ଭୁବନେଶ୍ୱର, ୨୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପନେଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ

### ଆଜି ୩ ଜିଲ୍ଲାରେ ସ୍କୁଲ ଛୁଟି

ଆହୁରି ଦୁଇ ଦିନ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପରିକି କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ▶ପୃଷ୍ଠା-୭

# ବଜ୍ରପାତ ନେଲା ୩ ଚାଷୀଙ୍କ ଜୀବନ

କାମାକ୍ଷାନଗର/ରାଜବରହମପୁର, ୨୬।୭ (ସମିସ): ରବିବାର ଅପରାହ୍ଣରେ ବଜ୍ରପାତରେ ୩ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳର ବିଲ କାମ ବେଳେ ବଜ୍ରପାତରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର ଜିଲ୍ଲ ନୀଳଗିରି ବ୍ଲକ୍ ଅଞ୍ଚଳର ଜଣେ ଚାଷୀଙ୍କ ଜୀବନ ଯାଇଛି।

ସୂଚନା ଅନୁସାରେ କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ସନ୍ତୋଷ ଦେହୁରୀ ଓ ତାଙ୍କ ପୁଅ ସତ୍ୟନାରାୟଣ ରବିବାର ଅପରାହ୍ଣରେ ଧାନ ରୋଇବାକୁ ବିଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ବିଲ ▶ପୃଷ୍ଠା-୭

# ସିଜେପି ପରେ ଇଜେପି

### ୧୦୦% ପେଟ୍ରୋଲ ଚୟନ ବିକଳ୍ପ ଦାବି

### କାର ଉପରେ ଇଥାନଲ୍ ଇନ୍ଧନର ପରୀକ୍ଷା ନିରୀକ୍ଷା ନ ହେଉ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ପତ୍ର ଲିକ୍ ପରେ ଏବେ ଗାଡ଼ିର ଇନ୍ଧନ ଟାଙ୍କିକୁ ନେଇ ଚିନ୍ତିତ ଦେଶର ସାଧାରଣ ଜନତା। ଲୋକଙ୍କ ଏହି ସମସ୍ୟାକୁ ନଜରରେ ରଖି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପଦାଙ୍କ ଅନୁସରଣ କରି, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ 'ଇ-୨୦ ଜନତା ପାର୍ଟି' (ଇଜେପି) ନାମକ ଏକ ନୂତନ ଗ୍ରୁପ ଉଭା ହୋଇଛି। ଏହା ଏବେ ସରକାରଙ୍କ ନିକଟରେ ଇଥାନଲ୍-ମିଶ୍ରିତ ପେଟ୍ରୋଲ ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ବିକଳ୍ପ ଦାବି କରୁଛି। ଇ-୨୦ ପେଟ୍ରୋଲକୁ ନେଇ ସାରା ଦେଶରେ ବିବାଦ ମଧ୍ୟରେ ଏହି ନୂଆ ସୋସିଆଲ ମିଡିଆ ଗ୍ରୁପ ସୃଷ୍ଟି ହୋଇଛି। କାରଣ ବର୍ତ୍ତମାନ ଦେଶରେ ଅନେକ ବ୍ୟବହାରକାରୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ଗାଡ଼ି ମାଇଲେଜ୍ ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି।

ଇଜେପିର ଦାବି ହେଉଛି, ଲୋକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଇ-୨୦ ଇଥାନଲ୍ ମିଶ୍ରଣ ଇନ୍ଧନ ବ୍ୟବହାର ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ବିକଳ୍ପ ଦିଆଯିବା ▶ପୃଷ୍ଠା-୭

# ଚାଉଳ ପୋକମରା ଔଷଧ ଗନ୍ଧରେ ୨ ଶିଶୁ ମୃତ

### ମା' ଅସୁସ୍ଥ

ଭାପୁର, ୨୬।୭ (ସମିସ): ଚାଉଳରେ ପୋକ ନ ହେବା ପାଇଁ ପୋକମରା ଔଷଧ ଦିଆଯାଇଥିଲା। ସେହି ଗନ୍ଧରେ ଗୋଟିଏ ପରିବାରର ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ମଧ ଅସୁସ୍ଥ ହୋଇପଡ଼ିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମରେ ଶନିବାର ଘଟିଛି ଏହି ଅଘଟଣ। ଗ୍ରାମର ଯଦୁ ସାହୁଙ୍କ ସ୍ତ୍ରୀ ରୁବି ସାହୁ ଚାଉଳ ପୋକ ମାରିବା ପାଇଁ ପୋକମରା ଔଷଧ ଆଣି ଘରେ ରଖିଥିଲେ। ପୋକମରା ଔଷଧକୁ କଣାକରି ଘରେ ରଖି କବାଟ ଝରକା ଦେଇ ଏସି ଲଗାଇ ଦୁଇ ପୁଅ ଝିଅଙ୍କୁ ଧରି ଶୁକ୍ରବାର ରାତିରେ ରୁବି ଶୋଇଯାଇଥିଲେ। ପୋକମରା ଔଷଧ ଗନ୍ଧରେ ରୁବିଙ୍କର ବାନ୍ତି ହେବାପରେ ଦୁଇବର୍ଷର ପୁଅ ▶ପୃଷ୍ଠା-୭

## ଉତ୍ପାଦନ ହେବ ୧୦୪୦ ନିୟୁତ ୟୁନିଟ୍ ବିଜୁଳି, ଖର୍ଚ୍ଚହେବ ୧୦୮୩ ନିୟୁତ ୟୁନିଟ୍

# କାହା ସ୍ୱାର୍ଥରେ ବ୍ୟୟହେବ ୪ ହଜାର କୋଟି ?

### ବିବାଦୀୟ କମ୍ପାନୀ ସହ ଚୁକ୍ତିକୁ ନେଇ ଅଡୁଆରେ ସରକାର

### ବୁଝାମଣାକୁ ନେଇ ପ୍ରଶ୍ନ ଉଠାଇଲେ ଶକ୍ତି ସମୀକ୍ଷକ ଓ ବିରୋଧୀ

ଭୁବନେଶ୍ୱର, ୨୬।୭ (ସମିସ): ସ୍ୱଚ୍ଛ ଓ ସବୁଜ ବିଦ୍ୟୁତ ଉତ୍ପାଦନ ପାଇଁ ଶୁକ୍ରବାର ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚପିସି) ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରା ଷ୍ଟ୍ରକଚର ଲିମିଟେଡ୍ (ଏମଇଆଇଏଲ ) ସହିତ ଆନୁଷ୍ଠାନିକ ଭାବେ ଏକ ଚୁକ୍ତିନାମା ପତ୍ର (ଲେଟର ଅଫ ଇଣ୍ଟେଣ୍ଟ) ସ୍ୱାକ୍ଷର କରିଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ (ପିଏସପି) କରିବା ପାଇଁ ଉକ୍ତ ଚୁକ୍ତିନାମାଟି ସ୍ୱାକ୍ଷର ହୋଇଛି। ପ୍ରକଳ୍ପଟିକୁ ନିର୍ମାଣ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ୩୧୬୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥରେ ଅପର ଇନ୍ଦ୍ରାବତୀ ପିଏସପିରେ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ ୪ଟି ଜେନେରେଟର ସ୍ଥାପନ ହେବ ବୋଲି କୁହାଯାଇଛି। ମାତ୍ର ସରକାରଙ୍କ ଏହି ଚୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିରୋଧୀ ରାଜନୈତିକ ଦଳ। ଅନ୍ୟ ରାଜ୍ୟରେ ବିବାଦୀୟ ଓ ଖିଲାପୀ ସଂସ୍ଥା ସହ ବୁଝାମଣା କରିବାକୁ ସରକାର କାହିଁକି ଆଗ୍ରହ ପ୍ରକାଶ କଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗରେ ଓଏଚପିସି ଦାଖଲ କରିଥିବା ସତ୍ୟପାଠ ଅନୁସାରେ ପ୍ରକଳ୍ପରୁ ବାର୍ଷିକ ୧ ହଜାର ୪୦ ନିୟୁତ ୟୁନିଟ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ଥିବାବେଳେ ସେଥିପାଇଁ ୧ ହଜାର ୨୮୩ ନିୟୁତ ୟୁନିଟ ବ୍ୟବହାର ହେବ। ଅର୍ଥାତ ପ୍ରକଳ୍ପରୁ ଯେତିକି ବିଦ୍ୟୁତ ଉତ୍ପାଦନ ହେବ ତାହା ଠାରୁ ଅଧିକ ୨୪୩ ନିୟୁତ ୟୁନିଟ ପ୍ରକଳ୍ପରେ ଖର୍ଚ୍ଚ ହେବ। ▶ପୃଷ୍ଠା-୭




# ଅଖିଳେଶଙ୍କୁ ମେଣ୍ଟ ପାଇଁ ପ୍ରସ୍ତାବ ଦେଲେ ଓୱେସୀ

ନୂଆଦିଲ୍ଲୀ,୨୬ ।୭ (ଏଜେନ୍ସି): ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସୀ ସମାଜବାଦୀ ପାର୍ଟି (ଏସ୍‌ପି) ସଭାପତି ଅଖିଳେଶ ଯାଦବଙ୍କୁ ମେଣ୍ଟର ପ୍ରସ୍ତାବ ଦେଇଛନ୍ତି। ମୋରାଦାବାଦର ଏକ ସଭାରେ ଭାଷଣ ଦେଇ ସେ କହିଛନ୍ତି, ବିଜେପିକୁ ପୁଣିଥରେ କ୍ଷମତାକୁ ଆସିବାରୁ ରୋକିବା ପାଇଁ



ସେ ସମାଜବାଦୀ ପାର୍ଟି ସହ ମିଶି କାମ କରିବାକୁ ପ୍ରସ୍ତୁତ। ଓୱେସୀ କହିଛନ୍ତି, 'ମୁଁ ପୂର୍ବରୁ ମଧ୍ୟ କହିଛି ଏବଂ ପୁଣି କହୁଛି, ଉତ୍ତରପ୍ରଦେଶରେ ବିଜେପି ପୁଣି ସରକାର ଗଠନ କରୁ ବୋଲି ଆମେ ଚାହୁଁନାହୁଁ। ମୁଁ ହାତ ମିଳାଇବାକୁ ପ୍ରସ୍ତୁତ, ମେଣ୍ଟ କରିବାକୁ ପ୍ରସ୍ତୁତ। ଏବେ ଆଲୋଚନା କରନ୍ତୁ, କିନ୍ତୁ ନିର୍ବାଚନ ସରିବା ପରେ ଯେପରି କାନ୍ଦିବେ ନାହିଁ।' ବିଜେପି ପକ୍ଷରୁ ଲାଗୁଥିବା 'ବି-ଟିମ୍' ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି, ଏଆଇଏମ୍ଆଇଏମ୍‌ର ସଂଗ୍ରାମ କୌଣସି ଧର୍ମ ବିରୋଧରେ ନୁହେଁ, ବରଂ ସମ୍ମାନ, ଅଧିକାର ଓ ନ୍ୟାୟ ପାଇଁ। ଅଖିଳେଶ ଯାଦବଙ୍କ ସହ ବସି ଅଧିକାର ଓ ନ୍ୟାୟର ପ୍ରସଙ୍ଗରେ ଆଲୋଚନା କରିବାକୁ ସେ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି। ତେବେ ଏଆଇଏମ୍ଆଇଏମ୍ ସହ ମେଣ୍ଟ କରିବା ନେଇ ସମାଜବାଦୀ ପାର୍ଟି କୌଣସି ପ୍ରତିକ୍ରିୟା ଦେଇନାହିଁ। ଉଭୟ ଦଳ ସମାନ ଭୋଟ୍ ବ୍ୟାଙ୍କକୁ ଲକ୍ଷ୍ୟ କରୁଥିବାରୁ ଏହି ପ୍ରସ୍ତାବ ଉପରେ ଏସ୍‌ପି କିପରି ନିଷ୍ପତ୍ତି ନେବ, ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆଉ ନିର୍ବାଚନ ଲଢ଼ିବେନି ସିଦ୍ଧରମୈୟା

ବେଙ୍ଗାଲୁରୁ,୨୬ ।୭ (ଏଜେନ୍ସି): କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧରମୈୟା ୨୦୨୮ ମସିହାରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ବୟସାଧିକ୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ରାଜନୀତିରେ ବୃଦ୍ଧି ପାଉଥିବା ଦୁର୍ନୀତିକୁ କାରଣ ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ୭୯ ବର୍ଷୀୟ ଏହି ନେତା



ଜଣାଇଛନ୍ତି ଯେ, ଆଗାମୀ ନିର୍ବାଚନ ସମୟକୁ ତାଙ୍କୁ ୮୧-୮୨ ବର୍ଷ ହୋଇଥିବ। ଶରୀର ପୂର୍ବ ଭଳି ସହାୟତା ଦେଉନଥିବାରୁ ଏବଂ ଆଜିକାଲିର ନିର୍ବାଚନୀ ରାଜନୀତି ଅତ୍ୟନ୍ତ କଳୁଷିତ ହୋଇଯାଇଥିବାରୁ ସେ କୌଣସି ନିର୍ବାଚନୀ ପଦବୀ ପାଇଁ ଲଢ଼ିବେ ନାହିଁ। ତେବେ ସେ ପ୍ରତ୍ୟକ୍ଷ ନିର୍ବାଚନରୁ ଓହରି ଗଲେ ମଧ୍ୟ ସକ୍ରିୟ ରାଜନୀତିରେ ରହି ଜନସାଧାରଣଙ୍କ ସେବା ଓ ସେମାନଙ୍କ ସ୍ୱର ହୋଇ କାର୍ଯ୍ୟ କରିବା ଜାରି ରଖିବେ।

# ପଞ୍ଜାବ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେପି

ଚଣ୍ଡିଗଡ଼,୨୬ ।୭ (ଏଜେନ୍ସି): କେନ୍ଦ୍ରୀ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ପଞ୍ଜାବରେ ପେପର ଲିକ୍ ପ୍ରସଙ୍ଗକୁ ନେଇ ରାଜନୀତି ତୀବ୍ର ହୋଇଛି। ବିଜେପି ପଞ୍ଜାବର ଶିକ୍ଷାମନ୍ତ୍ରୀ ହରଜୋତ ସିଂହ ବୈନ୍ସଙ୍କ ଇସ୍ତଫା ଦାବି କରିଥିବାବେଳେ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଓ ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ୱାଡ଼ିଂ ପଞ୍ଜାବରେ ପିଏସ୍ଇବି ପରୀକ୍ଷା, ପିଏସ୍‌ଟିଇଟି, ନାଏବ ତହସିଲଦାର ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷାରେ ପେପର ଲିକ୍ ଏବଂ ଅନିୟମିତତା ଘଟିଥିବା ଅଭିଯୋଗ କରି ଶିକ୍ଷାମନ୍ତ୍ରୀଙ୍କ ନୈତିକ ଦାୟିତ୍ୱରେ ଇସ୍ତଫା ଦାବି କରିଛନ୍ତି। ଏହାର ଜବାବରେ ଭଗବନ୍ତ ମାନ କହିଛନ୍ତି, ଗତ ସାଢେ ଚାରି ବର୍ଷରେ ପଞ୍ଜାବରେ ଗୋଟିଏ ବି ପେପର ଲିକ୍ ହୋଇନାହିଁ। କେବଳ ଦୁଇଟି ସ୍ଥାନରେ ନକଲ ଉଦ୍ୟମ ଧରାପଡ଼ିଥିଲା ଏବଂ ୧୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ କହିଛନ୍ତି, ପେପର ଲିକ୍ ନେଇ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ ଓ ଭୁଲ୍ ପ୍ରଚାର। ଆମ୍ ଆଦମୀ ପାର୍ଟି ମଧ୍ୟ ବିଜେପି ଓ କଂଗ୍ରେସ ଉପରେ ମିଥ୍ୟା ଅଭିଯୋଗ କରି ଲୋକଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରୁଥିବା ଅଭିଯୋଗ ଆଣିଛି।

# ନିର୍ବାଚନ ଲଢ଼ିବା ବୟସ ୨୧ କରିବାକୁ ତେଲଙ୍ଗାନାର ପ୍ରସ୍ତାବ

ହାଇଦରାବାଦ,୨୬ ।୭ (ଏଜେନ୍ସି): ଲୋକସଭା ଓ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ସର୍ବନିମ୍ନ ବୟସ ସୀମାକୁ ୨୫ ବର୍ଷରୁ ୨୧ ବର୍ଷକୁ ହ୍ରାସ କରିବା ପ୍ରସ୍ତାବ ଆଣିବାକୁ ତେଲଙ୍ଗାନା ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ଅଗଷ୍ଟ ପ୍ରଥମ ସପ୍ତାହରେ ବିଧାନସଭା ଓ ବିଧାନ ପରିଷଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଏହି ପ୍ରସ୍ତାବ ପାରିତ କରାଯିବ। ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ ହାଇଦରାବାଦରେ ଆୟୋଜିତ ଏକ କ୍ୟାଣ୍ଡେଲ୍ ରାଲିରେ ଯୋଗଦେଇ ରେବନ୍ତ ରେଡ୍ଡୀ କହିଛନ୍ତି, ଦେଶର ପ୍ରାୟ ୩୦ ପ୍ରତିଶତ ଜନସଂଖ୍ୟା ଯୁବବର୍ଗ ହୋଇଥିଲେ ମଧ୍ୟ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ୧ ପ୍ରତିଶତରୁ କମ୍। ସେ କହିଛନ୍ତି, ୨୧ ବର୍ଷ ବୟସର ଯୁବକମାନେ ଆଇଏଏସ୍, ଆଇପିଏସ୍, ମେୟର ଓ ଜିଲ୍ଲା ପରିଷଦ ସଭାପତି ହୋଇପାରୁଥିବାବେଳେ ବିଧାୟକ କିମ୍ବା ସାଂସଦ ହେବାର ସୁଯୋଗ ମଧ୍ୟ ପାଇବା ଉଚିତ୍। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ।



# ଇନ୍‌ଷ୍ଟା ବଦଳାଇଲା ଆନ୍ଦୋଳନର ଧାରା

**ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ଦୀର୍ଘଦିନ ଧରି ଦେଶର ଯୁବପିଢ଼ିକୁ ସାମାଜିକ ଗଣମାଧ୍ୟମ ଓ ମୋବାଇଲ୍ ଫୋନ୍‌ରେ ବ୍ୟସ୍ତ ରହୁଥିବା ଏକ ଅସଚେତନ ଗୋଷ୍ଠୀ ଭାବେ ଦେଖାଯାଉଥିଲା। କିନ୍ତୁ ଯନ୍ତରମନ୍ତରରେ ହୋଇଥିବା ଏହି ଆନ୍ଦୋଳନ ଦୃଷ୍ଟିକୋଣ ବଦଳାଇଛି ଓ ଭାରତୀୟ ଗଣତନ୍ତ୍ର ଏବଂ ରାଜନୀତି ପାଇଁ ଛଅଟି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି।**

**ଜେନ୍-ଜି ଆନ୍ଦୋଳନରୁ ୬ଟି ବଡ଼ ଶିକ୍ଷା**

**୧. ଯୁବଶକ୍ତିର ସାମର୍ଥ୍ୟକୁ କେବେହେଲେ ଦୁର୍ବଳ ଭାବନ୍ତୁ ନାହିଁ**

ଯେଉଁ ସାମାଜିକ ଗଣମାଧ୍ୟମକୁ ବ୍ୟର୍ଥ ବୋଲି କୁହାଯାଉଥିଲା, ତାହାହିଁ ସଂଗଠିତ ହେବାର ମୁଖ୍ୟ ହାତିଆର ପାଲଟିଲା। ଇନଷ୍ଟାଗ୍ରାମ୍ ଭିଡିଓ, ମିମ୍ ଏବଂ ୟୁଟ୍ୟୁବ୍ ପ୍ରସାରଣ ଜରିଆରେ କୌଣସି ରାଜନୈତିକ ଦଳ ଅପେକ୍ଷା ଅଧିକ ଦ୍ରୁତ ଗତିରେ ତଥ୍ୟ ପହଞ୍ଚିପାରିଲା। କୌଣସି ବଡ଼ ନେତା ନୁହଁନ୍ତି, ବରଂ ଭବିଷ୍ୟତକୁ ନେଇ ଚିନ୍ତିତ ସାଧାରଣ ଛାତ୍ରମାନେ ଏହାର ନେତୃତ୍ୱ ନେଇଥିଲେ।

**୨. ଶିକ୍ଷା ସଙ୍କଟ ସାଜିଲା ମୁଖ୍ୟ ରାଜନୈତିକ ସମସ୍ୟା ବା ମୁଦ୍ଦା**

ପ୍ରଶ୍ନପତ୍ର ପ୍ରକାଶ ପାଇବା, ଫଳାଫଳରେ ବିଳମ୍ବ ଏବଂ କୋଚିଂ ସଂସ୍ଥାଗୁଡ଼ିକର ଶୋଷଣକୁ ପୂର୍ବରୁ ଛୋଟଘଟଣା ଭାବେ ଏଡ଼ାଇ ଦିଆଯାଉଥିଲା। ମାତ୍ର ଏହି ଆନ୍ଦୋଳନ ସମସ୍ତ ବ୍ୟକ୍ତିଗତ ଅସନ୍ତୋଷକୁ ଏକାଠି କରି ପ୍ରମାଣିତ କଲା ଯେ ଦେଶର ଶିକ୍ଷା ବ୍ୟବସ୍ଥା ଭିତରୁ ନଷ୍ଟ ହୋଇସାରିଛି। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଶିକ୍ଷାର ଗୁଣବତ୍ତା ଓ ସ୍ୱଚ୍ଛତା ନିର୍ବାଚନୀ ମୁଦ୍ଦା ପାଲଟିଛି।

**୩. ଜନମତକୁ ସର୍ବଦା ଅସ୍ୱୀକାର କରି ଶାସନ ଚାଲିପାରିବ ନାହିଁ**

ସମାଲୋଚକଙ୍କ ସ୍ୱରକୁ ଚାପିଦେବା କିମ୍ବା ଷଡ଼ଯନ୍ତ୍ରର ଆଖ୍ୟା ଦେବା ନୀତି ଏଥର କାମ କଲାନାହିଁ। କାରଣ ପ୍ରତ୍ୟେକ ପରିବାର ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ପିଲାଙ୍କ କଷ୍ଟ ଓ ସଂଗ୍ରାମ ସହ ପରିଚିତ। ସରକାର ସମୟ ଥାଉଁ ଥାଉଁ ଭୁଲ୍ ସ୍ୱୀକାର ନକରିବାରୁ ପ୍ରଶାସନ ଉପରୁ ଜନସାଧାରଣଙ୍କ ଆସ୍ଥା ହ୍ରାସ ପାଇଲା।

**୪. ବ୍ୟକ୍ତିକେନ୍ଦ୍ରିକ ନୁହେଁ, ଗୋଷ୍ଠୀଗତ ନେତୃତ୍ୱ ମଧ୍ୟ ସଫଳ ହୋଇପାରେ**

ଏହି ଆନ୍ଦୋଳନରେ କୌଣସି ଜଣେ ନିର୍ଦ୍ଦିଷ୍ଟ ବଡ଼ ନେତା ନଥିଲେ। ଶହ ଶହ ଯୁବକ ସ୍ୱତଃସ୍ଫୂର୍ତ୍ତ ଭାବେ ଆସି ପ୍ରମାଣ ସଂଗ୍ରହ, ସମ୍ବାଦପତ୍ର ସହ ଆଲୋଚନା ଓ ପ୍ରତିବାଦର ପରିଚାଳନା କରିଥିଲେ। ପାରମ୍ପରିକ ରାଜନୈତିକ ଦଳଗୁଡ଼ିକ ପାଇଁ ଏହା ଏକ ବଡ଼ ଶିକ୍ଷା ଯେ ସାମ୍ପ୍ରତିକ ଯୁଗରେ ନେତୃତ୍ୱ କେବଳ ପଦବୀରୁ ନୁହେଁ, ବରଂ ଦକ୍ଷତା ଓ ନିଷ୍ଠାରୁ ଆସିଥାଏ।

**୫. ନାଗରିକଙ୍କ ନିରନ୍ତର ସଂଗ୍ରାମ ଆଗରେ ସରକାର ନଇଁବାକୁ ବାଧ୍ୟ**

ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଆନନ୍ଦୋଳନ ଦ୍ୱାରା ଦେଶର ଶାସକବର୍ଗଙ୍କୁ ଶୁଣିବାକୁ ବାଧ୍ୟ କରାଯାଇପାରିବ, ତାହା ଏହି ସଂଗ୍ରାମ ପ୍ରମାଣିତ କରିଛି। କେବଳ ଜଣେ ମନ୍ତ୍ରୀଙ୍କ ଇସ୍ତଫା ଦ୍ୱାରା ଶିକ୍ଷା ବ୍ୟବସ୍ଥା ସୁଧୁରିଯିବ ନାହିଁ, ମାତ୍ର ଏହି ବିଜୟ ସାଧାରଣ ନାଗରିକଙ୍କୁ ଗଣତନ୍ତ୍ରର ଶକ୍ତି ବାବଦରେ ସଚେତନ କରାଇଛି।

**୬. ସମ୍ବାଦ ବାହକଙ୍କ ଏକଚାଟିଆ ପ୍ରଭାବ ଭାଙ୍ଗିଗଲା**

ମୁଖ୍ୟସ୍ରୋତର ଗଣମାଧ୍ୟମ ଏହି ବିଦ୍ରୋହକୁ ପ୍ରଥମେ ପ୍ରାଧାନ୍ୟ ଦେଇନଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ୍ ମାଧ୍ୟମ ଜରିଆରେ ଏହି ସ୍ୱର ଦେଶବ୍ୟାପୀ ପହଞ୍ଚିପାରିଲା। ଛୋଟ ଛୋଟ ଭିଡିଓ ସନ୍ଦେଶ ଦ୍ୱାରା ମଧ୍ୟ ଦେଶର ରାଜନୈତିକ ଚିନ୍ତାଧାରାକୁ ବଦଳାଯାଇପାରିବ, ତାହା ସ୍ପଷ୍ଟ ହୋଇଯାଇଛି।

ଏହି ଯୁବ ବିଦ୍ରୋହ ଦେଶର ରାଜନେତାମାନଙ୍କ ପାଇଁ ଏକ ଚେତାବନୀ ଏବଂ ସୁଯୋଗ। ଯୁବପିଢ଼ି କେବଳ ପ୍ରଶଂସା କିମ୍ବା ଆଶ୍ୱାସନା ଚାହୁଁନାହାଁନ୍ତି, ସେମାନେ ନିରପେକ୍ଷତା, ସ୍ୱଚ୍ଛତା ଓ ସମ୍ମାନ ଚାହୁଁଛନ୍ତି। ନିଜର ଭବିଷ୍ୟତ ପାଇଁ ସାଧାରଣ ଯୁବକମାନେ ଏକାଠି ହୋଇ ସ୍ୱର ଉତ୍ତୋଳନ କଲେ କ୍ଷମତାର ଶୀର୍ଷରେ ଥିବା ବ୍ୟକ୍ତି ମଧ୍ୟ ଜନମତକୁ ସମ୍ମାନ ଦେବାକୁ ବାଧ୍ୟ, ଏହାହିଁ ଏହି ଆନନ୍ଦୋଳନର ସବୁଠାରୁ ବଡ଼ ସନ୍ଦେଶ।

# ୭୨ ଘଣ୍ଟାରେ ବଦଳିଗଲା ସମୀକରଣ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେଶର ରାଜନୈତିକ ଓ ଶିକ୍ଷା କ୍ଷେତ୍ରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶ୍ନପତ୍ର ଲିକ୍ ପରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ହେଁ କେନ୍ଦ୍ର ସରକାର ତାହାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ତାଙ୍କ ଇସ୍ତଫା ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ଏହାପରେ ଯନ୍ତରମନ୍ତର ସମେତ ଉତ୍ତରପ୍ରଦେଶ, ବିହାର, ପଞ୍ଜାବ ଓ ଅନ୍ୟାରାଜ୍ୟରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।

ଜାତୀୟସ୍ତରର କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ ୨୨ ତାରିଖ ରାତିରେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ ନିଷ୍ପତ୍ତି ନିଆଯାଇଥିଲା। ସେହିଦିନ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଦୁଇ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ଓ ଜିତେନ୍ଦ୍ର ସିଂହଙ୍କ ସହ ଆର୍‌ଏସ୍ଏସ୍ ସରକାର୍ଯ୍ୟବାହୀ ଦତ୍ତାତ୍ରେୟ ହସବୋଲେ, ସହ ସରକାର୍ଯ୍ୟବାହୀ ଅରୁଣ କୁମାର ଓ କୃଷ୍ଣ ଗୋପାଳଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବିଜେପି କାର୍ଯ୍ୟାଳୟ ଓ ସଂଘ କାର୍ଯ୍ୟାଳୟ ପରିବର୍ତ୍ତେ ଅନ୍ୟତ୍ର ଅନୁଷ୍ଠିତ ଏହି ବୈଠକରେ ବିସ୍ତୃତ ଭାବରେ ଛାତ୍ର ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଗୋପନ ବୈଠକରେ ପ୍ରଧାନମନ୍ତ୍ରୀ ନିଜେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପ୍ରସାରିତ କରିବେ ଓ ଦ୍ୱିତୀୟଟି ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତଦନୁସାରେ ବିଳମ୍ବିତ ରାତିରେ ପ୍ରଧାନମନ୍ତ୍ରୀ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭିଡ଼ିଓ ଅପଲୋଡ଼ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ନଡ୍ଡା ଓ ଜିତେନ୍ଦ୍ର ସିଂହ ଆଲୋଚନା ପ୍ରସ୍ତାବକୁ ଗ୍ରହଣ କରି କନ୍‌ଷ୍ଟିଚ୍ୟୁସନ କ୍ଲବରେ ଦୁଇ ଛାତ୍ର ନେତାଙ୍କ ସହ ଆଲୋଚନା କରିଥିଲେ ବୋଲି କୁହାଯାଉଛି।

ଅନ୍ୟଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ କକ୍ରୋଚ୍ ପାର୍ଟି ଆନ୍ଦୋଳନ ଆରମ୍ଭ ହେବାଦିନ ଠାରୁ

**ଦୁଇଥର ପ୍ରତ୍ୟାଖ୍ୟାନ ହୋଇଥିଲା ଧର୍ମେନ୍ଦ୍ରଙ୍କ ଇସ୍ତଫା**



ଧର୍ମେନ୍ଦ୍ର ଇସ୍ତଫା ଦେବାକୁ ଚାହିଁଥିଲେ। ମାତ୍ର ସରକାର ସମସ୍ୟାର ସମାଧାନ ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରାଥମିକତା ଦେଇ ତାଙ୍କୁ ଦାୟିତ୍ୱରେ ରହିବାକୁ କହିଥିଲେ। ତେଣୁ ସରକାର ଶିକ୍ଷା ସଚିବଙ୍କୁ ବିଦା କରିବା ସହିତ ରାତାରାତି ଏନଟିଏର ୪୭ ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଏହାର କକ୍ରୋଚ୍ ପାର୍ଟି ନେତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା।

ସେମାନେ ଜଣାଇଦେଇଥିଲେ ଯେ ଧର୍ମେନ୍ଦ୍ର ଇସ୍ତଫା ନଦେଲେ ସେମାନେ ପ୍ରଧାନମନ୍ତ୍ରୀଙ୍କର ଇସ୍ତଫା ଦାବି କରିବେ। ଏଥିପାଇଁ ସେମାନେ ସରକାରଙ୍କୁ ୭୨ ଘଣ୍ଟାର ସମୟ ଦେବା ସହିତ ଚେତାବନୀ ଦେଇଥିଲେ ଯେ ଏହି ସମୟ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ସେମାନେ ପୁଣି 'ସଂସଦ ଚଲୋ' ଭଳି ବୃହତ୍ ପ୍ରତିବାଦ ଯାତ୍ରା ବାହାର କରିବେ। ଏହାକୁ ନେଇ ସରକାର ଅଡୁଆରେ ପଡ଼ିଯାଇଥିଲେ।

ଗୁଇନ୍ଦା ବିଭାଗ ମଧ୍ୟ ରିପୋର୍ଟ ଦେଇଥିଲା ଯେ ଜୁଲାଇ ୨୦ କାର୍ଯ୍ୟାନୁଷ୍ଠାନ ପରେ ଆନ୍ଦୋଳନକାରୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଯନ୍ତର ମନ୍ତରରେ ଭିଡ଼ ବଢ଼ିବାରେ ଲାଗିଛି। ଏହାସହିତ ଦେଶସାରା ଆନ୍ଦୋଳନ ମଧ୍ୟ ବ୍ୟାପିବାରେ ଲାଗିଛି। ଏଭଳି ସ୍ଥଳରେ ଆନ୍ଦୋଳନକାରୀ ପୁଣି ସଂସଦ ଆଡ଼କୁ ଆସିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଗୁଇନ୍ଦା ରିପୋର୍ଟ ଏବଂ କକ୍ରୋଚ୍ ପାର୍ଟିର ଜିଦ୍ ଯୋଗୁଁ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ କରିବାକୁ ସ୍ଥିର କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁପାରିସ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧର୍ମେନ୍ଦ୍ରଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ।

# ଏହା କେବଳ ଆରମ୍ଭ ମାତ୍ର: ଅଭିଜିତ୍



ନୂଆଦିଲ୍ଲୀ,୨୬ ।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଏବଂ ସରକାର ଅନ୍ୟ ଦାବିଗୁଡ଼ିକୁ ମାନିନେବା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ଆନ୍ଦୋଳନ ପ୍ରତ୍ୟାହୃତ କରିଛି। ଏହି ସଫଳତା ପରେ ପାର୍ଟିର ସଂସ୍ଥାପକ ତଥା ୩୦ ବର୍ଷୀୟ ଅଭିଜିତ୍ ଦୀପକେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ଜାରି କରି ସମସ୍ତ ସମର୍ଥକଙ୍କୁ ଧନ୍ୟବାଦ ଜଣାଇବା ସହ ଏହାକୁ 'କେବଳ ଆରମ୍ଭ' ବୋଲି ଆଖ୍ୟା ଦେଇଛନ୍ତି। ଆନ୍ଦୋଳନର ୩୭ ଦିନ ଅତ୍ୟନ୍ତ କଷ୍ଟକର ଥିଲା ବୋଲି ଦୀପକେ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ପରେ ଆଜି ସକାଳେ କୌଣସି ଚିନ୍ତା ନଥାଇ ଶାନ୍ତିରେ ଶୋଇ ଉଠିଥିବା କଥା ସେ କହିଛନ୍ତି। ଟାଇଫଏଡ୍‌ରେ ପୀଡ଼ିତ ଥିବା ସତ୍ତ୍ୱେ ଦୀପକେ ଯନ୍ତରମନ୍ତରରେ ଏକାଠି ହୋଇଥିବା ସମସ୍ତ ଯୁବପିଢ଼ି ଓ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ସମାଲୋଚକଙ୍କୁ ଉତ୍ତର ଦେଇ ସେ କହିଛନ୍ତି ଯେ ସମାଲୋଚନା ହିଁ ସେମାନଙ୍କୁ ଭୁଲ ସୁଧାରିବାକୁ ଏବଂ ଆନ୍ଦୋଳନକୁ ସଫଳ କରିବାରେ ସାହାଯ୍ୟ କରିଛି। ଚଳିତ ବର୍ଷ ମେ' ମାସରେ ଏକ ବ୍ୟଙ୍ଗାତ୍ମକ ପ୍ରତିକ୍ରିୟାରୁ ଆରମ୍ଭ ହୋଇଥିବା ଏହି 'କକ୍ରୋଚ୍ ଜନତା ପାର୍ଟି' କମ୍ ସମୟ ମଧ୍ୟରେ ଦେଶର ଲକ୍ଷ ଲକ୍ଷ ଜେନ୍-ଜି (ଯୁବପିଢ଼ି)ଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିପାରିଥିଲା। ସରକାରଙ୍କ ପ୍ରତିଶ୍ରୁତି ପରେ ବିକ୍ଷୋଭ ଶେଷ ହୋଇଛି। ତେବେ ସିଜେପିର ଆଗାମୀ ଯାତ୍ରା ଏତିକିରେ ସରିନାହିଁ ଏବଂ ଆଗକୁ ଏହା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦା ତଥା ସମସ୍ୟା ଉପରେ କାର୍ଯ୍ୟ କରିବ ବୋଲି ଦୀପକେ ସ୍ପଷ୍ଟ କରିଛନ୍ତି।

# ନିଟ୍ ପ୍ରତିବାଦ ମାମଲାରେ ତେଜ ପ୍ରତାପ ଗିରଫ


ପାଟନା/କୋଲକାତା, ୨୬ ।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧୀ ପ୍ରତିବାଦରେ ସମ୍ପୃକ୍ତି ଅଭିଯୋଗରେ

**ପ୍ରତିଶ୍ରୁତି ସତ୍ତ୍ୱେ ଗିରଫଦାରୀ, କୋଲକାତାରେ ଚଢ଼ଉ**



ବିହାରର ପୂର୍ବତନ ମନ୍ତ୍ରୀ ଏବଂ ଜନଶକ୍ତି ଜନତା ଦଳ (ଜେଜେଡି) ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ଓକିଲଙ୍କ ଦାବି ଅନୁଯାୟୀ, ଜୁଲାଇ ୨୫ ସନ୍ଧ୍ୟାରେ ପାଟନାର ଏକ ମଲ୍‌ରୁ ତାଙ୍କୁ ଗିରଫ କରାଯାଇଥିଲା, ଯେତେବେଳେ ଏଫ୍ଆଇଆର୍ ପରଦିନ ରୁଜୁ ହୋଇଥିଲା। ପୁଲିସ ଅଭିଯୋଗ କରିଛି ଯେ, ତେଜ ପ୍ରତାପଙ୍କ କାର୍ଯ୍ୟକଳାପ ଯୋଗୁଁ ନିଟ୍ ପ୍ରତିବାଦ ଉଗ୍ର ହୋଇ ସରକାରୀ ସମ୍ପତ୍ତିର କ୍ଷତି ଘଟିଥିଲା। ତାଙ୍କୁ ରବିବାର ଅଦାଲତରେ ହାଜର କରାଯିବା ପରେ ନ୍ୟାୟିକ ହେପାଜତକୁ ପଠାଯାଇଛି। ଜନ ସୁରାଜ ପାର୍ଟିର ସଂସ୍ଥାପକ ପ୍ରଶାନ୍ତ କିଶୋର ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ସମର୍ଥନ କରିଥିବାରୁ ତେଜ ପ୍ରତାପଙ୍କୁ ଗିରଫ କରାଯାଇଛି। ସେପଟେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପଶ୍ଚିମବଙ୍ଗରେ ପୁଲିସ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ଓ ୧୪ ଜଣଙ୍କୁ ଗିରଫ କରିଛି।

# ୧୩ ଦିନ ପରେ ଆକ୍ରମଣ ସ୍ଥଗିତ ରଖିଲେ ଟ୍ରମ୍ପ



ନୂଆଦିଲ୍ଲୀ,୨୬ ।୭ (ଏଜେନ୍ସି): ଇରାନ ଉପରେ କ୍ରମାଗତ ୧୩ ଦିନ ଧରି ଚାଲିଥିବା ସାମରିକ ଆକ୍ରମଣକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। କୂଟନୈତିକ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ପେଣ୍ଟାଗନ୍‌ରେ ମିସାଇଲ୍ ସଂରକ୍ଷଣ ହ୍ରାସ ପାଇବା ଏହି ନିଷ୍ପତ୍ତିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଅନୁସାରେ, ସାମରିକ ଆକ୍ରମଣର ସୀମା ପହଞ୍ଚିସାରିଛି ଏବଂ ଏବେ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବା ଆମେରିକାର ମୁଖ୍ୟ ଲକ୍ଷ୍ୟ। ମଧ୍ୟପ୍ରାଚ୍ୟରେ ମୁତୟନ ଆମେରିକୀୟ ସେନା ପାଖରେ 'ପାଟ୍ରିଓଟ୍' ଆକାଶ ପ୍ରତିରକ୍ଷା ମିସାଇଲ୍‌ର ଅଭାବ ଦେଖାଦେଇଛି। ନିକଟରେ ୧,୨୦୦ରୁ ଅଧିକ ମିସାଇଲ୍ ବ୍ୟବହାର ହୋଇସାରିଥିବାରୁ ଅଧିକ ଆକ୍ରମଣ କଲେ ଯୁଦ୍ଧାସ୍ତ୍ରର ଘୋର ଅଭାବ ହେବ ବୋଲି ପେଣ୍ଟାଗନ୍ ଅଧିକାରୀମାନେ ଚେତାବନୀ ଦେଇଥିଲେ। ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ସାମରିକ ନେତାମାନେ ଯୁଦ୍ଧକୁ ବ୍ୟାପକ ନକରିବା

**ସରିଗଲା କ୍ଷେପଣାସ୍ତ୍ର ?**

ପାଇଁ ଟ୍ରମ୍ପଙ୍କୁ ପରାମର୍ଶ ଦେଇଥିଲେ। ହର୍ମୁଜ୍ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଓମାନର ଏକ ପ୍ରତିନିଧି ଦଳ ତେହରାନ୍‌ରେ ପହଞ୍ଚି ଆଲୋଚନା ଆରମ୍ଭ କରିଛନ୍ତି। ଯଦିଓ ବର୍ତ୍ତମାନ ପାଇଁ ଆକ୍ରମଣ ସ୍ଥଗିତ ରହିଛି, ତଥାପି ଆମେରିକା ନିଜର ସାମରିକ ବିକଳ୍ପ ସମ୍ପୂର୍ଣ୍ଣ ବନ୍ଦ କରିନାହିଁ। କୂଟନୈତିକ ଆଲୋଚନା ବିଫଳ ହେଲେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିଛି।

# ଶତ୍ରୁ ଷଡ଼ଯନ୍ତ୍ରର ଜବାବ ଦେବାକୁ ଭାରତୀୟ ସେନା ପ୍ରସ୍ତୁତ

ଦ୍ରାସ,୨୬ ।୭ (ଏଜେନ୍ସି):

କାର୍ଗିଲ ବିଜୟ ଦିବସର ୨୭ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶନିବାର ଲଦାଖର ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। 'ଶୌର୍ଯ୍ୟ ସନ୍ଧ୍ୟା' କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଭାରତ ବିରୋଧରେ ଅନୁପ୍ରବେଶ ଓ ପ୍ରକ୍ସି ଯୁଦ୍ଧର ଷଡ଼ଯନ୍ତ୍ର ଏବେ ବି ଜାରି ରହିଛି, କିନ୍ତୁ ଦେଶର ସଶସ୍ତ୍ର ବାହିନୀ ପ୍ରତ୍ୟେକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜନାଥ ସିଂହ କହିଛନ୍ତି, ସରକାର ସଶସ୍ତ୍ର ବାହିନୀର ଆଧୁନିକୀକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ଓ ନବସୃଜନ ମାଧ୍ୟମରେ ଭାରତୀୟ ସେନାକୁ ବିଶ୍ୱର ସର୍ବଶ୍ରେଷ୍ଠ ସେନାରେ ପରିଣତ କରିବା ଲକ୍ଷ୍ୟ ରହିଛି। ସେ କହିଛନ୍ତି, 'ଭାରତ ନବସୃଜନର ନୂଆ ନୂଆ ପଥ ଖୋଜୁଛି। ଯଦି କୌଣସି ଶତ୍ରୁ ଭାରତର ସୁରକ୍ଷାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ, ତାହାର ଉଚିତ୍ ଜବାବ ଦେବା ପାଇଁ ଆମର ସଶସ୍ତ୍ର ବାହିନୀ ସର୍ବଦା ପ୍ରସ୍ତୁତ।' ପ୍ରତିରକ୍ଷାମନ୍ତ୍ରୀ ସେନାରୁ 'ବଡ଼ା ଖାନା' ପରମ୍ପରାର ପ୍ରଶଂସା କରି କହିଛନ୍ତି, ଏହା ଅଧିକାରୀ ଓ ଯବାନଙ୍କ ମଧ୍ୟରେ ଏକତା ଓ ଦଳଗତ ଭାବନାକୁ ମଜବୁତ କରେ। ସେ ଦ୍ରାସରେ ଯବାନମାନଙ୍କ ସହ ଭୋଜନ ମଧ୍ୟ କରିଥିଲେ।



# ଚୀନରେ ବାତ୍ୟା 'ନୋଉଲ୍' ତାଣ୍ଡବ

ବେଜିଂ,୨୬ ।୭ (ଏଜେନ୍ସି): ଚୀନର ଦକ୍ଷିଣ ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ରବିବାର ଟାଇଫୁନ୍ ତଥା ବାତ୍ୟା 'ନୋଉଲ୍' ସ୍ଥଳଭାଗ ଛୁଇଁବା ପରେ ପ୍ରବଳ ବର୍ଷା ଓ ଝଡ଼ ପବନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି



**ଆକସ୍ମିକ ବନ୍ୟାରେ ୧୦ ମୃତ, ଶହ ଶହ ବିମାନ, ଟ୍ରେନ୍ ବାତିଲ୍**

ଘଟିଛି। ଗାନସୁ ପ୍ରଦେଶରେ ଆକସ୍ମିକ ବନ୍ୟାରେ ଅତିକମରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦକ୍ଷିଣ ଚୀନରେ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଛି। ହୁଇଝୋଉ ସହର ନିକଟରେ ଘଣ୍ଟାପ୍ରତି ୧୬୨ କିଲୋମିଟର ବେଗର ପବନ ସହ ଟାଇଫୁନ୍ ସ୍ଥଳଭାଗ ଅତିକ୍ରମ କରିଥିଲା। ଏହା ପରେ ୪୧୦ରୁ ଅଧିକ ବିମାନ ଓ ୧୫୦ଟି ହାଇସ୍ପିଡ୍ ଟ୍ରେନ୍ ସେବା ବାତିଲ୍ କରାଯାଇଥିଲା। ହଂକଂରେ ୨୮ଟି ଅସ୍ଥାୟୀ ଆଶ୍ରୟକେନ୍ଦ୍ର ଖୋଲାଯାଇଛି। ଚୀନ ସରକାର ଗୁଆଙ୍ଗଡୋଙ୍ଗରେ ଲେଭେଲ-୪ ଜାତୀୟ ବିପର୍ଯ୍ୟୟ ରିଲିଫ୍ ବ୍ୟବସ୍ଥା ଲାଗୁ କରିଥିବାବେଳେ ଫୁଜିଆନ୍, ଜିଆଙ୍ଗସି, ହେନାନ୍, ହୁବେଇ, ହୁନାନ୍ ଓ ଗୁଆଙ୍ଗସି ପ୍ରଦେଶରେ ମଧ୍ୟ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇଛି।

# ରଡ୍ କାରଖାନାରେ ବିସ୍ଫୋରଣ; ୪ ଶ୍ରମିକ ମୃତ

ସିଲଚର,୨୬ ।୭ (ଏଜେନ୍ସି): ଆସାମର କାଛାର ଜିଲ୍ଲାର ଏକ ରଡ୍ ନିର୍ମାଣ କାରଖାନାରେ ରବିବାର ଘଟିଥିବା ଭୟଙ୍କର ବିସ୍ଫୋରଣରେ ଅତିକମରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶ୍ରମିକ ଆହତ ହୋଇଛନ୍ତି। ଉଧାରବନ୍ଦ ଥାନା ଅନ୍ତର୍ଗତ ପାଗ୍ରାମ ସ୍ଥିତ କେଡେ ଗ୍ଲୋବାଲ୍ ଇନଫ୍ରାଷ୍ଟ୍ରକଚର୍ ଏଲଏଲପି କାରଖାନାରେ ପୂର୍ବାହ୍ନ ପ୍ରାୟ ୧୧.୩୦ଟାରେ ଏହି ବିସ୍ଫୋରଣ ଘଟିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣା ପରେ ପୁଲିସ, ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। କାରଖାନା ଭିତରେ ଆହୁରି ଶ୍ରମିକ ଥିବା ଆଶଙ୍କା କରାଯାଉଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅଧିକାରୀମାନେ କହିଛନ୍ତି।

# ପ୍ରଶାସନିକ ବିଳମ୍ବର କରୁଣ ପରିଣତି

# ଭତ୍ତା ପାଇବାର ଦିନକ ଆଗରୁ ଆଖି ବୁଜିଲେ ଦିବ୍ୟାଙ୍ଗ ଶିଶୁ



ଥୁଆମୂଳ ରାମପୁର,୨୬ ।୭(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନ ଅଡ୍ରୀ ପଞ୍ଚାୟତର ଟାଙ୍ଗରୀ ଗ୍ରାମର ଏକ ଘଟଣା ଏବେ ପ୍ରଶାସନିକ ଅବ୍ୟବସ୍ଥାକୁ ପଦାରେ ପକାଇଛି। ଉକ୍ତ ଗ୍ରାମର ଜନ୍ମରୁ ଭିନ୍ନକ୍ଷମ ଥିବା ସୁନୀଲ(୭)ଙ୍କୁ ପ୍ରାୟ ଦୁଇବର୍ଷ ପୂର୍ବରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା। ନିୟମ ଅନୁଯାୟୀ ସେ ସାମାଜିକ ସୁରକ୍ଷା ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବାରମ୍ବାର ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟ ଦୌଡ଼ିବା ପରେ ମଧ୍ୟ ତାଙ୍କୁ ଭତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ଗତ ମେ'୨୫ରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜୁଲାଇ ୨ ତାରିଖରେ ପ୍ରଶାସନ ପକ୍ଷରୁ ସୁନୀଲଙ୍କ ଭତ୍ତା ମଞ୍ଜୁର କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ, ସରକାରୀ ସହାୟତା ହାତକୁ ଆସିବା ପୂର୍ବରୁ ୩ ତାରିଖରେ ସୁନୀଲଙ୍କ ମୃତ୍ୟୁ ଘଟିଛି। ଫଳରେ ଜଣେ ଯୋଗ୍ୟ ହିତାଧିକାରୀ ଜୀବନ୍ତ ଅବସ୍ଥାରେ ସରକାରୀ ସହାୟତାର ସୁଫଳ ପାଇପାରିଲେ ନାହିଁ। ସୁନୀଲଙ୍କ ବାପା ଉଦେ ମାଝୀ ଜଣେ ଅତି ଗରିବ ଆଦିବାସୀ ପରିବାରର ହୋଇଥିବାରୁ ପୁଅର ଚିକିତ୍ସା ଓ ଦେଖାଶୁଣା କରିବାରେ ଅନେକ କଷ୍ଟ ସହିଥିଲେ। ଯଦି ସମୟରେ ଭତ୍ତା ମିଳିଥାନ୍ତା, ପରିବାରକୁ କିଛି ଆର୍ଥିକ ସହାୟତା ମିଳିପାରିଥାନ୍ତା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ଘଟଣା ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ହେଉଥିବା ବିଳମ୍ବ ଓ ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି। ଦୁର୍ଗମ ଅଞ୍ଚଳର ଅନେକ ଯୋଗ୍ୟ ଭିନ୍ନକ୍ଷମ, ବୃଦ୍ଧ ଓ ଅସହାୟ ହିତାଧିକାରୀ ବର୍ଷ ବର୍ଷ ଧରି ଭତ୍ତା ପାଇଁ ଅପେକ୍ଷା କରୁଥିବା ବେଳେ, କେତେକ କ୍ଷେତ୍ରରେ ସହାୟତା ମିଳିବା ପୂର୍ବରୁ ସେମାନଙ୍କ ଜୀବନ ଦୀପ ଲିଭିଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ପ୍ରଶାସନକୁ ଏପରି ଘଟଣାରୁ ଶିକ୍ଷା ନେଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନର ତୁରନ୍ତ ଯାଞ୍ଚ କରି ସମୟମଧ୍ୟରେ ଭତ୍ତା ପ୍ରଦାନ କରିବା ସହ ଦୁର୍ଗମ ଅଞ୍ଚଳରେ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତାକୁ ଅଧିକ ସକ୍ରିୟ କରିବାକୁ ଦାବି କରିଛନ୍ତି। ସୁନୀଲଙ୍କ ମୃତ୍ୟୁ କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ପ୍ରଶାସନିକ ବିଳମ୍ବର ଏକ କଠୋର ବାସ୍ତବତାକୁ ସାମ୍ନାକୁ ଆଣିଛି।

# ୭ ଦିନରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନ ଦେଲେ ଓଡ଼ିଶା ବନ୍ଦ

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟକୁ ପୁଣି ଫେରିଛି ପୁସ୍ତକ ତ୍ରୁଟି ପ୍ରସଙ୍ଗ। ଜେନ-ଜି ଆନ୍ଦୋଳନ ଯୋଗୁଁ କିଛି ଦିନ ହେବ ଏହି ଚର୍ଚ୍ଚିତ ପ୍ରସଙ୍ଗ ଥମିଯାଇଥିବା ବେଳେ ପୁଣି ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀ ଉଦ୍ୟମ ଆରମ୍ଭ କରିଛନ୍ତି। ଏମିତି କି ୭ ଦିନ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେଲେ ରାସ୍ତାକୁ ମଧ୍ୟ ଜେନ-ଜୀ ଆନ୍ଦୋଳନ ଆରମ୍ଭ ହେଲେ ଆନ୍ଦୋଳନର ସବୁ ଖର୍ଚ୍ଚ କଂଗ୍ରେସ ବହନ କରିବ । ଜେନ୍-ଜୀ ଆନ୍ଦୋଳନ ପରେ ବିଜେପିର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି ଏବଂ ସରକାରର ପତନ ଏବେ ସୁନିଶ୍ଚିତ। ବିଜେପି ସରକାର ଗରିବଙ୍କ ପାଇଁ ଥିବା ଯୋଜନାକୁ ବନ୍ଦ କରିଦେଇଛି ଏବଂ ଯୁବ ସମାଜକୁ ଅଣଦେଖା କରିଛି। ଯୁବକମାନେ

## ରାସ୍ତାକୁ ଓହ୍ଲାଇବ କଂଗ୍ରେସ, ଜୋରଦାର ହେବ ଆନ୍ଦୋଳନ

ଓହ୍ଲାଇବା ପାଇଁ କଂଗ୍ରେସ ଧମକ ଦେଇଛି। ଏହି ପ୍ରସଙ୍ଗରେ ଓଡ଼ିଶା ବନ୍ଦ ଡାକରା ଦିଆଯିବା ସହ ରାଜରାସ୍ତାରେ ଜୋରଦାର ଲଢ଼େଇ ହେବ ବୋଲି ଦଳ କହିଛି।

ନିଟ୍ ପେପର ଲିକ୍ ଓ ଏହାକୁ ନେଇ ଆନ୍ଦୋଳନ ପରେ ରବିବାର କେନ୍ଦ୍ରଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏହାପରେ ନୂଆ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ପ୍ରହ୍ଲାଦ ଯୋଶୀ ନେଇଛନ୍ତି । ପୂର୍ବ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ପରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ। ରାଜ୍ୟରେ ଆଜି ନିଜ ହକ୍ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ପିଲାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ନେଇ ସାରା ଦେଶରେ ବିଜେପି ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ଉକ୍ତ ଦାସ କହିଛନ୍ତି। ସେ ସରକାରଙ୍କୁ ଏକ ସପ୍ତାହର ସମୟ ଦେଇ କହିଛନ୍ତି ଯେ, ଯଦି ଆଗାମୀ ୭ ଦିନ ଭିତରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନଦିଅନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ କରାଯିବ ବୋଲି ସେ କହିଛନ୍ତି।

**ବିଇଡି କଲେଜରେ ନିଯୁକ୍ତି ଦୁର୍ନୀତି**

# ଯୋଗ୍ୟ ହେବାକୁ ୧୬୦ ଅଧ୍ୟାପକଙ୍କ ଆବେଦନ

ଭୁବନେଶ୍ୱର, ୨୬ ।୭(ସମିସ): ଏମ୍ଇଡି ଯୋଗ୍ୟତା ନ ଥାଇ ବିଇଡି କଲେଜରେ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍ଇଡି କରିବାକୁ ବିଭାଗ ପାଖରେ ଇଚ୍ଛାପତ୍ର ଦାଖଲ କରିଛନ୍ତି। ସମସ୍ତ ଅଯୋଗ୍ୟ ଅଧ୍ୟାପକଙ୍କୁ ଏମ୍ଇଡି ପଢ଼ାଇବାକୁ ଯୋଜନା ହୋଇଥିବାବେଳେ ଦିବାକର ପଟ୍ଟନାୟକ ଇନ୍ଷ୍ଟିଚ୍ୟୁଟ୍ ଇନ୍ ଆଡଭାନସଡ୍ ଏଜୁକେସନ୍ କଲେଜର ୪ ଜଣ, କୋରାପୁଟ୍‌ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୫ ଜଣ ମଧ୍ୟ ଏମ୍ଇଡି କରିବାକୁ ନିଜର ଇଚ୍ଛାପତ୍ର ଅଧ୍ୟକ୍ଷଙ୍କ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିଛନ୍ତି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍ଇଡି କରିବାକୁ ଇଚ୍ଛାପତ୍ର ଦାଖଲ କରିଥିବାରୁ ଏହି ସମସ୍ତ ଅଧ୍ୟାପକ

- ବଲାଙ୍ଗିରରୁ ସର୍ବାଧିକ ୧୧, ବ୍ରହ୍ମପୁରରେ ୪ ଓ କୋରାପୁଟ୍‌ରେ ୫
- ଚିଠି ପ୍ରଘଟ ଆଶଙ୍କା; ହ୍ୱାଟସ୍ଆପ୍‌ରେ ନିର୍ଦ୍ଦେଶ ଦେଉଛନ୍ତି ଅଧିକାରୀ
- ଇଚ୍ଛାପତ୍ର ମାଗିବା ଉଚ୍ଚଶିକ୍ଷା ବିଭାଗ ପାଇଁ ହୋଇପାରେ ଆତ୍ମଘାତୀ

ଅଯୋଗ୍ୟ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ଅପରପକ୍ଷରେ ଶିକ୍ଷକ ନିଯୁକ୍ତି ଦୁର୍ନୀତିକୁ ଘୋଡ଼ାଇବା ପାଇଁ ଅଧିକାରୀମାନେ ଆଉ ଏକ ସରଳ ଉପାୟ ବାହାର କରିଛନ୍ତି। ଆଉ ସରକାରୀ ଚିଠି ନୁହେଁ, ବରଂ ହ୍ୱାଟସ୍ଆପ୍ ମାଧ୍ୟମରେ ନିର୍ଦ୍ଦେଶ ଦେଉଛନ୍ତି। ଶିକ୍ଷକ ଶିକ୍ଷା ବିଭାଗରେ ଥିବା ଜଣେ ଅଧିକାରୀ ଏ ସଂକ୍ରାନ୍ତ ସମସ୍ତ ଚିଠି ଓ ଦ୍ୱନ୍ଦର ସ୍ପଷ୍ଟିକରଣ ହ୍ୱାଟସ୍ଆପ୍ ମାଧ୍ୟମରେ ରଖୁଛନ୍ତି। ଏପରିକି କୌଣସି ତଥ୍ୟ ଓ ନିର୍ଦ୍ଦେଶ ଯେପରି ବାହାରକୁ ନ ଯାଏ, ସେଥିପାଇଁ ତାଗିଦ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏତେ ପରିମାଣର ଅଧ୍ୟାପକ ଏମ୍ଇଡି କରିବାକୁ ଯିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ସଙ୍କଟ ହେବ। ସେହି ଅନୁସାରେ ଏନ୍‌ସିଟିଇ ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର କରିବାର ଆଶଙ୍କା ସୃଷ୍ଟି ହୋଇଛି।


ଅପରପକ୍ଷରେ ଏମ୍ଇଡି କରିବା ପାଇଁ ଅଧ୍ୟାପକଙ୍କ ଇଚ୍ଛାପତ୍ର ମାଗିବାକୁ ଉଚ୍ଚଶିକ୍ଷା ବିଭାଗର ଆତ୍ମଘାତୀ ପଦକ୍ଷେପ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଏନ୍‌ସିଟିଇ ରିପୋର୍ଟ ମାଗିଥିବାବେଳେ ଏବେ ସରକାର ଆଉ ଲୁଚାଇ ପାରିବେ ନାହିଁ। ବରଂ ଏମ୍ଇଡି କରି ନ ଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ସରକାର ନ ଦେଲେ ଅଧିକ ଅଡୁଆରେ ଛନ୍ଦି ହେବେ। ପୂର୍ବରୁ କିପରି ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଦେଇ ସ୍ୱୀକୃତି ହାତେଇଥିଲେ, ତାକୁ ନେଇ ଏନ୍‌ସିଟିଇ ଅଧିକ କଠୋର ହେବା ସହ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

ରାଜ୍ୟର ଏକାଧିକ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ଦୃଢ଼ୀଭୂତ ହୋଇଛି।

ଉଚ୍ଚଶିକ୍ଷା ବିଭାଗ ଗତ ୨୧ ତାରିଖରେ ଏମ୍ଇଡି କରି ନଥିବା ଅଧ୍ୟାପକଙ୍କ ତାଲିକା ମାଗିବା ସହ ୨୪ ତାରିଖ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତଦନୁଯାୟୀ ବଲାଙ୍ଗିର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ୧୧ ଜଣ ଅଧ୍ୟାପକଙ୍କ ସମ୍ମତି ପତ୍ର ଦାଖଲ କରାଯାଇଛି। ସେହିପରି ବ୍ରହ୍ମପୁରସ୍ଥିତ

# ଆଜିଠୁ +୩ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର, ୨୬ ।୭ (ସମିସ): ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ମହାବିଦ୍ୟାଳୟରେ +୩ ପାଠପଢ଼ା ଆରମ୍ଭ ହେବ। ନାମଲେଖା ପ୍ରକ୍ରିୟା ସରି ନ ଥିବାବେଳେ ପ୍ରଥମ ଦୁଇଟି ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ପ୍ରଥମ ଦିନରୁ ନିୟମିତ ଶ୍ରେଣୀରେ ଯୋଗଦେବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ପ୍ରଥମ ଦିନରୁ ଉପସ୍ଥାନ ଓ ପାଠପଢ଼ାକୁ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୧୦୫୫ଟି କଲେଜରେ ପ୍ରାୟ ୨ ଲକ୍ଷ ୮୭ ହଜାର ସିଟ୍ ଥିବାବେଳେ ୨ ଲକ୍ଷ ୩୭ ହଜାର ୨ଶହ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଆସନ୍ତା ୨୯ ତାରିଖରେ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ।




## ସରକାରଙ୍କ ଆଦେଶ ମାନୁନାହାନ୍ତି ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ

# ଛାତ୍ରାଛାତ୍ରୀଙ୍କଠାରୁ ଫି' ଆଦାୟ ନିର୍ଦ୍ଦେଶକୁ ନେଇ ବିବାଦ

ଯାଜପୁର,୨୬।୭(ସମିସ):

ରାଜ୍ୟର ସମସ୍ତ କେଜିରୁ ପିଜି ଶ୍ରେଣୀର ଛାତ୍ର ଛାତ୍ରଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଗତ ୧୪-୭-୨୦୨୬ରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ଗାଇଡ୍‌ଲାଇନ ଜାରି କରି ସମସ୍ତ ଶିକ୍ଷାନୁଷ୍ଠାନକୁ ଏ ନେଇ ଅବଗତ କରାଯାଇଥିଲା। ଯେଉଁଥିରେ ଛାତ୍ର ଛାତ୍ରୀଙ୍କ ପରୀକ୍ଷା ଫି', ଆଡମିଶନ, ରେଜିଷ୍ଟ୍ରେସନ ଏବଂ ଏନ୍‌ସିସି ପାଇଁ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଉଲ୍ଲେଖ ରହିଛି। ହେଲେ ଯାଜପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଦେବା ନେଇ ବିବାଦ ସୃଷ୍ଟି ହୋଇଛି। ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରୁ ପତ୍ରସଂଖ୍ୟା ୮୭୪୪/୨୩୭୭୨୦୨୬ରେ ସମସ୍ତ ମାଧ୍ୟମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ, ବେସରକାରୀ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ଓ ଅଧକ୍ଷ ଏବଂ ସଂସ୍କୃତ ବିଦ୍ୟାଳୟର ହେଡପଣ୍ଡିତମାନଙ୍କୁ ସ୍କୁଲ ରେଜିଷ୍ଟ୍ରେସନ ଫି', ଜୁନିୟର ରେଡ୍‌କ୍ରସ୍, ସ୍କାଉଟ ଆଣ୍ଡ ଗାଇଡ୍ ବାବଦ ଫି' ଆଦାୟ କରିବାକୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଛାତ୍ରାଛାତ୍ରୀ ପିଛା ଜୁନିୟର ରେଡ୍‌କ୍ରସ୍ ବାବଦକୁ ୧୦ ଟଙ୍କା, ସ୍କାଉଟ୍ ଆଣ୍ଡ ଗାଇଡ୍ ବାବଦକୁ ୧୨ ଟଙ୍କା ଏବଂ ସବସିଡାରୀ ଫି' ଅନୁସାରେ ଜୁନିୟର ରେଡ୍‌କ୍ରସ ବାବଦକୁ ୩.୫୦ ଟଙ୍କା, ରେଜିଷ୍ଟ୍ରେସନ ଫି' ୧୦ ଟଙ୍କା ଆଦାୟ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ କେବଳ ଏସ୍‌ସି ଓ ଏସ୍‌ଟି ବର୍ଗର ଛାତ୍ରାଛାତ୍ରୀଙ୍କୁ ବାଦ୍ ଦିଆଯାଇଛି। ଏଭଳି ଚିଠି ଜାରି କରିବାକୁ ଯାଜପୁର ଡିଇଓ କାହାଠାରୁ ନିର୍ଦ୍ଦେଶ ପାଇଲେ ତାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି।

ଫି' ଆଦାୟ ପାଇଁ ହୋଇଥିବା ଡିଇଓଙ୍କ ନିର୍ଦ୍ଦେଶ ପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଉପରୋକ୍ତ ସବସିଡାରୀ ଫି' ପରିମାଣ ୫-୮-୨୦୨୬ରୁ ୭-୮-୨୦୨୬ ମଧ୍ୟରେ ଯାଜପୁର ରାମମନ୍ଦିର ନିକଟ ଡିଷ୍ଟ୍ରିକ୍ଟ ସ୍କାଉଟ ଆଣ୍ଡ ଗାଇଡ୍ ଭବନରେ ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଜମା କରିବେ। ୫-୮-୨୦୨୬ରେ ଦାନଗଦୀ, କୋରେଇ ଓ ସୁକିନ୍ଦା, ୬-୮-୨୦୨୬ରେ ବରୀ, ରସୁଲପୁର, ବଡ଼ଚଣା ଓ ଧର୍ମଶାଳା, ୭-୮-୨୦୨୬ରେ ବିଞ୍ଝାରପୁର, ଯାଜପୁର ଓ ଦଶରଥପୁର ବ୍ଲକର ସ୍କୁଲଗୁଡିକର ଛାତ୍ରାଛାତ୍ରଙ୍କ ଫି' ଜମା ହେବ। ଏହି ଫି' ଆଦାୟ କରିବାକୁ ଏକ ଟିମ୍ ଗଠିତ ହୋଇଛି। ପୂର୍ବରୁ ମଧ ଜିଲ୍ଲା ଶିକ୍ଷାଧିକାରୀ ମଧ ଏକ ବିବାଦୀୟ ଚିଠି କରି ଚର୍ଚ୍ଚାକୁ ଆସିଥିଲେ। ଜିଲ୍ଲାର ସ୍କୁଲ ମାନଙ୍କରେ ଅତିଥି ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତିୟ ବିଜ୍ଞାପନ ଦେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତାଙ୍କୁ କୈଫିୟତ ତଲବ କରିଥିଲେ। ସେହି ଘଟଣା ର ସମାଧାନ ନ ହେଉଣୁ ପୁଣି ଏକ ବିବାଦୀୟ ଚିଠି ଜିଲ୍ଲାଶିକ୍ଷାଧିକାରୀଙ୍କୁ ବିବାଦ ଭିତରକୁ ଟାଣିଛି।

## ଦଧିବାମନଜୀଉଙ୍କ ସୁନାବେଶ ସମାରୋହ



ବରୀ,୨୬।୭(ସମିସ): ବରୀ ବ୍ଲକ ଅନ୍ତର୍ଗତ ଜମ୍ପଡ଼ା ଗ୍ରାମର ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ୧୦୫ତମ ବାହୁଡାଯାତ୍ରା ଓ ଚତୁର୍ଦ୍ଦଶ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସୁନାବେଶରେ ମହାପ୍ରଭୁଙ୍କ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଯାଜପୁର ସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ଅଳଙ୍କାର ଜମ୍ପଡ଼ା ଗ୍ରାମ ସ୍ଥିତ ଦଧିବାମନଜୀଉଙ୍କ ମନ୍ଦିରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ ସୁନାବେଶ ଅନୁଷ୍ଠିତ ହୋଇଥଲା। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଗୀତିକାର ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ପ୍ରମୁଖଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହାପ୍ରଭୁଙ୍କ ସୁନାବେଶ ଉତ୍ସବରେ ଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ପ୍ରମୁଖ ଯୋଗଦେଇ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ। ଯାଜପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ବରୀ ଥାନା ଅଧିକାରୀଣୀ ହେମଲତା ଦାସ ଉପସ୍ଥିତ ରହି ଆଇନଶୃଙ୍ଖଳା ସ୍ଥିତି ସମ୍ଭାଳିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମଦନ ମୋହନ ଦାଶ, ଘନ ଶ୍ୟାମ ଦାଶ, କିଶୋର ଚନ୍ଦ୍ର ଦାଶ, ଈଶ୍ୱର ଚନ୍ଦ୍ର ଦାଶ, ମହେନ୍ଦ୍ର କୁମାର ନାୟକ, ମନୋଜ କୁମାର ନାୟକ, ଅନନ୍ତ କିଶୋର ନାୟକ, ବିଜୟ କୁମାର ନାୟକ, ଘନଶ୍ୟାମ ପଣ୍ଡା, ପର୍ଶୁରାମ ଦାଶ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ● ପ୍ରଶାସନ ଦୃଷ୍ଟି ଆଢୁଆଳରେ କାଞ୍ଚନ

# ମିଳୁନି ପକ୍କା ଘର, କି ରାସନ କାର୍ଡ



କୟାଁଗୋଲା,୨୬।୭(ସମିସ): ବାସ୍ତବରେ ଆଜି ବି ଏପରି ପରିବାର ଅଛନ୍ତି ଯେଉଁଠି ପ୍ରଶାସନ ତାଙ୍କ ନିକଟରେ ପହଞ୍ଚି ପାରିନାହି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ଅନ୍ତର୍ଗତ କମାରଡ଼ିହି ପଞ୍ଚାୟତର ବୈତରଣୀ ନଦୀ କୂଳର ଗାଁ ବଳରାମପୁର ଗ୍ରାମର କାଞ୍ଚନ ଯେନାଙ୍କ କ୍ଷେତ୍ରରେ। ସରକାରୀ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି। ସ୍ୱାମୀ ପ୍ରମୋଦ ଯେନା ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ବେଳେ କାଞ୍ଚନ ଦୁଇ ଛୁଆଙ୍କୁ ଧରି ଅତି ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରିଥାଏ।

ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କୁ ପ୍ରଶାସନ ପକ୍ଷରୁ ମିଳୁଥିବା ପକ୍କା ଘର ଯୋଜନାର ସୁବିଧା ମିଳି ପାରିନାହିଁ। ଏହା ସହ ଶୌଚାଳୟ ଓ ରାସନକାର୍ଡ ଭଳି ମୌଳିକ ସୁବିଧାରୁ ମଧ ପରିବାର ବଞ୍ଚିତ ରହିଛନ୍ତି। ଯାହାଫଳରେ ଦୈନନ୍ଦିନ ଜୀବନ ଅତ୍ୟନ୍ତ ଦୁଃଖଦାୟକ ହୋଇପଡ଼ିଛି। ସ୍ଥାନୀୟ ଲୋକମାନେ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କାଞ୍ଚନ ଯେନାଙ୍କ ନିକଟ ରେ ପ୍ରଶାସନ ପହଞ୍ଚି ପାରି ନାହିଁ। ଏଭଳି ପରିବାରକୁ ଯଥାଶୀଘ୍ର ଆବାସ ଯୋଜନାରେ ଗୃହ, ରାସନ କାର୍ଡ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସମାଜସେବୀ ପ୍ରଦୀପ୍ତ ବରାଳଙ୍କ ଜୟନ୍ତୀ

ଧର୍ମଶାଳା,୨୬।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ଭାତୁରୀପଶି ଗ୍ରାମର ସମାଜସେବୀ ତଥା ରୋଟାରୀ କ୍ଲବର ପ୍ରତିଷ୍ଠାତା ସଭାପତି ପ୍ରଦୀପ୍ତ କୁମାର ବରାଳଙ୍କ ୫୧ତମ ଜୟନ୍ତୀ ଉତ୍ସବ ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ଇଂ. ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର




ପୂର୍ବତନ ଅଧକ୍ଷ ଜୟନ୍ତ କୁମାର ସାହୁ, ରୋଟାରୀ କ୍ଲବ ୩୨୬୨ ଜିଲ୍ଲାର ସହକାରୀ ଗଭର୍ଣ୍ଣର ଇଂ ବିପିନ କିଶୋର ଷଡ଼ଙ୍ଗୀ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ବରାଳଙ୍କ କାର୍ଯ୍ୟାଧରା ଓ ସେବା ମୂଳକ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରୋଟାରିଆନ ବରାଳଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଇନ୍ଦ୍ରମଣି ନାୟକ, ଦେବେନ୍ଦ୍ର କୁମାର ସାହୁ, ଜୟଗୁରୁ ପାତ୍ର, ପ୍ରମୋଦ କୁମାର ସାମଲ ଓ ଚକ୍ରଧର ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ଦୀପକ ଜେନା ଧନ୍ୟବାଦ ଦେଇଥିଲେ।

# ବରୁଆଁ-ହରିପୁର ରାସ୍ତା ସାଜିଛି ମରଣଯନ୍ତା

ବରୁଆଁ,୨୬।୭(ସମିସ): ୨୦ ନମ୍ବର୍ ଜାତୀୟ ରାଜପଥ ଭାବେ ପୂର୍ବରୁ ବ୍ୟବହୃତ ହେଉଥିବା ହରିପୁର-ବରୁଆଁ ରାସ୍ତାର ଶତାଧିକ ସ୍ଥାନରେ ବଡ଼ ବଡ଼ ଖାଲଖମା ସହ ପାଣି କାଦୁଅରେ ଭର୍ତ୍ତି ହୋଇଛି। ଏହି ରାସ୍ତା ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦୈନିକ ଏହି ରାସ୍ତାରେ ଛୋଟମୋଟ ଦୁର୍ଘଟଣା ମାନ ଘଟୁଛି। ୨୦ ନମ୍ବର୍ ଜାତୀୟ ରାଜପଥର ସାନଗୋବିନ୍ଦପୁର ଠାରୁ ବରୁଆଁ ଛକ ପର୍ଯ୍ୟନ୍ତ ନିର୍ମାଣାଧୀନ ଜାତୀୟ ରାଜପଥର ମୁଖ୍ୟରାସ୍ତାରେ ଯାତାୟତ ଆରମ୍ଭ ହୋଇଛି। କେତେକ ଗାଡ଼ି ଏହି ନୂତନ ରାସ୍ତାରେ ଯାତାୟତ କରୁଥିବା ବେଳେ ଏବେ ବି ଅଧିକାଂଶ ଗାଡ଼ି ମଟର ହରିପୁର-ବରୁଆଁ ପୁରୁଣା ରାସ୍ତାରେ ଯାତାୟାତ କରୁଛି। କିଛି ବର୍ଷ ହେବ ଏହି ରାସ୍ତା ମରାମତି ହୋଇନଥିବାରୁ ବର୍ଷାଯୋଗୁ ଏହି ରାସ୍ତାରେ ବଡ଼ ବଡ଼ ଖାଲ ଖମା ବହୁ ସ୍ଥାନରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଦୁର୍ଘଟଣା ଘଟୁଛି। ଏହି ରାସ୍ତାର ମଧଭାଗରେ ଅବସ୍ଥିତ ପ୍ରମୁଖ ବ୍ୟବସାୟସ୍ଥଳ ହରିପୁର ବଜାରକୁ ଦୈନିକ ବିଭିନ୍ନ ଅଞ୍ଚଳର ଲୋକ ସୁନା ଗହଣା, କପଡା, ତେଜରାତି ମନୋହାରୀ ଭଳି ଆବଶ୍ୟକୀୟ ଜିନିଷ କିଣିବା ପାଇଁ ଆସୁଛନ୍ତି। ହରିପୁର ହାଟର ଅବସ୍ଥା କହିଲେ ନସରେ।ବର୍ଷକ ବାରମାସ ନର୍ଦ୍ଦମା ପାଣି ଭିତରେ ଲୋକେ ସଉଦା କରୁଛନ୍ତି। ଏହି ରାସ୍ତା ଦେଇ ବ୍ରହ୍ମବରଦା, ବରୀ, କଳାମାଟିଆ, ବରୁଆଁ, କେନ୍ଦ୍ରାପଡ଼ା,ବାଲିଚନ୍ଦ୍ରପୁର ଓ ଯାଜପୁରର ନିତିଦିନିଆ ମୁଖ୍ୟ ଯାତାୟତ ପଥ ହୋଇଥିବା ବେଳେ ଶହଶହ ଭାରୀଯାନ ଏହି ରାସ୍ତାରେ ଯାତାୟତ କରୁଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଅଭିଭାବକ,ଲୋକପ୍ରତିନିଧି ଓ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।



# ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସରରେ ଅଧରପଣା

ଧର୍ମଶାଳା,୨୬।୭(ସମିସ): ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ରଥାରୁଢ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁବଦ୍ରାଙ୍କ ଠାକୁରଙ୍କ ଅଧରପଣା ନିତି ଅନୁଷ୍ଠିତ ହୋଇଯାଇଛି। ରଥାରୂଢ଼ ଠାକୁରଙ୍କ ନିତିକାନ୍ତି ଓ ପୂଜା ପରେ ପଞ୍ଚାମୃତ ମିଶ୍ରଣରେ ତିନିଗୋଟି ମାଟି ପାତ୍ର ପଣା କରାଯାଇ ପ୍ରେତାତ୍ମାଙ୍କ ଉଦ୍ଦେଶ୍ୟରେ ରଥରେ ହାଣ୍ଡି ଭଙ୍ଗାଯାଇ ଅର୍ପଣ କରାଯାଇଥିଲା। ଠାକୁରଙ୍କ ଏହି ଅଧରପଣା ନିତି ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆଜି ମନ୍ଦିର ପରିସରରେ ସନ୍ଧ୍ୟାରେ ଆୟୋଜିତ



ସାଂକୃତିକ କାର୍ଯ୍ୟକ୍ରମ ଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାମଧନ୍ୟ କଂଠଶିଳ୍ପୀ ଶୌରଭ ଭରଦ୍ୱାଜ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଆସନ୍ତାକାଲି ଠାକୁରଙ୍କ ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମ ରହିଥିବା ବେଳେ ଠାକୁର ରଥରୁ ବାହାରି ମନ୍ଦିରରେ ବିଜେ କରିବେ। ଠାକୁରଙ୍କ ଅଧରପଣା ନିତି ଦେଖିବା ଲାଗି ଆଜି ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ ଲାଗିରହିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ମନ୍ଦିର କମିଟି ଓ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିରରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ସଭାପତି ଇଂ. କଳ୍ପତରୁ ସାହୁ, ସମ୍ପାଦକ ମନୋଜ କୁମାର ରଣା,କୋଷାଧକ୍ଷ ଅଭୟ କୁମାର ରାଉତ,ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ରାଜେଶ କୁମାର ପାଲ, ଜିତେନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କେଲୁ ଚରଣ ନାୟକ, ପ୍ରଶନ୍ନ କୁମାର ବରାଳ, ପ୍ରଫୁଲ୍ଲ ଶର, ଚିତ୍ତରଞ୍ଜନ ଦାସ, ସୁନିଲ ରାଉତରାୟ, ପ୍ରଦୀପ୍ତ ରାଉତ, ଅଶୋକ କୁମାର ଜେନା ଓ ମୁନସୀ ମେଲଣ କମିଟିର କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି,ସମ୍ପାଦକ ପ୍ରମୋଦ କୁମାର ଦାସ, ମନୋଜ ରାଉଳ, ଶରତ ଓଝା, ଅଲୋକ ଲେଙ୍କା, ସୂର୍ଯ୍ୟକାନ୍ତ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରକୁ ସାଂସଦଙ୍କ ସମ୍ବର୍ଦ୍ଧନା

ଧର୍ମଶାଳା,୨୬।୭(ସମିସ) ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଝାଟିଆ (ଓଡ଼ଙ୍ଗ)ଗ୍ରାମର ଛାତ୍ର ସତ୍ୟପ୍ରିୟ ଦାଶ ଚଳିତ ନିଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବାରୁ ଯାଜପୁର ସାଂସଦ ଡ. ରବୀନ୍ଦ୍ର କୁମାର ବେହେରା



ଆଜି ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସେ ଜଣେ ଭଲ ଡାକ୍ତର ହୋଇ ଗ୍ରାମାଞ୍ଚଳର ରୋଗଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ମୁତାବକ, ବାରବାଟି ପଞ୍ଚାୟତ ଝାଟିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ଦାଶ ଓ ପ୍ରତିମା ପାଣିଙ୍କ ପୁତ୍ର ସତ୍ୟପ୍ରିୟ ଦାଶ ଚଳିତ ନିଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି। ସେ ସୈନିକ ସ୍କୁଲରେ ପାଠ ପଢୁଥିଲେ। ତାଙ୍କର ଅକ୍ଲାନ୍ତ ପରିଶ୍ରମ ପାଇଁ ନିଟ ସଫଳତା ମିଳିଛି ବୋଲି ପରିବାର ପକ୍ଷରୁ କୁହାଯାଇଛି। ତାଙ୍କର ଏହି ସଫଳତାରେ ଶିକ୍ଷକ, ପରିବାର, ଗ୍ରାମବାସୀ ସାଙ୍ଗସାଥି ଖୁସିବ୍ୟକ୍ତ କରିଛନ୍ତି। ତାଙ୍କୁ ଏ ସଂପର୍କରେ ପଚାରିବାରୁ ମୁଁ ଡାକ୍ତର ହୋଇ ଗରିବ ଅସହାୟ ଲୋକଙ୍କ ସେବା କରିବି ବୋଲି ସେ କହିଥିଲେ।

# ମଦ ଦୋକାନକୁ ବିରୋଧ
# ତାଲା ଭାଙ୍ଗି ଲୁଟି ନେଲେ ପେଟି ପେଟି ମଦ



ଯାଜପୁର,୨୬।୭(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଗାନ୍ଧୀ ଛକ ନିକଟରେ ଖୋଲା ହେବାକୁ ଥିବା ମଦ ଦୋକାନକୁ ସ୍ଥାନୀୟ ଲୋକମାନେ ବିରୋଧ କରିବା ସହ ଦୋକାନରେ ଥିବା ମଦକୁ ଲୁଟିନେଇଛନ୍ତି। ସୂଚନା ମୁତାବକ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଚଣ୍ଡିଖୋଲ ନିକଟସ୍ଥ ଗାନ୍ଧୀ ଛକ ଠାରେ ସରକାରଙ୍କ ଅନୁମତି ପାଇ ଏକ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ଖୋଲିବାକୁ ଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଆଜି ଲୋକମାନେ ଏକତ୍ରିତ ହୋଇ ମଦ ଦୋକାନ ଭିତରକୁ ପଶି ଘରର ତାଲା ଭାଙ୍ଗି ସେଠାରେ ଥିବା ପେଟି ପେଟି ମଦ ବୋହି ନେଇଥିଲେ। ଯିଏ ଯେତେ ପାରିଲା ମଦ ବୋହି ନେଇଥିଲା। ଏପରିକି ସେଠାରେ ଲାଗିଥିବା ସିସି କ୍ୟାମେରାକୁ ଭାଙ୍ଗିବା ସହ କର୍ମଚାରୀଙ୍କୁ ମଧ ମାଡ଼ ମାରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଁଚିଲା ବେଳକୁ ଘର ଭିତରୁ ସମସ୍ତ ମଦକୁ ସଫା କରିଦେଇଥିଲେ ଲୋକେ। ତେବେ ପୁଲିସ ସେଠାରେ ଥିବା କିଛି ଲୋକଙ୍କୁ କାବୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

# ବଳରାମପୁର ସ୍କୁଲ ପରିଚାଳନା କମିଟି ଗଠିତ



କବାଟବନ୍ଧ,୨୬।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁର ସରକାରୀ ସ୍କୁଲ ପରିଚାଳନା କମିଟି ଗଠନ ହୋଇଛି। ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଏବଂ ଉପସଭାପତି ଭାବେ ଦୁଇ ଜଣ ମହିଳା ଦାୟିତ୍ୱ ନେଇଛନ୍ତି। ବିଦ୍ୟାଳୟ ପରିସରରେ ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତରେ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଉଭୟ ସଭାପତି ଏବଂ ଉପ ସଭାପତି ପଦବୀ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଭାପତି ଭାବରେ ପ୍ରୀତି ପ୍ରତୀକ୍ଷ୍ୟା ପତି ଏବଂ ଖୁଲଣା ମଲିକଙ୍କୁ ଉପସଭାପତି ଭାବେ ସଭ୍ୟ ମାନେ ସ୍ୱୀକୃତି ପ୍ରଦାନ କରିଥିଲେ। ବିଦ୍ୟାଳୟର ବିକାଶ, ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଶିକ୍ଷା ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ, ପୋଷାକ ବଣ୍ଟନ, ବିଦ୍ୟାଳୟର ସ୍ୱଚ୍ଛତା ସହିତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସ୍କୁଲ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ ସ୍କୁଲ ର ପରିବେଶ ଏବଂ ପାରିପାର୍ଶ୍ୱିକ ଉନ୍ନତି ଦିଗରେ ଧ୍ୟାନ ଦେବେ ବୋଲି ନୂତନ ଭାବେ ସଭାପତି ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀମତୀ ପ୍ରୀତି ପ୍ରତୀକ୍ଷ୍ୟା ପତି ମତ ପ୍ରକାଶ କରିଛନ୍ତି।

## ● ସ୍କୁଲ କମିଟିକୁ ନେଇ ବିବାଦ

# ଥାନାରେ ଏତଲା ଦେଲେ ପ୍ରଧାନ ଶିକ୍ଷକ

ବଡ଼ଚଣା,୨୬।୭(ସମିସ): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ଅଣକା ପଞ୍ଚାୟତ ଦକ୍ଷିଣକୁଳ ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠନକୁ ନେଇ ବିବାଦ ଥାନାରେ ପହଞ୍ଚିଛି। ଗତ ୬ ତାରିଖରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଙ୍କୁଚରଣ ସିଂ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥଲେ। ସମସ୍ତ ୧୧ ଜଣ ସଭ୍ୟଙ୍କୁ ନେଇ ଗତ ୧୩ ତାରିଖରେ ଅଧ୍ୟକ୍ଷ ଚୟନ କରାଯାଇଥିଲା। ଗତ ୧୮ ତାରିଖରେ ପ୍ରଧାନଶିକ୍ଷକ ୧୧ ଜଣ ସଦସ୍ୟ ମାନଙ୍କୁ ଡାକି ବୈଠକ କରୁଥିବା ସମୟରେ ୭ ଜଣ ସଦସ୍ୟଙ୍କୁ ୪ ଜଣ ସଦସ୍ୟ ଅସନ୍ତୁଷ୍ଟ ହୋଇ ଗାଳି ଗୁଲଜ କରିଥିଲେ ଏଥିରେ ମଧ ପ୍ରଧାନଶିକ୍ଷକ ବାଦ ପଡି ନଥିଲେ। ପ୍ରଧାନଶିକ୍ଷକଙ୍କୁ ଧମକ ଚମକ ଦେବା ସହ ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲେ। ଏନେଇ ପ୍ରଧାନ ଶିକ୍ଷକ ବଡ଼ଚଣା ଶିକ୍ଷାଧିକାରୀ ଓ ସିଆରସିସିଙ୍କୁ ଅବଗତ କରାଇ ଗତ ୨୩ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ୪ ଜଣ ସଦସ୍ୟ ଭ୍ରମରବର ନାୟକ, ନନ୍ଦ କିଶୋର ନାୟକ, ଅଞ୍ଜନ କୁମାର ନାୟକ ଓ ଦିଲ୍ଲୀପ କୁମାର ନାୟକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଆଜି କମିଟି ଗଠନରେ ଅସନ୍ତୁଷ୍ଟ ଥିବା ଗୋଷ୍ଠୀ ବିଦ୍ୟାଳୟ ସମ୍ମୁଖରେ ପୁନର୍ବାର କମିଟି ଗଠନ ଓ ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଧାରଣାରେ ବସିଥିଲେ।

### ଧାରଣାରେ ବସିଲେ ଅସନ୍ତୁଷ୍ଟ ଗୋଷ୍ଠୀ

## ଅଭିଭାବକ କମିଟି ଗଠନରେ ଅନିୟମିତତା

# ପ୍ରଧାନ ଶିକ୍ଷକଙ୍କ ବିରୋଧରେ ତଞ୍ଚକତା ଅଭିଯୋଗ

ଯାଜପୁର,୨୬।୭(ସମିସ):

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ସ୍ଥିତ ସ୍ୱପ୍ନେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟର ସ୍କୁଲପରିଚାଳନା କମିଟି ଗଠନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍ୱଚ୍ଛ ନିରପେକ୍ଷ ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଠିକ୍ଭାବେ ଅନୁପାଳନ ନକରି ପ୍ରଧାନ ଶିକ୍ଷକ ତଞ୍ଚକତା କରି କେତେକ ସଭ୍ୟଙ୍କୁ ଚୟନ କରିଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ଛାତ୍ର ଅଭିଭାବକ ମନୋଜ କୁମାର ନାୟକ। ଗତ ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବନ୍ଦ ଥିବାରୁ ରସୁଲପୁର ବିଇଓ ଅଭିଜିତ୍ ବାରିକଙ୍କ ନିକଟକୁ ପୋଷ୍ଟାଲ ଜରିଆରେ ନିଜର ଅଭିଯୋଗ ପତ୍ର ପଠାଇଦେଇଥିବା ଶ୍ରୀ ନାୟକ କହିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି କି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ପାତ୍ର ତଞ୍ଚକତା କରି ଏସ୍‌ଏମ୍‌ସି ଗଠନ କରିଛନ୍ତି। ସରକାରଙ୍କ ପ୍ରଦତ୍ତ ମାର୍ଗଦର୍ଶିକାକୁ ମାନିନାହାଁନ୍ତି। ପକ୍ଷପାତ କରି କେତେକ ସଭ୍ୟଙ୍କୁ ଚୟନ କରିବାରେ ସହଯୋଗ କରିଛନ୍ତି। ଗତ ୨୧ ତାରିଖ ପୂର୍ବାହ୍ନରେ ବିଇଓଙ୍କ ନିକଟକୁ ଅଭିଯୋଗ ପତ୍ର ଦେଇଥିଲେ ମଧ ତାକୁ କର୍ଣ୍ଣପାତ କରିନାହାନ୍ତି। ମଙ୍ଗଳବାର ଅପରାହ୍ନରେ ୨ୟ ପିଟିଏ ବୈଠକ ସମୟରେ ପ୍ରଧାନ ଶିକ୍ଷକ ଅଣଅଭିଭାବମାନଙ୍କୁ ବିଦ୍ୟାଳୟ ମଧକୁ ଅବାଧରେ ପ୍ରବେଶ ଦେଇ ନିର୍ବାଚନ ପକ୍ରିୟାକୁ ପ୍ରଭାବିତ କରିଥିଲେ। ଗତ ୧୪ ତାରିଖ ଦିନ ପ୍ରଥମ ପିଟିଏ ବୈଠକ କୋରମ୍ ଅଭାବରୁ ବନ୍ଦ ହୋଇଯାଇଥିଲେ ମଧ ସେ ଦିନ ମଧ ଅଣଅଭିଭାବକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିଲା ଏବଂ କୋରମ୍ ସଂଖ୍ୟା ବୃଦ୍ଧି ନିମନ୍ତେ ଉପସ୍ଥାପନରେ ଅଣଅଭିଭାବକଙ୍କ ଦସ୍ତଖତ ନେଇଥିଲେ। ଗତ ୨୧ ତାରିଖ ୨ୟ ପିଟିଏ ବୈଠକରେ ପ୍ରଧାନ ଶିକ୍ଷକ ଓବିସି ଓ ଏସ୍‌ସିବିସି ପୁରୁଷ ପ୍ରାର୍ଥୀ ଚୟନ ନିମନ୍ତେ ୩ଜଣଙ୍କ ନାମ ପ୍ରସ୍ତାବ ଓ ସମର୍ଥକ ସମେତ ପଞ୍ଜୀକରଣ କରିଥିଲେ। ଜଣେ ପ୍ରାର୍ଥୀ ଓହରିଯିବା ପରେ ଦେବଦତ୍ତ ପଣ୍ଡା ଓ ମନୋଜ କୁମାର ନାୟକଙ୍କ ମଧରେ ଭୋଟିଙ୍ଗ୍ ହୋଇଥିଲା। ଫଳାଫଳ ଘୋଷଣା ପରେ ଅଧିକ ୧୧ଖଣ୍ଡ ଭୋଟ ପାଇବାରୁ ଦେବଦତ୍ତଙ୍କୁ ସଭ୍ୟଭାବେ ଗ୍ରହଣ କରିଥିଲେ। ଏଠାରେ ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି କି, ଦେବଦତ୍ତ ଏହି ପଦ ପାଇଁ ଯୋଗ୍ୟ ନୁହେଁ। ସେ ଓବିସି କିମ୍ବା ଏସସିବିସି ବର୍ଗର ନୁହଁନ୍ତି। ସେ ସାଧାରଣ ବର୍ଗର ବ୍ୟକ୍ତି। ଏହି ପଦକୁ ଶ୍ରୀ ପଣ୍ଡା ଧୋକାଦେଇ ଜିତିଥିବା ଏବଂ ପ୍ରଧାନ ଶିକ୍ଷକ କପଟତାର ଆଶ୍ରୟ ନେଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ବିଜୟୀ କରିଥିବା ଅଭିଯୋଗ ଆଣିଛନ୍ତି। ଏଣୁ ଶ୍ରୀ ପଣ୍ଡାଙ୍କ ପ୍ରାର୍ଥୀ ପତ୍ର ନାକଚ କରିବାକୁ ଶ୍ରୀ ନାୟକ ବିଇଓଙ୍କୁ ଅଭିଯୋଗ କରିଥିବା ଜଣାପଡିଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଙ୍କୁ ପଚାରିବାରେ ସମସ୍ତ ଅଭିଯୋଗକୁ ଅସ୍ୱିକାର କରିବା ସହିତ ନିୟମ ଅନୁଯାୟୀ କମିଟି ଗଠନ ହୋଇଛି ଏବଂ କମିଟି ଗଠନ ବେଳେ ଅଭିଯୋଗକାରୀ ଉପସ୍ଥିତ ଥିଲେ ମଧ କୌଣସି ଅଭିଯୋଗ କରିନଥିଲେ ବୋଲି ସଫେଇ ଦେଇଥିଲେ।

# ନିଟ୍ ପରୀକ୍ଷାରେ ସଫଳ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ବନ୍ତ/ଆଗରପଡ଼ା, ୨୬।୭ (ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ କାଦୁବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନିଟ୍ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ର ନିଶ୍ଚଳ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ନିଶ୍ଚଳ ନିଟ୍ ପରୀକ୍ଷାରେ ୬୪୧ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୨୧୨୭ ର୍‌ୟାଙ୍କ ହାସଲ କରି ବିଦ୍ୟାଳୟ, ବନ୍ତ ବ୍ଲକ ଓ ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ନିଶ୍ଚଳ ଶିକ୍ଷକ ଅମୃତ ଲାଲ ମହାନ୍ତି ଏବଂ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ସୁପୁତ୍ର। ଏହି ଅବସରରେ ପିଏମ୍‌ଶ୍ରୀ କାଦୁବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ସରପଞ୍ଚ ଭାଗିରଥି ସେଠି, ରବି ନାରାୟଣ ମହାନ୍ତି, ଶିକ୍ଷାବିତ ସଞ୍ଜୟ କୁମାର ମଜୁନଦାର, ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପୁରୀ, ଆଲୁମିନି କମିଟି ସଭାପତି ସୁବଳ କାନ୍ତ ପଣ୍ଡା, ଭଗବାନ ଗିରି, ସରୋଜ କୁମାର ବେହେରା, ସ୍ୱପ୍ନାଲୋକ ସୂତାର, ପ୍ରତାପ ମଲ୍ଲିକ, ମାନସ ସ୍ୱାଇଁ, କ୍ଷୀରୋଦ କୁମାର ଦାସ, ଆଶିଷ କୁମାର ବିଶ୍ୱାଳ, ରାଜକିଶୋର ଜେନା, ଜ୍ଞାନ ରଞ୍ଜନ ଖଣ୍ଡେଇ ପ୍ରମୁଖ ଉପସ୍ଥିତ ରହି ନିଶ୍ଚଳଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ନିଶ୍ଚଳଙ୍କ ସଫଳତାକୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଅଧ୍ୟବସାୟ, ନିଷ୍ଠା ଓ କଠିନ ପରିଶ୍ରମ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ବୋଲି ମତ ପ୍ରକାଶ କରିଥିଲେ। ନିଶ୍ଚଳ ମଧ୍ୟ ନିଜ ସଫଳତାର ଶ୍ରେୟ ନିଜ ପିତାମାତା, ଶିକ୍ଷକମାନେ ଓ ପରିବାରର ସହଯୋଗକୁ ଦେଇଥିଲେ। ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ସମାଜ ଓ ଗ୍ରାମାଞ୍ଚଳର ଲୋକଙ୍କ ସେବା କରିବା ନିଶ୍ଚଳଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

# ଟେଣ୍ଡରରେ ଅଟକିଛି ଚାନ୍ଦବାଲି ହାଟର ଭାଗ୍ୟ

## ଅବ୍ୟବସ୍ଥା, ଅପରିଷ୍କାର ପରିବେଶ ଓ ମୌଳିକ ସୁବିଧାର ଅଭାବ





**ଚାନ୍ଦବାଲି, ୨୬।୭ (ସମିସ)**

ଭଦ୍ରକ ଜିଲ୍ଲାର ସର୍ବବୃହତ ଗ୍ରାମୀଣ ବଜାରମାନଙ୍କ ମଧ୍ୟରୁ ଅନ୍ୟତମ ଚାନ୍ଦବାଲି ହାଟ ଆଜି ପ୍ରଶାସନିକ ବିଳମ୍ବର ଏକ ଜୀବନ୍ତ ଉଦାହରଣ ପାଲଟିଛି। ଦୀର୍ଘ ଦିନ ଧରି ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ନ ହେବାରୁ ହାଟର ପରିଚାଳନା ଅନିଶ୍ଚିତତାରେ ଝୁଲି ରହିଛି। ଫଳରେ ଅବ୍ୟବସ୍ଥା, ଅପରିଷ୍କାର ପରିବେଶ ଓ ମୌଳିକ ସୁବିଧାର ଅଭାବ ମଧ୍ୟରେ ବ୍ୟବସାୟୀ ଓ ଖାଉଟିମାନେ ପ୍ରତିଦିନ ଦୁର୍ଭୋଗ ସହୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ହାଟରେ ସଫେଇ ବ୍ୟବସ୍ଥା ନିୟମିତ ନଥିବାରୁ ଚାରିଆଡ଼େ ଆବର୍ଜନା ଜମି ରହୁଛି। ବର୍ଷା ହେଲେ କାଦୁଅ ଓ ଜଳ ଜମାହେବା ସମସ୍ୟା ଯୋଗୁଁ ହାଟ ଚାଲିବା ମଧ୍ୟ କଷ୍ଟସାଧ ହୋଇପଡୁଛି। ପରିମଳ ବ୍ୟବସ୍ଥା, ପାନୀୟ ଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅନ୍ୟପଟେ ଖାଉଟିମାନେ କହୁଛନ୍ତି, ପ୍ରତି ସପ୍ତାହରେ ହଜାର ହଜାର ଲୋକ ଏହି ହାଟକୁ ଆସୁଥିବା ସତ୍ତ୍ୱେ ହାଟର ପରିଚାଳନା ପ୍ରତି ଆବଶ୍ୟକ ଗୁରୁତ୍ୱ ଦିଆଯାଉନାହିଁ। ଅସ୍ୱାସ୍ଥ୍ୟକର ପରିବେଶରେ ପନିପରିବା ଓ ଖାଦ୍ୟ ସାମଗ୍ରୀ କିଣିବାକୁ ବାଧ ହେଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ହେବାର ପ୍ରକୃତ କାରଣ କ'ଣ? କାହିଁକି ଏତେ ଦିନ ଧରି ହାଟର ପରିଚାଳନାକୁ ସ୍ୱାଭାବିକ କରାଯାଇପାରୁନାହିଁ? ଏହାର ସ୍ପଷ୍ଟ ଉତର ପାଇଁ ସାଧାରଣ ଲୋକ ଅପେକ୍ଷା କରୁଛନ୍ତି। ଚାନ୍ଦବାଲି ହାଟ କେବଳ ଏକ ବଜାର ନୁହେଁ; ଏହା ସ୍ଥାନୀୟ ଚାଷୀ, କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ଜୀବିକାର ପ୍ରମୁଖ କେନ୍ଦ୍ର। ତେଣୁ ଏହାର ପରିଚାଳନାରେ ଏକ ଦୀର୍ଘସୂତ୍ରୀ ବାଣିଜ୍ୟିକ ସୁବ୍ୟବସ୍ଥାର ଆବଶ୍ୟକତା ଅଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ବର୍ତ୍ତମାନ ସ୍ଥାନୀୟ ବ୍ୟବସାୟୀ, ଖାଉଟି ଓ ସାଧାରଣ ଜନତାଙ୍କ ଦାବି ହେଉଛି, ଟେଣ୍ଡର ପ୍ରକ୍ରିୟାକୁ ଶୀଘ୍ର ସମ୍ପନ୍ନ କରାଯାଇ ହାଟର ସୁଚାରୁ ପରିଚାଳନା ସୁନିଶ୍ଚିତ କରାଯାଉ। ସେପଟେ ଏହି ପ୍ରସଙ୍ଗରେ ଚାନ୍ଦବାଲି ଏନଏସସି ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀଙ୍କ ମତାମତ ଲୋଡ଼ାଯିବାରୁ ସେ, ପୂର୍ବ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ସ୍ୱଳ୍ପ ଥିବାରୁ ଏବେ ରିଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଖୁବ୍ ଶୀଘ୍ର ଏହା ସମାପନ କରାଯିବ ବୋଲି କହିଛନ୍ତି।


# ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଯାଜପୁର, ୨୬।୭ (ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ବାଙ୍କସାହି ଗ୍ରାମର ଯୁବକ ନିଶିଥ୍ କୁମାର ମହାପାତ୍ର (୪୦)ଙ୍କ ମୃତ ଦେହ ରବିବାର ସକାଳୁ ନିଜ ବାସଭବନରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଘରେ କେହି ନଥକ୍ତବା ଅବସ୍ଥାରେ ନିଜ ଘରେ ଦୌଡି ଦେଇ ଆଇହତ୍ୟା କରିଥିବା କୁହାଯାଉଛି। ସେ କିଛି ଦିନ ଧରି ମାନସିକ ଦୁଃଶ୍ଚିନ୍ତାରେ ଦିନ କାଟୁଥିବା ସହିତ ଏଥିଯୋଗୁଁ ପାରିବାରିକ ବିବାଦ ମଧ୍ୟ ଲାଗିରହିଥିଲା। ନିଶିଥଙ୍କ ବାପା ସ୍ୱର୍ଗତ ନାରାୟଣ ମହାପାତ୍ର ଜଣେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଥିଲେ। ବାପା, ମା', ଭଉଣୀଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଚର୍ଚ୍ଚା ହେଉଛି। ରବିବାର ସକାଳୁ କବାଟ ଭାଙ୍ଗି ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥ?ଲା। ଶବ ବ୍ୟବଚ୍ଛେଦ ପରେ ନିଜ ଗାଁକୁ ମୃତ ଦେହକୁ ଅଣାଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱର୍ଗତ ନିଶିଥ୍‌ଙ୍କ ଦୁଇଟି ପୁଅ ଏବଂ ଗୋଟିଏ ଝିଅ ଏବଂ ପତ୍ନୀ ଅଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଭଳି ପରିସ୍ଥିତିରେ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ

**ବନ୍ତ/ଆଗରପଡ଼ା, ୨୬।୭ (ସମିସ):** ବନ୍ତ ବ୍ଲକ ବିଟିପୁର ଶକ୍ତିକେନ୍ଦ୍ର ଅନ୍ତର୍ଗତ ୪ ନମ୍ବର ବିଟିପୁର ବୁଥ୍‌ର ବଙ୍ଗାଳୀସାହି ଗ୍ରାମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୬ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କୃଷି ଅଧିକାରୀ ରାମଚନ୍ଦ୍ର ଦାସଙ୍କ ବାସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ ସିଂହ, ବିଜେପି ଯୁବ ନେତା ସପନ କୁମାର ସିଂହ, ବୁଥ୍ ସଭାପତି ବାବୁରାମ ବେହେରା, ମହତାବ ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଆରତୀ ପାତ୍ର, ବିଶ୍ୱନାଥ ସିଂହ, ଦେବେନ୍ଦ୍ର ଦାସଙ୍କ ସମେତ ବହୁ ସ୍ଥାନୀୟ ଯୁବକ, ଛାତ୍ର ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶ୍ରବଣ କରିଥିଲେ। ସେହିପରି ରାଉତରାପୁର, ବରହମପୁର, ଧାନଘର ବୁଥ୍ ସମେତ ବିଭିନ୍ନ ଶକ୍ତିକେନ୍ଦ୍ରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉତ୍ସାହର ସହ ଆୟୋଜିତ ହୋଇଯାଇଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ଭଦ୍ରକ, ୨୬।୭ (ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ସେଣ୍ଡତିରା ଗ୍ରାମର ଜଣେ ଧର୍ମ ପରାୟଣ ମହିଳା କାଞ୍ଚନ ଖଣ୍ଡେଇ (୭୨)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସକାଳ ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ସେ ଗାଧୁଆ ଘରକୁ ଶୌଚ ହେବା ପାଇଁ ଯିବା ପରେ ସେହି ଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ ଓ ଧର୍ମ ପରାୟଣ ମହିଳା ଭାବେ ପରିଚିତ ଥିଲେ। ପୂର୍ବରୁ ସେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିଲେ। ଅବସରପରେ ସେ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ଜଡ଼ିତ ରଖିଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଜ୍ୟୋତିର୍ମୟୀଙ୍କ ବିଜୟରେ ବିଞ୍ଝାରପୁରରେ ଉତ୍ସାହ



**ଯାଜପୁର, ୨୬।୭ (ସମିସ):** ଜାତୀୟ ଟେଲିଭିଜନରେ ପ୍ରସାରିତ ଇଣ୍ଡିଆନ ଆଇଡଲର ଫାଇନାଲ ପ୍ରତିଯୋଗିତାରେ ଜ୍ୟୋତିର୍ମୟୀ ନାୟକ ଆଜି ବିଜୟୀ ହୋଇଛନ୍ତି। ଜ୍ୟୋତିର୍ମୟୀ ଖୁବ ଶିଘ୍ର ବିଞ୍ଝାରପୁର ବ୍ଲକ ଅରେଇ ଗ୍ରାମର ଆଶୁତୋଷ ସାମଲଙ୍କୁ ବିବାହ କରିବା ପାଇଁ ସ୍ଥିର ହୋଇଛି। ଆଜି ଜ୍ୟୋତିର୍ମୟୀ ଏହି ସୋରେ ବିଜୟୀ ହେବା ପରେ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନିଜ ଅଞ୍ଚଳର ହେବାକୁ ଥିବା ବୋହୂଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

# କାର୍ଗିଲ ବିଜୟ ଦିବସରେ ବୀର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



**ବିଞ୍ଝାରପୁର, ୨୬।୭ (ସମିସ):** ବିଞ୍ଝାରପୁରସ୍ଥିତ ସୈନିକ ଡିଫେନ୍ସ ଏକାଡେମୀ ପକ୍ଷରୁ ବେଶ୍ ଶ୍ରଦ୍ଧା ଓ ଉତ୍ସାହର ସହ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି। ଅବୁଲ ହସନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସେନା ଅଧିକାରୀ ଶେଖ୍ ମୁକ୍ତାର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଗିଲ ଯୁଦ୍ଧର ବୀରଗାଥା ଓ ଦେଶପ୍ରେମର ବାର୍ତ୍ତା ଦେଇଥିଲେ। ଅନ୍ୟ ମାନଙ୍କ ଭିତରେ ବ୍ରଜସୁନ୍ଦର କଲେଜ ଅଧ୍ୟାପକ ଶରତ ଚନ୍ଦ୍ର ସାହୁ, ସରକାରୀ ଜୁନିଅର ଆଣ୍ଡ ସିନିଅର ମଦରସା ଅଧ୍ୟକ୍ଷ ସେକ ଜକିଉଲ୍ଲା ଉପସ୍ଥିତଥିଲେ। ଏହି ଅବସରରେ କାର୍ଗିଲ ଯୁଦ୍ଧର ୫୨୭ ଜଣ ବୀର ସହିଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ମହମବତୀ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ସେହିପରି ଏକାଡେମୀର ପ୍ରଶିକ୍ଷାର୍ଥୀମାନେ ଭାରତୀୟ ସେନାର ବୀରତ୍ୱ ଓ ବଳିଦାନକୁ ସ୍ମରଣ କରିଥିବା ବେଳେ କାର୍ଗିଲ ଯୁଦ୍ଧରେ ସାମିଲ ଅବସରପ୍ରାପ୍ତ ସେନା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟାଳୟରେ ୫୦ ଚାରାରୋପଣ

**ଆରଡ଼ି, ୨୬।୭ (ସମିସ):** ଚାନ୍ଦବାଲି ବ୍ଲକ ଆରଡ଼ି ପଞ୍ଚାୟତ ସ୍ଥିତ ସାନପଙ୍କି ଠାରେ ଥିବା ବିଏସ୍‌ଏସ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ସ୍ୱରାଜ୍ୟ ଖବର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ରଶ୍ମୀରଞ୍ଜନ ସାହୁଙ୍କ ଅଧ୍ୟକ୍ଷତା ଓ ସାମ୍ବାଦିକ ସ୍ୱାଧୀନ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱରାଜ୍ୟ କୁମାର ଜେନା, ଯାଜପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସୁଜିତ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ସୁଦେଶ ପଣ୍ଡା, ସାମାଜିକ କର୍ମୀ ନିହାର ରାୟ, ସାମ୍ବାଦିକ ଦୀପ୍ତି ରଞ୍ଜନ ନାୟକ, ଯୁବ ସାମ୍ବାଦିକ ଅଜିତ ରାୟ, ଇପ୍‌ସିତା ହୋତା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବୃକ୍ଷରୋପଣର ଆବଶ୍ୟକତା, ପରିବେଶ ସନ୍ତୁଳନ ରକ୍ଷାରେ ବୃକ୍ଷର ଭୂମିକା ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଅଧିକରୁ ଅଧିକ ଗଛ ଲଗାଇବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସେମାନେ ଛାତ୍ରଛାତ୍ରୀଙ୍କୁ କେବଳ ଗଛ ଲଗାଇବା ନୁହେଁ, ବରଂ ସେଗୁଡ଼ିକର ଯତ୍ନ ନେଇ ସୁରକ୍ଷିତ ରଖିବା ପାଇଁ ମଧ୍ୟ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ୫୦ଟି ଚାରାରୋପଣ କରାଯାଇଥିଲା। ଶିକ୍ଷକ, ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀମାନେ ଏଥିରେ ସକ୍ରିୟ ଭାବେ ସାମିଲ ହୋଇ ପରିବେଶ ସୁରକ୍ଷା ପ୍ରତି ନିଜର ଅଙ୍ଗୀକାର ବ୍ୟକ୍ତ କରିଥିଲେ। ଶେଷରେ ଗଣମାଧ୍ୟମ ସଂସ୍ଥାର ଭଦ୍ରକ ପ୍ରତିନିଧି ସମୀର କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ଝାଡ଼େଶ୍ୱର ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



**ଦାନଗଦି, ୨୬।୭ (ସମିସ):** ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସଙ୍ଗେ ସଙ୍ଗେ କଲେଜର ବିଭିନ୍ନ ନୀତିନିୟମ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ। ଏହି ଉତ୍ସବରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ପିଲାମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ନିଜର ପରିଚୟ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା କଲେଜର ପରୀକ୍ଷା ସଞ୍ଚାଳନ, ଆଇସିସି, ନାରୀ ସୁରକ୍ଷା କକ୍ଷ, ଜାତୀୟ ସେବା ଯୋଜନା, ରେଡ୍‌କ୍ରସ୍, ଲାଇବ୍ରେରୀ ଏବଂ ନୂତନ ବର୍ଷର ପିଲାମାନଙ୍କୁ ଟାଇମ୍ ଟେବୁଲ୍ ବଣ୍ଟନ ଆଦି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କଲେଜର ଅଧ୍ୟାପିକା ମିରାମ୍ବିକା ସାହୁ, ପାରିଜାତ ମହାନ୍ତି, କଲ୍ୟାଣୀ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଇତିଶ୍ରୀ ମଲ୍ଲିକ ଅଧ୍ୟାପକ ରଞ୍ଜନ କୁମାର ସାହୁ, ତୋଫାନ କୁମାର ଜେନା, ଖଗେଶ କୁମାର ଜେନା, ଗୋବର୍ଦ୍ଧନ ସାହୁ, ଅଭୟ ସାହୁ, ମୁନ୍ନା ନାୟକ, ଅମର ସେଠୀ, ଶ୍ରୀମନ୍ତ ନାୟକ, ବାଇଧର ସାହୁ, ମନୋରଞ୍ଜନ ବିଶ୍ୱାଳ, ଡିଓ ସୁଷମା ପୃଷ୍ଟି, ଦିପ୍ତିମୟୀ ମହାରଣାଙ୍କ ସମେତ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇ କାଯ୍ର୍ୟକ୍ରମକୁ ସଫଳ କରିଥିଲେ। ପରିଶେଷରେ ଓଡ଼ିଆ ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଲାୟନ୍ସ କ୍ଲବ୍ ଅଧିଷ୍ଠାନ ଦିବସ



**ଭଦ୍ରକ, ୨୬।୭ (ସମିସ):** ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭଦ୍ରକ ଲାୟନ୍ସ କ୍ଲବର ୪୬ତମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯିବା ସହ ନୂତନ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ପ୍ରକାଶ ଜେନା ପରିଚାଳନା କରିଥିବା ବେଳେ ସଭାପତି ଗୋବିନ୍ଦପ୍ରସାଦ ମୋର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମ ସମ୍ପର୍କରେ ସୁରେଶ ଚନ୍ଦ୍ର ମହାନ୍ତି ସୂଚନା ପ୍ରଦାନ କରିଥିଲେ। ସେହିପରି ମୁଖ୍ୟଅତିଥି ଭାବେ ପିଡିଜି ପ୍ରଭାତ ମହାନ୍ତି, ପ୍ରଲବ୍ଧ ଜେନା, ସମ୍ମାନିତ ଅତିଥି ଭାବେ, ପିଡିଜି ପ୍ରଫୁଲ୍ଲ ସାମଲ, ପ୍ରଥମ ଭିଡିଜି ଅଶୋକ କୁମାର ମହାନ୍ତି, ଦ୍ୱିତୀୟ ଭିଡିଜି ଅକ୍ଷୟ ମହାନ୍ତି, ଆରସି ଓମ୍ ପ୍ରକାଶ ଗୁପ୍ତା, ଯେସି ସନ୍ତୋଷ କୁମାର ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସ୍ଥାନରେ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସେନ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିଭଳି ସମ୍ପାଦକ ଭାବେ ଦାୟିତ୍ୱ ନେଇଛନ୍ତି ଉମେଶ ଚନ୍ଦ୍ର ନାୟକ। କୋଷାଧ୍ୟକ୍ଷ ଭାବେ ପ୍ରକାଶ ଜେନା, ପ୍ରଥମ ଉପ ସଭାପତି ଅମ୍ରିତା ବଳଦେବ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶେଷ କରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

**ବଢୁଛି ଦଲାଲଙ୍କ ରାଜୁତି**

# ଥାନାରେ ମିଳୁନି ବରିଷ୍ଠ ନାଗରିକଙ୍କୁ ନ୍ୟାୟ

**ଭଣ୍ଡାରିପୋଖରୀ, ୨୬।୭ (ସମିସ)**

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେଶିଙ୍ଗା ପଞ୍ଚାୟତର ବିଶୋଳ ଗ୍ରାମର ଜଣେ ବୃଦ୍ଧା ବାସନ୍ତୀଲତା ଜେନା (୮୧) ନ୍ୟାୟ ପାଇଁ ଥାନାକୁ ଦୌଡ଼ି ଦୌଡ଼ି ହତାଶ ହୋଇଥିବା ଅଭିଯୋଗ କହିଛନ୍ତି। ଶ୍ରୀମତୀ ଜେନାଙ୍କ ସ୍ୱାମୀ ବଳରାମ ଜେନା ଓ ତାଙ୍କର ଏକ ମାତ୍ର ପୁତ୍ର ରବୀନ୍ଦ୍ର ଜେନାଙ୍କ ଦେହାନ୍ତ ହେଲା ପରେ ପାରିବାରିକ ସମସ୍ୟା ଉପୁଜିଥିଲା। ସେହି ସମୟରେ ତାଙ୍କ ବାସଭବନରେ ବାସନ୍ତୀଲତା ତାଙ୍କର ସାନ ଝିଅ ଓ ବୋହୂଙ୍କ ସହ ରହୁଥିଲେ, ପାରିବାରିକ ଅଶାନ୍ତି ଯୋଗୁଁ ଗ୍ରାମବାସୀ ସେତେବେଳେ ମୌଖିକ କିଛି ଭାଗ ବଣ୍ଟା ଚଳିବା ନିମନ୍ତେ କରିଦେଇଥିଲେ। ସେହିଦିନଠାରୁ ବାସନ୍ତୀଲତା ଓ ତାଙ୍କ ସାନ ଝିଅ ଅଲଗା ରହି ଆସୁଥିଲେ ଓ ବହୁ ମଧ୍ୟ ଅଲଗା ରହି ଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ଦୁଇ ତିନି ବର୍ଷ ହେବ ଶ୍ରୀମତୀ ଜେନାଙ୍କ ଭାଗ ଚାଷ ଜମିକୁ ବୋହୂ ଜୋର୍ ଜବରଦସ୍ତ କରି ଚାଷ କରୁଥିବା ଶ୍ରୀମତୀ ଜେନା ଗତବର୍ଷ ଥାନାରେ ଏକ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ବୋହୂ ଚାଷ କରି ଜମି ବାବଦକୁ କିଛି ଅର୍ଥ ରାଶି ପ୍ରଦାନ କରିବା ପାଇଁ ଲେଖା ପଢ଼ା ହୋଇଥିଲା। କିନ୍ତୁ ଶ୍ରୀମତୀ ଜେନାଙ୍କ ସେବା ଖର୍ଚ୍ଚ କରିବା ନିମନ୍ତେ ଅଧିକ ଅର୍ଥ ଆବଶ୍ୟକ ହେଉଥିବା ହେତୁ ସେ ନିଜ ଭାଗ ଜମିକୁ ନିଜ ହାତରେ କରିବା ପାଇଁ ଚାହୁଁ ଥିବାବେଳେ ତାଙ୍କ ବୋହୂ ଜୋର୍ ଜବରଦସ୍ତ କରି ଜମି ନଦେବାକୁ ଧମକ ଦେଇଥିବା ବୃଦ୍ଧା ଅଭିଯୋଗ କରିଛନ୍ତି। ଏଥି ନିମନ୍ତେ ଥାନାରେ ଶ୍ରୀମତୀ ଜେନାଙ୍କ ବୋହୂ କିଛି ମୁଷ୍ଟିମେୟ ଦଲାଲଙ୍କୁ ଧରି ଜମି ନଦେବାକୁ ଥାନା ବାବୁଙ୍କ ଜରିଆରେ ଚାପ ପକାଉଥିବା ବୃଦ୍ଧା ବାସନ୍ତି ନିଜେ ଅନୁଭବ କରୁଥିବା ଜାଣିବାକୁ ପାଇଛନ୍ତି। ଏଥି ନିମନ୍ତେ ଥାନା ବାବୁଙ୍କ ମତ ତମ ବୋହୂ ତ ଜମି ଦେବେନାହିଁ ବୋଲି କହୁଛନ୍ତି ବୋଲି କହି ଏହି ସବୁ ସମସ୍ୟା ବାବଦରେ ପୁଲିସ କିଛି କରିପାରିବ ନାହିଁ ବୋଲି କହି ପୁଲିସ ଘଟଣାରୁ ନିଜକୁ ଦୂରେଇଯିବା ଘଟଣା ବରିଷ୍ଠ ନାଗରିକ ମାନଙ୍କୁ ଚକିତ କଲାଭଳି ଘଟଣା ଦେଖିବାକୁ ମିଳିଛି। ଏହି ଘଟଣାରେ ଯାହା ଅନୁଭବ କରାଯାଏ ଥାନାରେ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଦେବା ତ ଦୂରର କଥା ସାହାଯ୍ୟର ହାତ ବଢ଼ାଇବାରେ ଅସହାୟ ଭଣ୍ଡାରିପୋଖରୀ ପୁଲିସ ବୋଲି କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବନାହିଁ। କାହିଁକି ନା ଥାନାକୁ ଏହି ଭଳି ଦୈନିକ ପ୍ରାୟ ଶହେଭାଗ ରୁ ଚାଳିଶଭାଗ ଏତଲା ଜମି ଜମା ବାବଦକୁ ଆସୁଥିବା ବେଳେ ଜଣେ ମଣିଷର ଶେଷ ସମୟରେ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ତାଙ୍କର ପିଲାମାନେ ସେବାସ୍ୱର୍ଚ୍ଚା କରିବା ବଦଳରେ ତାଙ୍କୁ ହଇରାଣ ହରକତ କରୁଛନ୍ତି। ଏଥି ନିମନ୍ତେ ଜିଲ୍ଲା ପୁଲିସ ବିଭାଗର ସର୍ବୋଚ୍ଚ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଆଗରପଡ଼ା ମେଡିକାଲ ପରିଦର୍ଶନ କଲେ ବିଧାୟକ

**ବନ୍ତ/ଆଗରପଡ଼ା, ୨୬।୭ (ସମିସ):** ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରାୟ ୧୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ତିନି ମହଲା କୋଠାଘର ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଥିବାରୁ ବିଧାୟକ ଅସନ୍ତୋଷ ବ୍ୟକ୍ତ କରି ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ସଭାପତି ସତ୍ୟସାଧନ ବେଜଙ୍କ ସମେତ ମେଡିକାଲ ପକ୍ଷରୁ ବରିଷ୍ଠ କର୍ମଚାରୀ ଜୟପ୍ରକାଶ ମହାନ୍ତି ଓ ଚନ୍ଦନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ ।
-ଗୌତମ ବୁଦ୍ଧ

## ଗଣତନ୍ତ୍ରର ଐତିହାସିକ ବିଜୟ

ବିପର୍ଯ୍ୟସ୍ତ ଓ ଦୁର୍ନୀତିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ପ୍ରତିବାଦ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ନିର୍ଣ୍ଣାୟକ ଆନ୍ଦୋଳନରେ ସିଜେପିର ଜିତାପଟ ହୋଇଛି । ଜେନ୍ ଜେଡ୍ ବର୍ଗର ଅହିଂସ ଓ ଅଟଳ ସଂକଳ୍ପ ଆଗରେ ଅପ୍ରତିହତ ମନେ ହେଉଥିବା କେନ୍ଦ୍ର ସରକାରଙ୍କ ଦମ୍ଭ ଭାଙ୍ଗିଛି । ସିଜେପିର ମୁଖ୍ୟ ଦାବି ଅନୁଯାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି । ଗତ ବାରବର୍ଷର ଅପ୍ରତିଦ୍ୱନ୍ଦ୍ୱୀ ଓ ଦୁର୍ଜେୟ ଘୋଷିତ କେନ୍ଦ୍ର ସରକାରଙ୍କ ମନ୍ତ୍ରିପରିଷଦର କୌଣସି ସଦସ୍ୟ ଜନତାଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଇସ୍ତଫା ଦେବା ଏହା ପ୍ରଥମ । ଇସ୍ତଫା ଦାବିକୁ ଟାଳିବାକୁ ସବୁମତେ ଉଦ୍ୟମ କରାଯାଇଥିଲେ ହେଁ ଛାତ୍ରଙ୍କ ଦୃଢ଼ ମନୋବଳ ଆଗରେ ତାହା ସମ୍ଭବ ହୋଇପାରିନାହିଁ । ତେଣୁ ରାଜନୈତିକ ବିଶେଷଜ୍ଞ ଓ ବୁଦ୍ଧିଜୀବୀମାନେ ଏହାକୁ କେବଳ ସିଜେପିର ବିଜୟ ନ କହି ଗଣତନ୍ତ୍ରର ବିଜୟ ଭାବେ ଅଭିହିତ କରିଛନ୍ତି ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ବଳରେ ଜନପ୍ରତିନିଧିମାନେ ନୀତି ନିର୍ଦ୍ଧାରଣ ପଦବୀ ମଣ୍ଡନ କରନ୍ତି । ଯଦି ନୀତି ନିର୍ଦ୍ଧାରକଙ୍କ କାର୍ଯ୍ୟାବଳୀ ଓ ନିଷ୍ପତ୍ତି ସାମୂହିକ ଜନସ୍ୱାର୍ଥରୁ ଦୂରେଇ ଯାଉଥିବାର ଅନୁଭବ ହୁଏ ତେବେ ଜନଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ । କାର୍ଯ୍ୟାବଳୀ ଜନବିମୁଖୀ ହେଲେ ସମ୍ପୃକ୍ତ ନୀତି ନିର୍ଦ୍ଧାରକ ନିଜକୁ ସୁଧାରିବା କିମ୍ବା ଜନମତକୁ ସମ୍ମାନ ଦେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ବିଧେୟ । ସ୍ୱାଧୀନୋତ୍ତର ଭାରତୀୟ ରାଜନୀତିରେ ଏଭଳି ଅନେକ ଉଦାହରଣ ରହିଛି । ଗଣତନ୍ତ୍ରର ମୂଳରୁ ଶୀର୍ଷ ପର୍ଯ୍ୟନ୍ତ ଜନାଦେଶ ଆଧାରିତ ହୋଇଥିବାରୁ ଜନମତକୁ ସମ୍ମାନ ଓ ଗ୍ରହଣ କରା ନ ଯିବ ବା କିପରି? ଯଦି ଏହା ନ ହୁଏ ତେବେ ଗଣତାନ୍ତ୍ରିକ ଉପାୟରେ ଏବଂ ଅହିଂସ ପ୍ରତିବାଦ ବା ଆନ୍ଦୋଳନ ଜରିଆରେ ଦାବି ହାସଲ କରିବାର ଅଧିକାର ଆମ ସମ୍ବିଧାନ ତା'ର ନାଗରିକମାନଙ୍କୁ ଦେଇଛି । ସିଜେପି ଆନ୍ଦୋଳନରେ ଗଣତନ୍ତ୍ରର ଏହି ମୌଳିକ ତତ୍ତ୍ୱ ସମ୍ପୂର୍ଣ୍ଣ ରୂପେ ଅନୁସୃତ ହୋଇଛି । ତେଣୁ ଆନ୍ଦୋଳନକାରୀଙ୍କ ସପକ୍ଷରେ ଯେଉଁ ଫଳାଫଳ ଆସୁଛି ତାହା ଜନସମୁଦାୟଙ୍କ ଉପଲବ୍ଧି ଏବଂ ସର୍ବୋପରି ସୁସ୍ଥ ଗଣତନ୍ତ୍ରର ବିଜୟ ସଞ୍ଜ୍ଞା ଧାରଣରେ ବୋଧହୁଏ ଦ୍ୱିରୁକ୍ତି ନାହିଁ ।

ସିଜେପି ଆନ୍ଦୋଳନ ଆହୁରି ମଧ୍ୟ ପ୍ରମାଣ କରିଛି ଯେ ଗଣତନ୍ତ୍ରରେ ଗଣ ହିଁ ପ୍ରଭୁ ଏବଂ ସେମାନଙ୍କ ନିଷ୍ପତ୍ତି/ମତାମତ ହିଁ ସର୍ବଶେଷ । ଏହି ଶାସନ ବ୍ୟବସ୍ଥାରେ ଅହଂ, ସ୍ୱୈରଚାର, ଏକଚାଟିଆ ବା ମନମୁଖି ଆଭିମୁଖ୍ୟର କୌଣସି ସ୍ଥାନ ନାହିଁ । ଗତ ବାରବର୍ଷରେ ସିଏଏ ଓ କୃଷି ଆଇନ ପରି ଦୁଇଦୁଇଟି ଘଟଣାରେ କେନ୍ଦ୍ର ସରକାରଙ୍କ ମନମୁଖି ଶାସନ ପରାଭବର ସାମ୍ନା କରିଥିଲେ ମଧ୍ୟ କୌଣସି ମନ୍ତ୍ରୀ ଇସ୍ତଫା ଦେବାକୁ ପଡ଼ି ନଥିଲା କି କାହାକୁ ବରଖାସ୍ତ କରାଯାଇ ନଥିଲା । ଯାହା ବାରବର୍ଷରେ ଘଟି ନଥିଲା ତାହା ଜେନ୍ ଜେଡ୍ ଗୋଷ୍ଠୀ କରି ଦେଖାଇଲେ । ଏହା ପ୍ରମାଣ କଲା ଯେ ମନୋବଳ ଦୃଢ଼, ଲକ୍ଷ୍ୟ ସ୍ଥିର, ଆଭିମୁଖ୍ୟ ସ୍ୱଚ୍ଛ ଓ କାର୍ଯ୍ୟାବଳୀ ନିଃସ୍ୱାର୍ଥପର ହେଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କିଛି ଅସମ୍ଭବ ନୁହେଁ କି କେହି ଦୁର୍ଜେୟ ନୁହନ୍ତି । ଅନେକ ପ୍ରାରମ୍ଭିକ ବାଧାବିଘ୍ନ ସତ୍ତ୍ୱେ ଶେଷରେ ଗଣତନ୍ତ୍ରର ହିଁ ବିଜୟ ହୁଏ ।

ଯଦି କେନ୍ଦ୍ର ସରକାର ନିଜ ଅହଂକୁ ପରିହାର କରି ଗଣଦାବିକୁ ସ୍ୱୀକାର କରିବାରେ ଆଉ ଅଧିକ ବିଳମ୍ବ କରିଥା'ନ୍ତେ ତେବେ ସିଜେପିର ଆନ୍ଦୋଳନ ପ୍ରତିମୁହୂର୍ତ୍ତରେ ଆହୁରି ଅଧିକରୁ ଅଧିକ ଜନସମର୍ଥନ ଲାଭ କରି ବଳିଷ୍ଠ ହୋଇ ଜନ-ମହାସମୁଦ୍ରର ରୂପ ନେଇଥା'ନ୍ତା ଏବଂ ତା'ର ଲହରି ଓ ଗର୍ଜନ ସାରା ଦେଶରେ ବିକ୍ଷୋଭର ସୁନାମି ସୃଷ୍ଟି କରିଥା'ନ୍ତା । ତା' ପରେ ହୁଏତ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସେନା ମୁତୟନ କରିବାକୁ ପଡ଼ିଥା'ନ୍ତା, ଯାହା ବିଶ୍ୱ ଦରବାରରେ ସର୍ବବୃହତ୍ ଗଣତନ୍ତ୍ରକୁ ନିନ୍ଦିତ କରିଥା'ନ୍ତା । ହୁଏତ ବାଂଲାଦେଶ ଓ ନେପାଳ ଅନୁକ୍ରମରେ ଭାରତ ସରକାରଙ୍କୁ ମଧ୍ୟ ଇସ୍ତଫା ଦେବାକୁ ପଡ଼ିଥା'ନ୍ତା । ଏହାର ସୁଯୋଗ ନେଇ ବାହ୍ୟ ତତ୍ତ୍ୱ ଭାରତରେ ଅସ୍ଥିରତା, ହିଂସା ସୃଷ୍ଟି କରିବାରେ ଆଦୌ ପଶ୍ଚାତପଦ ହୋଇ ନ ଥା'ନ୍ତା । କିନ୍ତୁ ଦୂରଦର୍ଶୀ ଭାରତ ସରକାର ବିଜ୍ଞତାର ପରିଚୟ ଦେଇ ସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ବେଳ ହୁଁ ସିଜେପିର ଦାବିକୁ ଗ୍ରହଣ କରିନେଇଛନ୍ତି ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି ।

ସିଜେପି ଆନ୍ଦୋଳନର ଯୁଗାନ୍ତକାରୀ ବାର୍ତ୍ତା ହେଲା ବୁଦ୍ଧ ଓ ଗାନ୍ଧୀଙ୍କ ଭୂମିରେ ହିଂସାର ସ୍ଥାନ ନାହିଁ । ବାଂଲାଦେଶ ଓ ନେପାଳର ଜେନ୍ ଜେଡ୍ ଭଳି ହିଂସା ଉପାୟରେ ଦାବି ହାସଲ କରିବାର ପଥ ଉନ୍ମୁକ୍ତ ଥିଲେ ହେଁ ତାହାକୁ ଭାରତର ଜେନ୍ ଜେଡ୍ ପରିହାର କରି ଅହିଂସ ପଥକୁ ଚୟନ କରିଛନ୍ତି । ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଏହି ଉପଲବ୍ଧି ସମଗ୍ର ବିଶ୍ୱ ପାଇଁ ଏକ ସକାରାତ୍ମକ ବାର୍ତ୍ତା । ଏହା ପୁଣି ଥରେ ପ୍ରମାଣିତ କରିଛି ଯେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା ଏବଂ ଅହିଂସାର ମାର୍ଗ ହିଁ ଦାବି ହାସଲ କରିବାର ସର୍ବୋତ୍ତମ ବିକଳ୍ପ । ଭାରତର ଜେନ୍ ଜେଡ୍ ବର୍ଗ ଏହି ଆନ୍ଦୋଳନ ଜରିଆରେ ପୂର୍ବଜ ବରିଷ୍ଠ ଓ ଅଭିଜ୍ଞ ନେତୃବର୍ଗଙ୍କ ପାଇଁ ମଧ୍ୟ ଏକ ସନ୍ଦେଶ ଦେଇଛନ୍ତି । ସେମାନେ ଉଦାହରଣ ସୃଷ୍ଟି କରିଛନ୍ତି ଯେ ଦଳୀୟ ନୀତି ଓ ଆଦର୍ଶ ଯଦି ଜନସ୍ୱାର୍ଥ ସମ୍ବଳିତ ହୁଏ ତେବେ ଦଳ-ମତ-ଜାତି-ସମ୍ପ୍ରଦାୟ ନିର୍ବିଶେଷରେ ସାରା ଭାରତର ସମର୍ଥନ ମିଳିପାରିବ । ଆନ୍ଦୋଳନର ଆଗଧାଡ଼ିର କର୍ମକର୍ତ୍ତାମାନେ ଆହୁରି ମଧ୍ୟ ପ୍ରମାଣ କରିଛନ୍ତି ଯେ ସମସ୍ତେ ବିକ୍ରିଯୋଗ୍ୟ ନୁହନ୍ତି ଏବଂ ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥାପି ବଞ୍ଚିଛି ।

ସର୍ବୋପରି ଭାରତର ଗଣତନ୍ତ୍ର ସୁପ୍ତପ୍ରାୟ ବୋଲି ସୃଷ୍ଟି ହୋଇସାରିଥିବା ଧାରଣା ଯେ ନିରାଧାର ତାହା ସିଜେପି ଆନ୍ଦୋଳନରୁ ଅନୁଭୂତ ହୋଇଛି । ଗଣତନ୍ତ୍ର ପ୍ରତି ସୃଷ୍ଟି ହୋଇଥିବା ହତାଶା ମରୁରେ ସିଜେପି ଆନ୍ଦୋଳନ ସଞ୍ଜୀବନୀ ସଞ୍ଚାର କରିଛି । ଏହାକୁ ପରିପୁଷ୍ଟ କରିବା ପୂର୍ବଜ ଓ ଉତ୍ତରପିଢ଼ିଙ୍କ ଦାୟିତ୍ୱ ।

# ଲକ୍ଷ୍ମୀ ପୁରାଣ: ନାରୀର ସ୍ୱାଧୀନ ସ୍ୱରର ଉଚ୍ଚାରଣ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ନିକଟରେ ଓଡ଼ିଶା ସରକାର ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ର ଏକକୋଟି ସଂଶୋଧିତ ପ୍ରତିମୁଦ୍ରଣ ଓ ବିତରଣ କରିବା ସହ ସନ୍ଥକବିଙ୍କ ସ୍ମୃତିରେ 'ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣର ଘୋଷଣା କରିଛନ୍ତି । ଏହି ଘୋଷଣା ସ୍ୱାଭାବିକ ଭାବରେ ଭିନ୍ନଭିନ୍ନ ମହଲରେ ନାନା ବିଚାରବିମର୍ଶ ତଥା ବିତର୍କର ସୂତ୍ରପାତ କରିଛି । କେହି ଏହାକୁ ବର୍ତ୍ତମାନ ସରକାରଙ୍କ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା ଓ ସାଂସ୍କୃତିକ ପୁନର୍ଜାଗରଣ ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ବୋଲି କହୁଥିବା ବେଳେ ଅନେକ ମଧ୍ୟ ଏହା ସଂପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ସେଥିପାଇଁ ଏକ ବିବଦମାନ ସରକାରୀ ପଦକ୍ଷେପ ବୋଲି କହୁଛନ୍ତି । ଏହି ସବୁ ପ୍ରତିକ୍ରିୟା ଖୁବ୍ ସ୍ୱାଭାବିକ ଅବଶ୍ୟ ।

ତେବେ ଏହି ଚର୍ଚ୍ଚା, ବିଚାର ବିମର୍ଶ କିମ୍ବା ମତମତାନ୍ତରର ସବୁର ଉତ୍ତେଜକ ଆବହାୱାରେ ଅତି ମହତ୍ତ୍ୱପୂର୍ଣ୍ଣ ମୌଳିକ ପ୍ରଶ୍ନ ପ୍ରାୟ ଅନୁଚ୍ଚାରିତ । ତାହା ହେଉଛି : ଆମେ ଏ ଦୀର୍ଘ ଚାରିଶହ ବର୍ଷ ଭିତରେ ଓଡ଼ିଆ ମନୀଷା-ସୃଷ୍ଟ ଏହି ଗ୍ରନ୍ଥଟିକୁ କ'ଣ ସତରେ କେବେ ଗଭୀରତାର ସହିତ ପଢ଼ିଛେ; ତା'ର ମୂଲ୍ୟାୟନ କରିବାର ପ୍ରଚେଷ୍ଟା କରିଛେ ନା କେବଳ ଭାକ୍ତିକ ବିହ୍ୱଳତା ପ୍ରଦର୍ଶନ କରି ତା'ର ଅର୍ଚ୍ଚନ, ବନ୍ଦନ କରିବାରେ ସନ୍ତୁଷ୍ଟ ରହିଛେ? ଏହା ସତ୍ୟ ଯେ ଆମେ 'ଲକ୍ଷ୍ମୀ ପୁରାଣ'କୁ ମୁଖ୍ୟତଃ ଏକ ଧାର୍ମିକ ଗ୍ରନ୍ଥ ଭାବରେ ଗ୍ରହଣ କରିଛେ ଏବଂ ତତ୍‌ସହିତ ଭିନ୍ନ ଭିନ୍ନ ଧର୍ମୀୟ ଓ ବୌଦ୍ଧିକ ବିଚାର-ଆଲୋଚନାର ମଞ୍ଚମାନଙ୍କରେ ପଞ୍ଚଦଶ ଶତାବ୍ଦୀର ଏହି ଧାର୍ମିକ ଗ୍ରନ୍ଥରେ ଜାତିଭେଦ ତଥା ଅସ୍ପୃଶ୍ୟତା-ବିରୋଧୀ ସ୍ୱର କେତେ ବିସ୍ମୟକର ଭାବରେ ସ୍ପଷ୍ଟ ଓ ତୀବ୍ର ଥିଲା କହି ଖୁବ୍ ଗର୍ବ ଓ ଗୌରବ ଅନୁଭବ କରିଛେ । 'ଲକ୍ଷ୍ମୀ ପୁରାଣ'ର ଭାବବସ୍ତୁ ପ୍ରତି ଆମର ଏଇ ଆଭିମୁଖ୍ୟ ଆଦୌ ନିରାଧାର ନୁହେଁ ।

ଏଥିରେ ଦ୍ୱିମତ ନାହିଁ ଯେ ଏହା ଏକ ଧାର୍ମିକ ଗ୍ରନ୍ଥ ହୋଇଥିଲେ ମଧ୍ୟ ଏହାର ଭାବବସ୍ତୁ ଦୃଷ୍ଟିରୁ ବିଚାର କଲେ ଏହା ହିନ୍ଦୁଧର୍ମ ବା ବ୍ରାହ୍ମଣ୍ୟ ଧର୍ମର ବର୍ଣ୍ଣବ୍ୟବସ୍ଥା-ବିରୋଧୀ ଗ୍ରନ୍ଥ ମଧ୍ୟ । ମାତ୍ର ଏହାର ବିଶେଷତ୍ୱ ଓ ଅନ୍ୟନତା ପ୍ରକୃତରେ କ'ଣ, ତାହା ସ୍ପଷ୍ଟ ହୋଇଥାଏ ଯେତେବେଳେ ଆମେ ଏହାକୁ ଏକ ସାହିତ୍ୟକୃତି ଭାବରେ ଗ୍ରହଣ କରି ବିଶ୍ୱ ସାହିତ୍ୟର ପ୍ରେକ୍ଷାପଟରେ ଏହାର ମୂଲ୍ୟାୟନ କରିଥାଉ । ସେତିକିବେଳେ ମଧ୍ୟ ସ୍ପଷ୍ଟ ହୋଇଥାଏ ଯେ ପ୍ରାଚୀନ ମଧ୍ୟଯୁଗୀୟ କାଳଖଣ୍ଡରେ ନାରୀ-ସ୍ୱାଧୀନତା ଓ ନାରୀ-ସାର୍ବଭୌମତାର ବାର୍ତ୍ତା ପ୍ରଦାନ କରୁଥିବା ସାହିତ୍ୟିକ ରଚନାମାନଙ୍କ ମଧ୍ୟରେ 'ଲକ୍ଷ୍ମୀ ପୁରାଣ'ର ସ୍ଥାନ ସ୍ୱତନ୍ତ୍ର । ନାରୀର ସ୍ୱାଧୀନ ନୈତିକ ସତ୍ତା, ସାମାଜିକ ନ୍ୟାୟ ଓ ମାନବୀୟ ସମତାର ଉଦ୍‌ଘୋଷଣା କରୁଥିବା ସାହିତ୍ୟିକ କୃତିମାନଙ୍କ ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ ।

ଏହି ସନ୍ଦର୍ଭରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ ଯେ ନାରୀର ସ୍ୱାଧୀନତା ବା ସ୍ୱାୟତ୍ତତା ସଂପର୍କିତ ଭାବବସ୍ତୁର ସ୍ପଷ୍ଟ ଆଭାସ ପ୍ରଥମେ କେଉଁ ପ୍ରାଚୀନ ସାହିତ୍ୟିକ ସୃଷ୍ଟିରେ ଉପଲବ୍ଧ? ଏ ପ୍ରଶ୍ନର ଉତ୍ତର ମିଳିଥାଏ ଦୁଇ ହଜାର ବର୍ଷ ତଳେ ରଚିତ ହୋଇଥିବା ବିଶ୍ୱର ପ୍ରାଚୀନତମ ନାରୀ କବିତା ସଂକଳନ 'ଥେରୀଗାଥା'ରୁ । ବହୁ ଐତିହାସିର ଏକମତ ଯେ ବୌଦ୍ଧ ସାହିତ୍ୟର ଏହି ଅତୁଳନୀୟ କୃତିରେ ପ୍ରଥମେ ପରିସ୍ଫୁଟିତ ହୋଇଥିଲା ନାରୀ ସ୍ୱାଧୀନତା କେନ୍ଦ୍ରିକ ଚେତନା ଓ ସ୍ୱର । 'ଥେରୀଗାଥା'ରେ ନାରୀ ପ୍ରଥମେ ନିଜ କଣ୍ଠରେ କହିଥିଲା - 'ମୋ ଜୀବନ ଏକାନ୍ତ ଭାବରେ ମୋର ଓ ମୋ ଜୀବନର ନିଷ୍ପତ୍ତି ମୁଁ ହିଁ ନେବି- ମୋ ସ୍ୱାଧୀନ ଇଚ୍ଛାରେ' ।

ଏହି କବିତା ସଂକଳନରେ ବୌଦ୍ଧ ଭିକ୍ଷୁଣୀମାନେ ବାରମ୍ବାର ଘୋଷଣା କରିଛନ୍ତି- 'ଆମର ମୁକ୍ତି ଲୋଡ଼ା ପାରିବାରିକ ବନ୍ଧନସବୁରୁ । ଶିଶୁର କାନ୍ଦ ହେଉ କି ହସ ହେଉ, ସ୍ୱାମୀର ସୋହାଗ ହେଉ କି ଅବହେଳା ହେଉ, ଗୃହାଙ୍ଗନର ନିରାପତ୍ତା ହେଉ କି ପୁରୁଷମାନଙ୍କ ସହାୟତା ପ୍ରଦାନକାରୀ କୃପାଦୃଷ୍ଟି ହେଉ - ଏ ପ୍ରତ୍ୟେକଟି ଆମ ପାଇଁ ମୂଲ୍ୟହୀନ । କାରଣ ଆମେ ଆମର ଅନ୍ତର୍ସତ୍ତାର ସ୍ୱର ଶୁଣି ସାରିଛୁ । ଆମେ ସ୍ୱାଧୀନ ଓ ସ୍ୱଆୟତ୍ତାଧୀନ' । 'ଥେରୀଗାଥା'ର କବିତା ପାଠ କଲେ ସ୍ପଷ୍ଟ ଜଣାପଡ଼ିଥାଏ ଯେ ମାନବ ଇତିହାସରେ ପ୍ରଥମ ଥର ପାଇଁ ନାରୀ ନିଜ ଜୀବନର କାହାଣୀ ନିଜେ ଲେଖୁଛି; ସେ ଆଉ କାହାର କାହାଣୀର ପାତ୍ର ନୁହେଁ, ସେ ନିଜେ ନିଜ ଜୀବନର କଥକ ।

'ଥେରୀଗାଥା'ର ସୃଷ୍ଟି ଠାରୁ ପ୍ରାୟ ପନ୍ଦରଶହ ବର୍ଷ ପରେ ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ସନ୍ଥ କବି ବଳରାମ ଦାସ ଏମିତି ଏକ ନାରୀ-ଚରିତ୍ରର ମର୍ମସ୍ପର୍ଶୀ ଚିତ୍ରଣ



କଲେ, ଯିଏ କେବଳ ନିଜ ମୁକ୍ତିର କଥା କହିଲେ ନାହିଁ, - ସେ ସମାଜକୁ ବଦଳାଇବାର ଦାୟିତ୍ୱ ନିଜ କାନ୍ଧରେ ମଧ୍ୟ ନେଲେ । ଲକ୍ଷ୍ମୀ ଠାକୁରାଣୀ ହେଲେ ନାରୀ-ଚରିତ୍ରର ପ୍ରତିନିଧି । ପ୍ରଭୁ ବଳରାମ ଓ ପ୍ରଭୁ ଜଗନ୍ନାଥ ହେଲେ ପୁରୁଷ -ପ୍ରାଧାନ୍ୟ ପାରିବାରିକ ତଥା ସାମାଜିକ ବ୍ୟବସ୍ଥାର ପ୍ରତିଭୂ । ସାମାଜିକ ଅସମାନତା, ଜାତିବର୍ଣ୍ଣ ଆଧାରିତ ଭେଦଭାବ ତଥା ଅସ୍ପୃଶ୍ୟତାର ପୀଡ଼ନରୁ ମୁକ୍ତି ଖୋଜୁଥିବା ଆର୍ତ୍ତସ୍ୱରଟି ହେଲା ଶ୍ରୀୟା ଚଣ୍ଡାଳୁଣୀଙ୍କର ।

'ଲକ୍ଷ୍ମୀ ପୁରାଣ'ର ଲକ୍ଷ୍ମୀ କିନ୍ତୁ 'ଥେରୀଗାଥା'ର ଭିକ୍ଷୁଣୀ ପରି ମୁକ୍ତି ଲୋଡ଼ି ନାହାନ୍ତି କୌଣସି ବନ୍ଧନରୁ, ବରଂ ବନ୍ଧନକୁ ସେ ଅଙ୍ଗୀକାର କରିଛନ୍ତି ଆପଣା ସର୍ତ୍ତରେ ଓ ଆପଣାର ସ୍ୱାଧୀନ ଇଚ୍ଛରେ । 'ଥେରୀଗାଥା' ର ନାରୀ ଗୃହ ତ୍ୟାଗ କରି ମୁକ୍ତି ବା ନିର୍ବାଣ ଖୋଜିଛନ୍ତି ବୁଦ୍ଧ-ପ୍ରଦର୍ଶିତ ମାର୍ଗରେ । ମା' ଲକ୍ଷ୍ମୀ ଗୃହତ୍ୟାଗ କରିଛନ୍ତି, କିନ୍ତୁ ପୁନଶ୍ଚ ଗୃହକୁ ଫେରିଆସିଛନ୍ତି ଆପଣାର ସର୍ତ୍ତରେ । 'ଥେରୀଗାଥା'ର ନାରୀ ଦୁଃଖର ନିର୍ବାପନର ମାର୍ଗ ଖୋଜିଛନ୍ତି; ମା' ଲକ୍ଷ୍ମୀ ଖୋଜିଛନ୍ତି ସମାଜରୁ ଅନ୍ୟାୟ, ଅସମାନତା ଓ ଭେଦଭାବର ନିର୍ବାପନର ମାର୍ଗ । 'ଥେରୀଗାଥା'ରେ ମୁକ୍ତିର ପଥ ସନ୍ନ୍ୟାସ; 'ଲକ୍ଷ୍ମୀ ପୁରାଣ'ରେ ମୁକ୍ତିର ପଥ ସାମାଜିକ ନ୍ୟାୟ ଓ ସମତା । ଏହି ସୂକ୍ଷ୍ମ ଅଥଚ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଯୋଗୁଁ କବି ବଳରାମ ବିଶ୍ୱ ସାହିତ୍ୟର ଇତିହାସରେ ଆଧୁନିକ ନାରୀବାଦ କହିଲେ ଏବେ ଆମେ ଯାହା ବୁଝୁଛେ, ତା'ର ସର୍ବପ୍ରଥମ ପଥିକୃତ୍ ସାହିତ୍ୟିକ । ତାଙ୍କରି ଲେଖନୀ ସୃଷ୍ଟ 'ଲକ୍ଷ୍ମୀ ପୁରାଣ' ନାରୀର ସ୍ୱାଧୀନତା ଓ ସ୍ୱାଧୀନେଚ୍ଛାର ସର୍ବଶ୍ରେଷ୍ଠ ଉଚ୍ଚାରଣ ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ପାଣିପାଗ ପୂର୍ବାନୁମାନ ଓ ଚାଷୀର ପ୍ରକୃତ ଆବଶ୍ୟକତା

**ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ**



ଜୁନ୍ ୨୦୨୬ ର ଶେଷ ସପ୍ତାହରେ ଓଡ଼ିଶାର ଅନେକ ଚାଷୀ ଏଭଳି ଏକ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି, ଯାହା ପୂର୍ବ ପିଢ଼ିର ଚାଷୀମାନେ କଦାପି ଭାବି ନଥିଲେ । ୧୨ ଜୁନ୍‌ରେ ମୌସୁମୀ ଆଗମନ ହେବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଅନେକ ଚାଷୀ ସନ୍ଦେହରେ ଥିଲେ ଏବଂ ତଳିପକା କାମ ଆରମ୍ଭ କରିବାକୁ ସାହସ ବାନ୍ଧି ପାରି ନ ଥିଲେ । ଦଶନ୍ଧି ଦଶନ୍ଧି ଧରି ମୌସୁମୀ ଆସିଲେ ଚାଷ କାମ ଆରମ୍ଭ ହେଉଥିଲା । କିନ୍ତୁ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବଦଳୁଥିବା ଆଚରଣ ଯୋଗୁଁ ଚାଷ କାର୍ଯ୍ୟର ଯୋଜନା କରିବା କଷ୍ଟକର ହୋଇପଡ଼ିଛି ।

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଘୋଷଣା କରାଯାଉଥିବା ମୌସୁମୀ ଆଗମନର ଅର୍ଥ କେବଳ ବାୟୁମଣ୍ଡଳରେ ମୌସୁମୀ ପ୍ରବାହ ସୃଷ୍ଟି ହେବାକୁ ବୁଝାଏ । ଏହା ଗ୍ୟାରେଣ୍ଟି ଦିଏ ନାହିଁ ଯେ ସବୁଆଡ଼େ ଭଲ ଓ ଚାଷ ଉପଯୋଗୀ ବର୍ଷା ହେବ । ୨୦୦୯ ଏବଂ ୨୦୧୫ ରେ ମୌସୁମୀ ଠିକ୍ ସମୟରେ ଆସିଥିଲା । କିନ୍ତୁ ପରେ ଦୀର୍ଘ ଦିନ ଧରି ମରୁଡ଼ି ସଦୃଶ ସ୍ଥିତି ଦେଖାଦେଇ ଚାଷ ଉଜାଡ଼ି ଦେଇଥିଲା । ୨୦୨୩ ରେ ମଧ୍ୟ ଶୀଘ୍ର ମୌସୁମୀ ଆସିବା ପରେ ବର୍ଷା ଗାଏବ ହୋଇଯାଇଥିଲା । ଓଡ଼ିଶାରେ ୧୨ ଜୁନ୍‌ରେ ମୌସୁମୀ ଛୁଇଁଥିଲେ ମଧ୍ୟ ୩୦ ତାରିଖ ଶେଷ ସୁଦ୍ଧା ଅନେକ ସ୍ଥାନରେ ଚାଷ ପାଇଁ ପର୍ଯ୍ୟାପ୍ତ ବର୍ଷା ହୋଇ ନ ଥିଲା ।

ଚାଷୀଙ୍କୁ କେବଳ ମୌସୁମୀ ଆଗମନର ତାରିଖ ନୁହେଁ, ବରଂ 'କୃଷିଭିତ୍ତିକ ମୌସୁମୀ ପ୍ରତିଷ୍ଠା'ର ସୂଚନା ଦରକାର । ଏହାର ଅର୍ଥ ହେଉଛି - ବର୍ଷା କେବେଠାରୁ ନିୟମିତ ଓ ପର୍ଯ୍ୟାପ୍ତ ହେବ, ଯାହାଦ୍ୱାରା ଚାଷୀ ନିର୍ଭୟରେ ବିଲକୁ ଓହ୍ଲାଇପାରିବେ, ସମୁଦାୟ ବର୍ଷାର ପରିମାଣ କ'ଣ ଚାଷ ପାଇଁ ଯଥେଷ୍ଟ ଇତ୍ୟାଦି । ଆମେ ସାଧାରଣତଃ ମାସିକ କିମ୍ବା ଋତୁଭିତ୍ତିକ ସମୁଦାୟ ବର୍ଷାର ହିସାବ ଦେଖି ମୌସୁମୀ ଭଲ କି ମନ୍ଦ ଆକଳନ କରୁ । କିନ୍ତୁ ଫସଲ ପାଇଁ ପରିସଂଖ୍ୟାନ ନୁହେଁ, ବରଂ ଗଛ ବଢ଼ିବା ସମୟରେ ମାଟିରେ ରହୁଥିବା ଆର୍ଦ୍ରତା ଅଧିକ ଗୁରୁତ୍ୱପୂର୍ଣ୍ଣ । ୧୯୬୫ ଓ ୧୯୮୭ ଭଳି ବଡ଼ ମରୁଡ଼ି ବର୍ଷରେ ବର୍ଷାର ପରିମାଣ ବହୁତ କମ୍ ଥିଲା । କିନ୍ତୁ ୨୦୦୨, ୨୦୦୯, ୨୦୧୫, ୨୦୨୩ ଓ ୨୦୨୬ରେ ବର୍ଷାର ସମୁଦାୟ ପରିମାଣ ପ୍ରାୟ ସ୍ୱାଭାବିକ ଥିଲେ ମଧ୍ୟ ଦୀର୍ଘ ଦିନ ଧରି ବର୍ଷା ନହେବା ଯୋଗୁଁ ମାଟି ଶୁଖିଗଲା ଏବଂ ଫସଲ ନଷ୍ଟ ହେଲା । ଯଦି ଗୋଟିଏ ମାସରେ ମାତ୍ର ୨ ରୁ ୩ ଦିନ ପ୍ରବଳ ବର୍ଷା ହୋଇଯାଏ ଏବଂ ବାକି ଦିନଗୁଡ଼ିକ ଶୁଖିଲା ରହେ ତେବେ କାଗଜପତ୍ରରେ ବର୍ଷାର ପରିମାଣ ଠିକ୍ ଦେଖାଯିବ, କିନ୍ତୁ ତାହା ଫସଲ ପାଇଁ କ୍ଷତିକାରକ ।

ଧାନ ଚାଷରେ ଗଜା ହେବା, କାନ୍ଥେଇବା, କେଣ୍ଡା ବାହାରିବା, ଫୁଲ ଆସିବା ଏବଂ ଧାନ କ୍ଷୀର ହେବା ସମୟରେ ପାଣିର ନିହାତି ଆବଶ୍ୟକତା ଥାଏ । ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବର୍ଷା ନହେଲେ, ପରବର୍ତ୍ତୀ ସମୟରେ ପ୍ରବଳ ବର୍ଷା ହେଲେ ମଧ୍ୟ ତାହା ଫସଲକୁ ବଞ୍ଚାଇ ପାରିବ ନାହିଁ । ତେଣୁ ବର୍ଷାର ପରିମାଣ ଅପେକ୍ଷା ବର୍ଷାର ନିୟମିତତା ଅଧିକ ଜରୁରୀ । ଚାଷୀମାନଙ୍କୁ ପ୍ରକୃତରେ କେଉଁ ସୂଚନା ଦରକାର? ଏହାର ସହଜ ଉତ୍ତର ହେଉଛି 'ମାଟିର ଆର୍ଦ୍ରତା' । ମାଟିର ଆର୍ଦ୍ରତା ହିଁ ପାଣିପାଗ ଓ କୃଷିକୁ ପରସ୍ପର ସହ ଯୋଡ଼ିଥାଏ । ବର୍ଷା, ତାପମାତ୍ରା, ବାଷ୍ପୀଭବନ ଓ ପବନର ଗତିକୁ ଆଧାର କରି ଗଛର ଚେର ଥିବା ସ୍ଥାନରେ କେତେ ପାଣି ଅଛି, ତାହା ଉପରେ ଫସଲର ବୃଦ୍ଧି ନିର୍ଭର କରେ । ୨୦୦୨, ୨୦୦୯, ୨୦୧୫, ୨୦୨୩ ଏବଂ ଏହି ୨୦୨୬ ରେ କୃଷି କ୍ଷେତ୍ରରେ ସମସ୍ୟା କେବଳ ବର୍ଷାର ଅଭାବ ଯୋଗୁଁ ହୋଇନାହିଁ, ବରଂ ଦୀର୍ଘ ଦିନର ଶୁଖିଲା ପାଗ ଓ ଅଧିକ ତାପମାତ୍ରା ଯୋଗୁଁ ମାଟିର ଓଦାପଣ ଶୀଘ୍ର କମିଯିବା କାରଣରୁ ହୋଇଛି । ଏଭଳି ସ୍ଥିତିରେ କେବଳ ବର୍ଷାର ପରିସଂଖ୍ୟାନ ଚାଷର ପ୍ରକୃତ ଅବସ୍ଥା ଦର୍ଶାଇପାରେ ନାହିଁ ।

ଆଧୁନିକ ଜଳସେଚନ ପରିଚାଳନାରେ ଦୁଇଟି ମୁଖ୍ୟ ପଦ୍ଧତି ବ୍ୟବହାର କରାଯାଉଛି । ପ୍ରଥମ ପଦ୍ଧତିରେ ମାଟିରୁ କେତେ ପରିମାଣର ପାଣି କମିଲେ ଫସଲ ଖରାପ ହେବ ତା'ର ଆକଳନ କରାଯାଏ ଏବଂ ଦ୍ୱିତୀୟ ପଦ୍ଧତିରେ ପ୍ରତିଦିନ ବାଷ୍ପୀଭବନ ଦ୍ୱାରା କେତେ ଜଳ ନଷ୍ଟ ହେଉଛି ଏବଂ ତାହା ବର୍ଷା ବା ଜଳସେଚନ ଦ୍ୱାରା କେମିତି ଭରଣା ହେଉଛି, ତା'ର ଦୈନିକ ହିସାବ ରଖାଯାଏ । ତେଣୁ ବର୍ତ୍ତମାନର ବଦଳୁଥିବା ମୌସୁମୀ ସ୍ଥିତିରେ ବର୍ଷାଭିତ୍ତିକ ଚାଷ ପାଇଁ ମଧ୍ୟ ମାଟିର ଆର୍ଦ୍ରତା ସମ୍ପର୍କିତ ଆଭିମୁଖ୍ୟ ପ୍ରାସଙ୍ଗିକ ହୋଇପଡ଼ିଛି । ଚାଷୀଙ୍କୁ ଠିକ୍ ସମୟରେ ଜଣାଇବା ଦରକାର ଯେ ସେମାନଙ୍କ ଜମିର ମାଟିରେ କେତେ ପରିମାଣର ଆର୍ଦ୍ରତା ଅଛି, ତାହା କେତେ ଶୀଘ୍ର ଶୁଖୁଛି ଏବଂ ଆଗକୁ ବର୍ଷା ଦ୍ୱାରା ତାହା ଭରଣା ହେବାର ସମ୍ଭାବନା କେତେ । ଏହା ଜାଣିଲେ ଯାଇ ଚାଷୀ ଠିକ୍ ସମୟରେ ସଠିକ୍ ଭାବେ ତଳି ପକାଇବା ବା ରୁଆ କାମ କରିପାରିବେ ।

ବଦଳୁଥିବା ମୌସୁମୀ କାରଣରୁ ଚାଷୀଙ୍କୁ କେବଳ 'ମୌସୁମୀ ଆସିଲା କି ନାହିଁ' ଜାଣିବା ଯଥେଷ୍ଟ ନୁହେଁ । ବର୍ତ୍ତମାନ ଚାଷୀଙ୍କୁ ଦୁଇଟି ପ୍ରଶ୍ନର ଉତ୍ତର ଆବଶ୍ୟକ । ପ୍ରଥମଟି ହେଉଛି କୃଷିଭିତ୍ତିକ ମୌସୁମୀ ସ୍ଥିର ହେଲା କି? ଏବଂ ଦ୍ୱିତୀୟ, ଫସଲ ବଞ୍ଚାଇବା ପାଇଁ ମାଟିରେ ପ୍ରକୃତ ଆର୍ଦ୍ରତା ଅଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ମୌସୁମୀ ଆସିବାର ତାରିଖ କିମ୍ବା ବର୍ଷାର ସମୁଦାୟ ପରିମାଣରୁ ମିଳିପାରିବ ନାହିଁ । ଏଥିପାଇଁ କୃଷିଭିତ୍ତିକ ସୂଚକାଙ୍କ ଆବଶ୍ୟକ, ଯାହା ପାଣିପାଗ ସୂଚନାକୁ ଚାଷ କାର୍ଯ୍ୟର ସହଜ ନିଷ୍ପତ୍ତିରେ ବଦଳାଇପାରିବ । ଏହି ନୂତନ କୃଷି ସୂଚକାଙ୍କ କିଏ ପ୍ରସ୍ତୁତ କରିବ, କେମିତି ବିକାଶ କରାଯିବ ଏବଂ ଏହା କିଭଳି ଚାଷୀଙ୍କ ପାଖରେ ସହଜରେ ପହଞ୍ଚିପାରିବ ତାହା ହିଁ ଭାରତର ଆଗାମୀ ପିଢ଼ିର କୃଷି-ପାଣିପାଗ ପରାମର୍ଶ ସେବାର ଭବିଷ୍ୟତ ନିର୍ଦ୍ଧାରଣ କରିବ ।

ଭୁବନେଶ୍ୱର
ମୋ:୭୭୩୫୩୭୪୯୭

# ନୀଳାଦ୍ରିବିଜେର ଲୀଳା ବୈଶିଷ୍ଟ୍ୟ

**ଡ. ଶରତ ଚନ୍ଦ୍ର ପରିଡ଼ା**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଲୀଳାପୁରୁଷ ଶ୍ରୀଜଗନ୍ନାଥଙ୍କ 'ନୀଳାଦ୍ରିବିଜେ' ରଥଯାତ୍ରାର ଅଷ୍ଟମ ତଥା ଶେଷ ଚରଣ । ପ୍ରିୟ ଗୁଣ୍ଡିଚା ମଣ୍ଡପରେ ଜନ୍ମବେଦୀ ମହୋତ୍ସବ ଲୀଳା ଭିଆଇ ବାହୁଡ଼ାଦଶମୀରେ ନୀଳାଦ୍ରିକୁ ଫେରନ୍ତି ଶ୍ରୀମନ୍ଦିରର ଅଧିଷ୍ଠାତା ନୀଳାଦ୍ରିବିହାରୀ ନୀଳାଦ୍ରୀଶ ନୀଳଶୈଳଶିରୋମଣି ।

ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭଉଣୀକୁ ସାଥିରେ ଧରି ଘୋଷଯାତ୍ରାରେ ଶ୍ରୀଜଗନ୍ନାଥ ପଳାଇଥିବାରୁ ସେ ଦୋଷୀ । ଅଭିମାନିନୀ ଲକ୍ଷ୍ମୀ ନୀଳାଦ୍ରୀଶଙ୍କୁ ନୀଳାଦ୍ରି ପ୍ରବେଶ ନିଷେଧ କରିଦିଅନ୍ତି । ସିଂହଦ୍ୱାର ଦରଜାର କଂସା କବାଟ ବନ୍ଦ ଅର୍ଥାତ୍ 'କବାଟକୀଳା' ନୀତି ଅନୁଷ୍ଠିତ ହୁଏ । ଲକ୍ଷ୍ମୀଙ୍କ ପ୍ରାର୍ଥନାରେ ଇନ୍ଦ୍ର ପ୍ରବଳ ବର୍ଷାରେ ଭିଜାଇ ଦେବାରୁ ଶ୍ରୀଜଗନ୍ନାଥ ତିନ୍ତି ତିନ୍ତି ଥରିବାକୁ ଲାଗନ୍ତି । ଜଗତର ନାଥ ନିଜର ଅନିଚ୍ଛାକୃତ ଦୋଷ ସ୍ୱୀକାର କରି କ୍ଷମା ମାଗିବାର ସମ୍ବାଦ ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ପହଞ୍ଚେ । ଜଗଜ୍ଜନନୀଙ୍କ କ୍ରୋଧର ନିଆଁ ଶୀତଳ ହେବାରୁ ପତିଦେବତାଙ୍କୁ ଝିଙ୍ଗାସ ବଚନ କହିଥିବାରୁ ତାଙ୍କ ଛାତି ଫାଟିଗଲା ପରି ଲାଗେ । ଦ୍ୱାର ଖୋଲି ଦେବାକୁ କହି କାନ୍ଦିବାକୁ ଲାଗନ୍ତି ।

ସିଂହଦ୍ୱାର ସିନା ଖୋଲିଗଲା, ହେଲେ ଜୟବିଜୟ ଦ୍ୱାର ବନ୍ଦ । ସେଠାରେ ଚିତ୍ତାକର୍ଷକ ଲକ୍ଷ୍ମୀନାରାୟଣ ବଚନିକା ପର୍ଯ୍ୟାୟ ଆରମ୍ଭ ହୁଏ । ପ୍ରଥମେ ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ଶ୍ରୀଜଗନ୍ନାଥ ପୁରୁଷ ସୁଲଭ ଚାଟୁ ବାକ୍ୟ କହନ୍ତି: 'ନବ ଦିନ ମୋତେ ନବଯୁଗ ହେଲା ଶ୍ରୀମୁଖ ନଦେଖି ତୋର/ ଝୁଲି ଝୁଲି ଦେହ ଦୁର୍ବଳ ହେଲାଣି ପାଦ ନଚଳଇ ମୋର ।' ଏତକ କହି ଆଉ ରୋଷ ନକରି ତାଙ୍କୁ କ୍ଷମା କରିଦେବା ପାଇଁ ପତ୍ନୀପ୍ରିୟଙ୍କ ପ୍ରାର୍ଥନା କରନ୍ତି । ଅନ୍ୟପକ୍ଷରେ ଲକ୍ଷ୍ମୀ ଠାକୁରାଣୀ ଜଗନ୍ନାଥଙ୍କ ଚାଟୁବାକ୍ୟ ଶୁଣି କଟୁ ବାକ୍ୟ ପ୍ରୟୋଗ କରିଛନ୍ତି: 'ଯାଅ ଯାଅ ଫେରି ନୀଳାଦ୍ରି ବିହାରୀ ଭଉଣୀକି ସଙ୍ଗେ ନିଅ/ ଛାଡ଼ି କରି ଗଲେ ଦୁଃଖ କରିବଟି ନନ୍ଦରାଜାର ଝିଅ ।' ଶ୍ରୀଜଗନ୍ନାଥ କୈଫିୟତ୍ ଦେଇ ଯୁକ୍ତି ବାଢ଼ନ୍ତି :



'ଜ୍ୟେଷ୍ଠ ସହୋଦର ତୋର ଦେଢ଼ଶୁର ସେ ସଙ୍ଗତେ ଥିଲେ ଯେଣୁ/ ଏକଥା ଚିତ୍ତେ ବିଚାରିଣ ତୋତେ ସଙ୍ଗତେ ନନେଲି ତେଣୁ ।'

ନାରୀମାନଙ୍କର ବସ୍ତ୍ରଆଭୂଷଣ ପ୍ରତି ଅହେତୁକ ଦୁର୍ବଳତା ଥିବା ଜଗତର ନାଥ ଭଲ ଭାବରେ ଜାଣି ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ମନଲୋଭା ଉପହାର ସବୁ ଆଣିଛନ୍ତି । ପ୍ରାଣପ୍ରିୟା ପତ୍ନୀଙ୍କ ପାଇଁ ଦୁଦୁରା, ତାଡ଼କୀ, ଯବଦଣ୍ଡୀ, ସମ୍ବଲପୁରିଆ ବାଙ୍କ ଡେଉଁରିଆ, ଶୁଆବସା ନାକଗୁଣା, ଚିନାମାଳ, ହୃଦୟକୁ ପଦକ, ପାଦକୁ ବାଜେଣି, ହାତକୁ ବଳା, ମରକତ ଚୁଡ଼ି ଆଦି ନାନା ରତ୍ନ ଅଳଙ୍କାର ଓ କଳାମେଘୀ ଶାଢ଼ି ଭେଟି ଦେଇ କହନ୍ତି : 'ଫେଡ଼ ଫେଡ଼ କମଳିନୀ ଗୋ ଫେଡ଼ ଗୋ କବାଟ/ ତୁମ ପାଇଁ ଆଣିଛି ମୁଁ ଚିତ୍ରମେଘୀ ପାଟ ।' ରତ୍ନାକର ସୁତା ଐଶ୍ୱର୍ଯ୍ୟଦାତ୍ରୀ ଲୋଭନୀୟ ବସ୍ତ୍ରାଳଙ୍କାରରେ ପ୍ରଲୁବ୍ଧ ନହୋଇ ବାପଘରର ବଡ଼ପଣ କଥା ମନେ ପକାନ୍ତି । ନିଜ ଭାଗ୍ୟକୁ ନିନ୍ଦନ୍ତି : 'ଧିକ ମୋ ଜୀବନ ମୋ ବାପା ବରୁଣ, କାହିଁ ଦେଲା ଏଠି ବାହା/ ଗେରସ୍ତ ବୋଲି ମୁଁ ଯା' ହାତ ଧରିଲି, କହେ ନାହିଁ ସିଏ ଆହା ।' ଲକ୍ଷ୍ମୀ ଜଗନ୍ନାଥଙ୍କୁ ତାଚ୍ଛଲ୍ୟ କରି ସେସବୁ ଉପହାର ଗୋପୀମାନଙ୍କ ମନୋରଞ୍ଜନ ପାଇଁ ଦେବା ପାଇଁ କହନ୍ତି । ରାଗରେ ମଣିଷର ମର୍ମ କଥା କହି ହୋଇଯାଏ । ଗୁପ୍ତ ବୃନ୍ଦାବନ ଗୁଣ୍ଡିଚାମନ୍ଦିରର ରାସଲୀଳା କଥା ଲକ୍ଷ୍ମୀ ଭଲ ଭାବରେ ଜାଣନ୍ତି । ତାହା ମାଧୁର୍ଯ୍ୟଲୀଳାର ପୀଠସ୍ଥଳୀ ହୋଇଥିବାରୁ ସେଠାରେ ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ପ୍ରବେଶ ନିଷେଧ । ମହାପ୍ରଭୁଙ୍କ ସକଳ ଅନୁନୟ ବିନୟ ଲକ୍ଷ୍ମୀ ନବୁଝିବାରୁ ସେ କଠୋର ହୋଇ ଚରମ ନିଷ୍ପତ୍ତି ଶୁଣାଇଛନ୍ତି: 'ମୁଁ ହିଁ ବୋଲି ତୋର ଦାଉ ସମ୍ଭାଳିଛି ଆଉ କେ ପାରନ୍ତା ସହି/ ଘର ଛାଡ଼ି କରି କଉପୀନ ମାରି ଯାଆନ୍ତାଣି ଯୋଗୀ ହୋଇ । ତୁମ୍ଭେ ଗୋ ଇନ୍ଦିରେ ସର୍ବଜନେ କୃପା କର/ ଚାଣ୍ଡାଳୁ ଦ୍ୱିଜଙ୍କ ସେବା କର ଅଙ୍ଗୀକାର । ସେହି ମହାଭାବ ମୁଁହି ରଥେ ପ୍ରଚାରିବି/ ନବଦିନ ଯାତ୍ରା ରଚି ଜଗତେ ତାରିବି । ଭକତବତ୍ସଳ ନାମ ମୋର ଏଣୁ ଖ୍ୟାତ/ଏଥକୁ ଗୋ ପଦ୍ମାଳୟା ଭାବ ତୁ ଉଚିତ ।' ଏପରି ଭାଇବୋହୂ ଓ ସାନଭାଇଙ୍କ ଦାମ୍ପତ୍ୟ କଳହକୁ ଘରର ଗୁରୁଜନ ବଡ଼ଭାଇ ବଳରାମ ଶୁଣି କଡ଼ା ଅନୁଶାସନ ଶୁଣାଇଛନ୍ତି- ଏପରି ଖଡ଼ବଡ଼ ଆଉ ଥରେ ଶୁଣିଲେ ସେ ନିଶ୍ଚୟ ଜଗନ୍ନାଥଙ୍କୁ ଭିନ୍ନ କରିଦେବେ ।

ଉଭୟଙ୍କ ଚେତା ପଶେ । କବାଟ ଉନ୍ମୋଚିତ ହୁଏ । ଲୀଳାମୟ ଶ୍ରୀଜଗନ୍ନାଥ 'ଭିତିରି ବିଜେ' କରନ୍ତି । ମା'ଲକ୍ଷ୍ମୀ ପ୍ରାଣପ୍ରିୟଙ୍କୁ ଦେଖି ଭାବପ୍ରବଣତାରେ ଲୁହ ଝରାଇ କ୍ଷମା ମାଗନ୍ତି । ଅନୁଷ୍ଠିତ ହୁଏ ପ୍ରତୀକ୍ଷିତ ମହାମିଳନ । ମୁଣ୍ଡ ସାଉଁଳେଇ ଗାଢ଼ ଆଲିଙ୍ଗନରେ ଚନ୍ଦ୍ରବଦନରେ ଚୁମା ଦିଅନ୍ତି । ଅନୁରାଗରେ ମିଳନର ମଧୁର ମୂର୍ଚ୍ଛନା ସୃଷ୍ଟି ହୁଏ । ଶଙ୍ଖ ହୁଳହୁଳି ମଧ୍ୟରେ ଗଇଁଠାଳ ଫିଟାଯାଇ ମହାସ୍ନାନ ମଙ୍ଗଳ ଆଳତି ପରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ମିଷ୍ଟନୈବେଦ୍ୟ ରସଗୋଲା ଖୁଆଇ ଦିଅନ୍ତି । ଘଷା ବିଡ଼ିଆ ମଣୋହି ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ବିଜେ କରନ୍ତି ।

ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ଅର୍ଥାତ୍ ପ୍ରକୃତି ଓ ପୁରୁଷ ହେଉଛନ୍ତି କୋଟି କୋଟି ଦମ୍ପତିଙ୍କ ସାର୍ଥକ ପ୍ରତିନିଧି । ଏହି ଲୀଳା ପବିତ୍ର ପ୍ରେମପୂର୍ଣ୍ଣ ଓ ପ୍ରଗତିଶୀଳ ଦାମ୍ପତ୍ୟ ଜୀବନ ଧାରା । ରାଗ ଅନୁରାଗର ଏକ ମିଶ୍ରରାଗ । ଦାମ୍ପତ୍ୟ ଜୀବନରେ ସାମୟିକ ବିଚ୍ଛେଦର ଏହା ଏକ ଚମତ୍କାର ମାନବିକ ମୂଲ୍ୟାୟନ । ଗାର୍ହସ୍ଥ୍ୟ ଜୀବନରେ ଖଟା-ମିଠା, ବାଦ-ବିବାଦ ଓ ରାଗ-ରୁଷା ଅନ୍ତରାଳରେ ବହୁଥାଏ ସ୍ନେହ ମମତାର ଝର । ଅବୁଝାପଣକୁ ଆତ୍ମୀୟତାର ପୁଟ ଦେଇ ପରିଲେ ତାହା ହର୍ଷୋଲ୍ଲାସରେ ରୂପାନ୍ତରିତ ହୁଏ । ମାନବୀୟ ଜଗନ୍ନାଥ ଧର୍ମର ଏହା ହିଁ ଆଦର୍ଶ ଓ ଆଚରଣ । ସମସ୍ତ ଦାମ୍ପତ୍ୟ ଜୀବନ ପ୍ରୀତିଝରା, ମଧୁଭରା ଓ ଅପାସୋରା ହେଉ ।

ଭୁବନେଶ୍ୱର, ମୋ: ୭୦୦୮୪୭୫୪୪୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ହଷ୍ଟେଲ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ମୃତଦେହ ରଖି ଆଶ୍ରମ ସ୍କୁଲ ଆଗରେ ଧାରଣା

ଉମରକୋଟ,୨୬।୭ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମପଞ୍ଚାୟତର ବାଟିବେଢ଼ା ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ଜବା ସାନ୍ତା (୧୪)। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ ଏବଂ ବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ଛାତ୍ରୀ ଜଣଙ୍କ ଘର ଉମରକୋଟ ବ୍ଲକର ସୁନାବେଢ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଲଦଲି ଗ୍ରାମରେ। ଏହି ଘଟଣା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାର ତଦନ୍ତ କ୍ଷତିପୂରଣ ଦାବିରେ ଲୋକେ ଶବକୁ ସ୍କୁଲ ଫାଟକ ଆଗରେ ରଖି ଆନ୍ଦୋଳନ କରିଥିଲେ।

ସୂଚନା ଅନୁସାରେ ଶନିବାର ରାତିରେ ବିଦ୍ୟାଳୟ ପରିସର ବାହାରେ ଏକ ଜମିରେ ଥିବା ଗଛରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦଲଦଲି ଗ୍ରାମରେ ମୋବାଇଲ ନେଟୱର୍କ ସୁବିଧା ନଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ରାତିରେ ଗ୍ରାମକୁ ଯାଇ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଥିଲେ। ମୃତ ଛାତ୍ରୀଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, କଂଗ୍ରେସ ଓ ବିଜେଡି ଦଳର ସ୍ଥାନୀୟ ନେତାମାନେ ମୃତଦେହକୁ ଆଶ୍ରମ ବିଦ୍ୟାଳୟ ଫାଟକ ସମ୍ମୁଖରେ ରଖି ଧାରଣାରେ ବସିଥିଲେ। କଂଗ୍ରେସର ଜିଲ୍ଲା ସଭାପତି ଡ.ଲିପିକା ମାଝୀ, ସନରାଜ ଗଣ୍ଡ, ସାଇ ନାରାୟଣ ପାଢ଼ୀ ଓ



ବିଜେଡିର ପୂର୍ବତନ ସାଂସଦ ରମେଶ ମାଝୀ ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ଧାରଣାକାରୀମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିବା ସହ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର ଓ ତହସିଲଦାର ମେଘବାନ ବାଗ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିବା ସହ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ ଯେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପିଏ-ଆଇଟିଡିଏ, ମେଡିକାଲ ଅଫିସର, ଏଡିଡବ୍ଲ୍ୟୁଓ ଓ ଡିଡବ୍ଲ୍ୟୁଓଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇଛି। ଏଥିସହ ମଙ୍ଗଳ ବିଭାଗ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ୨ ଟଙ୍କା ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ତଦନ୍ତ ରିପୋର୍ଟରେ ଯାହାଙ୍କ ଅବହେଳା କିମ୍ବା ଦାୟିତ୍ୱହୀନତା ପ୍ରମାଣିତ ହେବ, ସେମାନଙ୍କ ବିରୋଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ମୃତ ଛାତ୍ରୀଙ୍କ ପରିବାର ଓ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

# ରକ୍ତଦାନ ଶିବିରକୁ ଲିଫଲେଟ୍ ନାହିଁ; ମନ୍ତ୍ରୀଙ୍କ ପ୍ରଚାର ହୋର୍ଡିଂରେ କୋଟି କୋଟି ଖର୍ଚ୍ଚ

## ୨ବର୍ଷ ହେଲା ସରକାରୀ ରକ୍ତଭଣ୍ଡାରରେ ଲିଫଲେଟ୍ ବନ୍ଦ

ଭୁବନେଶ୍ୱର,୨୬।୭ (ସମିସ): ରାଜ୍ୟରେ ସରକାରୀ କାର୍ଯ୍ୟକ୍ରମ, ସଭାସମିତି ପାଇଁ ଯାବତୀୟ ପ୍ରଚାର ହେଉଛି। ମନ୍ତ୍ରୀମାନଙ୍କ ଗସ୍ତ କାଳରେ ଗଳିକନ୍ଦିରେ ହୋଡ଼ିଂ, ବ୍ୟାନର, କଟଆଉଟ୍ ଲଗାଯାଉଛି। ଜାତୀୟସ୍ତରର ନେତାମାନେ ଓଡ଼ିଶା ଆସିଲେ ବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ବହୁ ହୋଡ଼ିଂ ଲାଗୁଥିବା ଦେଖାଯାଉଛି। ମାତ୍ର ରୋଗୀଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରିବା ଓ ଏଥିପାଇଁ ସଚେତନତା ଶିବିର ଆୟୋଜନ ପାଇଁ ବିଭିନ୍ନ ରକ୍ତଦାନ ଶିବିରରେ ଲିଫ୍‌ଲେଟ୍‌ଟିଏ ପହଞ୍ଚି ପାରୁନାହିଁ। ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ ନେଇ ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ସ୍ଥାନରେ ଏହାକୁ ବଣ୍ଟନ କରାଯାଇଥାଏ। ମାତ୍ର ଦୀର୍ଘ ୨ବର୍ଷ ହେବ ଏହି ଲିଫଲେଟ୍ ଛପାଯାଇନଥିବା ସୂଚନା ମିଳିଛି। ଗୋଟେପଟେ ସରକାର ଅନାବଶ୍ୟକ କାର୍ଯ୍ୟ ପାଇଁ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରକ୍ତଦାନ ଭଳି ଏକ ସେନସିଟିଭ ମେଡିସିନ୍ ଆୱାରନେସ୍ ପାଇଁ ଆବଶ୍ୟକୀୟ ଲିଫଲେଟ୍ ପାଇଁ ସର୍ବନିମ୍ନ ଖର୍ଚ୍ଚ କରିବାକୁ ଅସମର୍ଥ ହୋଇଥିବା ଏବଂ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସରକାର ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।

ରାଜଧାନୀରେ କ୍ୟାପିଟାଲ ବ୍ଲଡ଼ ବ୍ୟାଙ୍କ, ସେଣ୍ଟ୍ରାଲ ରେଡକ୍ରସ୍ ଏବଂ ଏସସିବି ବ୍ଲଡ ସେଣ୍ଟର ସାରା ରାଜ୍ୟରୁ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ଯୋଗାଇଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ରହିଥିବା ଘରୋଇ ଓ ସରକାରୀ ହସ୍ପିଟାଲ ଏହି ଦୁଇ ବ୍ଲଡ ସେଣ୍ଟରକୁ ଭରସା କରିଥାନ୍ତି। ସୂଚନା ଅନୁସାରେ ସରକାରଙ୍କର ୫୬ଟି, ରେଡକ୍ରସ୍‌ର ୨ଟି ଏବଂ ଏମସ୍‌ର ଗୋଟିଏକୁ ମିଶାଇ ରାଜ୍ୟରେ ମୋଟ୍ ୫୯ଟି ବ୍ଲଡବ୍ୟାଙ୍କ ରହିଛି। ତେବେ ଜୀବନ ପାଇଁ ସଂଘର୍ଷ କରୁଥିବା ରାଜ୍ୟରେ ପ୍ରାୟ ୧୭ହଜାର ଥାଲାସେମିଆ ରୋଗୀଙ୍କ ପାଇଁ ମାସିକ ୫୦ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ହେଉଥିବା ବେଳେ ବର୍ଷକୁ ପ୍ରାୟ ୬ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ।




ପୂର୍ବରୁ ବିଜେଡି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ବାର୍ଷିକ ପ୍ରାୟ ୪ଲକ୍ଷ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଶିବିର କରାଯାଇ ବଳକା ରକ୍ତ ସଂଗ୍ରହ କରାଯାଇଥାଏ। ହେଲେ ବର୍ତ୍ତମାନ ଅନ୍ୟ ସମୟରେ ନିୟମିତ ରକ୍ତଦାନ ଶିବିରର ଆୟୋଜନ ହେଉନଥିବାରୁ ରାଜ୍ୟରେ ରକ୍ତର ସଙ୍କଟ ଦେଖାଦେଇଛି। ଲୋକଙ୍କ ମଧ୍ୟରେ ରକ୍ତଦାନ ନେଇ ସଚେତନତା ସୃଷ୍ଟି କରିବାକୁ କ୍ୟାମ୍ପ ଗୁଡ଼ିକରେ ଲିଫଲେଟ୍ ରକ୍ତଦାତାମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଥାଏ। ଏଥିରେ ରକ୍ତଦାନ କରିବାର ବୟସ ସୀମା, ରାଜ୍ୟର ବ୍ଲଡବ୍ୟାଙ୍କ ଗୁଡ଼ିକରେ ମିଳୁଥିବା ବିଭିନ୍ନ ବ୍ଲଡଗ୍ରୁପ୍ ରକ୍ତର ସବିଶେଷ ତଥ୍ୟ ରହିଥାଏ। ରକ୍ତଦାନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କି ପ୍ରକାର ଉପକାର ମିଳିଥାଏ, ଥରକେ ଜଣେ କେତେ ପରିମାଣରେ ରକ୍ତଦାନ କରିପାରିବେ, ରକ୍ତଦାନ କରିବାର ବ୍ୟବଧାନ କେତେ ରହିବା ଆବଶ୍ୟକ, ପ୍ରତିଟି ସଂଗୃହୀତ ରକ୍ତମୁଣି ପାଇଁ ରକ୍ତଭଣ୍ଡାରରେ କିକି ପରୀକ୍ଷା କରାଯାଏ, ରରକ୍ତଦାନ ଦ୍ୱାରା ଏଡସ୍ ରୋଗ ସଂକ୍ରମିତ ହୋଇଥାଏ କି ନାହିଁ, କେତେଦିନ ଯାଏ ରକ୍ତ ଭଣ୍ଡାରରେ ରକ୍ତ ସଂରକ୍ଷଣ କରାଯାଇଥାଏ ସମ୍ପର୍କରେ ତଥ୍ୟ ଲୋକମାନଙ୍କୁ ସଚେତନ କରିବାକୁ ସକ୍ଷମ ହୋଇଥାଏ। ଲୋକମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ଅନୁପ୍ରେରିତ କରିବାକୁ ଏହା ଏକ ମାଧ୍ୟମ ରୂପେ ବିବେଚନା କରାଯାଉଥିଲା। ହେଲେ ବିଗତ ୨ବର୍ଷ ମଧ୍ୟରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କମିଥିବା ବେଳେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା କରାଯାଉ ନଥିବା ଅଭିଯୋଗ ହୋଇଛି।

ଏନେଇ ଫେଡେରେସନ୍ ଅଫ୍ ବ୍ଲଡ ଡୋନର ଅର୍ଗାନାଇଜେସନ୍ ଅଫ୍ ଓଡ଼ିଶାର ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି ଯେ ଲୋକମାନଙ୍କ ପାଖରେ ସୂଚନା ରହିଲେ ସେମାନେ ଶିବିରରେ ପହଞ୍ଚିବା ସହଜ ହୋଇଥାଏ। କେବଳ ସେତିକି ନୁହେଁ, ଲିଫଲେଟ୍‌ରେ ରକ୍ତଦାନ ସମ୍ପର୍କରେ ଲେଖା ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମସ୍ତେ ଜାଣିବା ଓ ସଚେତନ ହେବା ଆବଶ୍ୟକ। ତେବେ କେବଳ ରାଜଧାନୀ ହସ୍ପିଟାଲ ନୁହେଁ କଟକ ଏସସିବି, ଏମକେସିଜି ହସ୍ପିଟାଲ ବ୍ଲଡବ୍ୟାଙ୍କରେ ମଧ୍ୟ ଲିଫଲେଟ ଉପଲବ୍ଧ ନାହିଁ। ପୂର୍ବରୁ ଏହି ଲିଫଲେଟ୍ ପ୍ରତିଟି ଶିବିରରେ ଯୋଗାଇ ଦିଆଯାଉଥିବା ବେଳେ ପ୍ରାୟ ୨ବର୍ଷ ହେବ ତାହା ଉପଲବ୍ଧ ନ ଥିବା ସୂଚନା ରହିଛି ବୋଲି ଶ୍ରୀ ରାଉତ କହିଛନ୍ତି।

## ବର୍ଷେ ପରେ ଜେନ୍-ଜୀ ନେତା ବାଛିଲା କଂଗ୍ରେସ

# ବିଭୂତି ଓଡ଼ିଶା ଛାତ୍ର କଂଗ୍ରେସ ଆଡ୍-ହକ୍ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୬।୭ (ସମିସ): ପିସିସି ମୁଖପାତ୍ର ତଥା ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ରଙ୍କୁ ଛାତ୍ର କଂଗ୍ରେସର (ଏନ୍ଏସ୍ୟୁଆଇ) ଆଡ୍-ହକ୍ ସଭାପତି ଭାବେ ନିଯୁକ୍ତି ମିଳିଛି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସଭାପତି ବିଭୂତିଙ୍କ ନିଯୁକ୍ତି ସୁପାରିସକୁ ଅନୁମୋଦନ ଦେବା ପରେ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ବିଭୂତି ଭୂଷଣ ମହାପାତ୍ର ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ନିଯୁକ୍ତି ଦୁର୍ନୀତି ଓ ପରୀକ୍ଷା ପ୍ରକ୍ରିୟାରେ ହେଉଥିବା ଅନିୟମିତତା ବିରୋଧରେ ସକ୍ରିୟ ଭୂମିକା ନେଇଆସିଛନ୍ତି। ଆରଆଇଅମିନ ନିଯୁକ୍ତି ଦୁର୍ନୀତି, ପୁଲିସ ଏସଆଇ ନିଯୁକ୍ତି ପ୍ରସଙ୍ଗ, ବନ ବିଭାଗରେ ନିଯୁକ୍ତି ଅନିୟମିତତା ଏବଂ ସିଭିଲ ଜେଇ ପ୍ରଶ୍ନପତ୍ର ଲିକ୍ ଭଳି ବହୁ ଚର୍ଚ୍ଚିତ ପ୍ରସଙ୍ଗରେ ସେ ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀଙ୍କ ସ୍ୱରକୁ ସରକାରଙ୍କ ସମ୍ମୁଖରେ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି।



ଏହି ସମସ୍ତ ପ୍ରସଙ୍ଗରେ ସେ ବିଭିନ୍ନ ଗଣଆନ୍ଦୋଳନ, ବିକ୍ଷୋଭ, ଧାରଣା, ପଦଯାତ୍ରା ଏବଂ ସ୍ମାରକପତ୍ର ପ୍ରଦାନ ଭଳି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ନିଯୁକ୍ତି ପ୍ରକ୍ରିୟା ପାଇଁ ଦାବି ଉଠାଇଥିଲେ। ବିଭୂତି ଭୂଷଣ ମହାପାତ୍ର ବର୍ତ୍ତମାନ ରାଜ୍ୟ କଂଗ୍ରେସର ମୁଖପାତ୍ର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଜଣେ ଦକ୍ଷ ବକ୍ତା ଓ ସକ୍ରିୟ ଛାତ୍ର ସଙ୍ଗଠକ ଭାବେ ସେ ସକ୍ରିୟ ଅଛନ୍ତି। ତାଙ୍କ ନିଯୁକ୍ତିକୁ ରାଜ୍ୟର ଛାତ୍ର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ସ୍ୱାଗତ କରିଛନ୍ତି। ଅନ୍ୟପଟେ ବିଭୂତିଙ୍କ ନିଯୁକ୍ତି ପରେ ବର୍ଷେ ହେବ ଖାଲି ପଡ଼ିଥିବା ଛାତ୍ର କଂଗ୍ରେସ ସଭାପତି ପଦ ପୂର୍ଣ୍ଣ ହୋଇଛି। ସାରା ଦେଶରେ ଏବେ ଜେନ୍-ଜୀ ଆନ୍ଦୋଳନ ଓ ଛାତ୍ରଙ୍କ ଭୂମିକା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହେଲେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କ ପଦ ଛାଡ଼ିବା ପରଠାରୁ ବର୍ଷେ କାଳ ବିନା ଛାତ୍ର କଂଗ୍ରେସ ସଭାପତିରେ ଏହି ସଂଗଠନ ଚାଲିଥିଲା। ଏବେ ବିଭୂତିଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ଛାତ୍ର ଆନ୍ଦୋଳନକୁ ନେଇ କଂଗ୍ରେସର କିଛି ନୂତନ ରଣନୀତି ଥିବା ଚର୍ଚ୍ଚା ହେଉଛି।

■ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ

# ଖର୍ଚ୍ଚ ହେବ ୧୬୫ କୋଟି

ଭୁବନେଶ୍ୱର,୨୬।୭ (ସମିସ): ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ (ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର) ନିର୍ମାଣ ପାଇଁ ପ୍ରଶାସନିକ ଅନୁମତି ପ୍ରଦାନ କରିଛି ଜଳସମ୍ପଦ ବିଭାଗ। ଏହି ଦୁଇଟି ପ୍ରକଳ୍ପ ପାଇଁ ମୋଟ ୧୬୫ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ବିଭାଗ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଏନେଇ ଅବଗତ କରାଯାଇଛି। ଚିଠି ଅନୁଯାୟୀ ମୟୂରଭଞ୍ଜର କାଂଶପାଳ ଗ୍ରାମ ନିକଟରେ କତ୍ରା ନଦୀ ଉପରେ ଏକ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ମୋଟ ୭୬ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ନିକଟରେ ଇଚ୍ଛା ନଦୀ ଉପରେ ନିର୍ମିତ ହେବ। ଏଥିପାଇଁ ୮୯ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରଖାଯାଇଛି। ଉଭୟ ପ୍ରକଳ୍ପ ରାଜ୍ୟ ପାଣ୍ଠିରୁ ନିର୍ମାଣ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଧରପଣା ପାଇ...

ତିଥିରେ ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ଏହାପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି।

ରାତି ୮ଟା ସୁଦ୍ଧା ଅଧରପଣା ନୀତି ଶେଷ ହେବାକୁ ଥିବାବେଳେ ରାତି ୯ଟା ୪୨ରେ ସରିଥିଲା। ତେବେ ପ୍ରଥମେ ତାଳଧ୍ୱଜ ରଥରେ ରାତି ୯ଟା ୧୮ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହାପରେ ଦେବଦଳନ ରଥରେ ୯ଟା ୨୮ରେ ଏବଂ ଶେଷରେ ନନ୍ଦିଘୋଷ ରଥରେ ରାତି ୯ଟା ୪୨ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

### ଚମକିଲେ ଜ୍ୟୋତିର୍ମୟୀ...

ସଙ୍ଗୀତ ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ ପରିଚୟ ଦେଇଛି। ଜ୍ୟୋତିର୍ମୟୀଙ୍କ ଏହି ସଫଳତାକୁ ନେଇ ସମଗ୍ର ରାଜ୍ୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି। ବିଜେତା ଭାବେ ଜ୍ୟୋତିର୍ମୟୀଙ୍କୁ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶର ତନିଷ୍କ ଶୁକ୍ଳା ପ୍ରଥମ ରନର୍ସଅପ୍ ଏବଂ ମନରାଜବୀର ସିଂହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରାଣ୍ଡ ଫାଇନାଲେରେ ଜ୍ୟୋତିର୍ମୟୀଙ୍କ ଭାବପୂର୍ଣ୍ଣ ଏବଂ ସୁମଧୁର ପରିବେଷଣ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା। ବିଚାରକ ଶ୍ରେୟା ଘୋଷାଲ, ବିଶାଲ୍ ଦଦ୍‌ଲାନୀ ଓ ବାଦଶାହଙ୍କ ସମେତ ଉପସ୍ଥିତ ଅତିଥିମାନେ ତାଙ୍କ ସଙ୍ଗୀତ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। ଖ୍ୟାତନାମା କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟ ନାରାୟଣ ମଞ୍ଚ ସଞ୍ଚାଳନ କରିଥିଲେ।

### ଗଠନ ହେଲା...

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପରୀକ୍ଷା ପ୍ରକ୍ରିୟାରେ ବୈଷୟିକ ଏବଂ ଗଠନମୂଳକ ସଂସ୍କାର ଆଣିବା ପାଇଁ ଏହି ବହୁମୁଖୀ ବିଶେଷଜ୍ଞ ଦଳ କାର୍ଯ୍ୟ କରିବ। ଟାସ୍କଫୋର୍ସରେ ନିଲେକାନିଙ୍କ ବ୍ୟତୀତ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଏସ୍. ସୋମନାଥ, ପୂର୍ବତନ ଆଇବି ନିର୍ଦ୍ଦେଶକ ତପନ ଡେକା, ଆଇଆଇଟି ମାଡ୍ରାସ ନିର୍ଦ୍ଦେଶକ ଭି. କାମାକୋଟି, ପୂର୍ବତନ ଶିକ୍ଷା ସଚିବ ଅନିତା କରୱାଲ ଏବଂ ଲଜିଷ୍ଟିକ୍ସ ବିଶେଷଜ୍ଞ ଅମୃତ ଲାଲ ମୀନା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପରୀକ୍ଷା ପରିଚାଳନା ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ବିଶ୍ୱସନୀୟ କରିବାକୁ ଏହି ଟାସ୍କ ଫୋର୍ସ ଖୁବ୍‌ଶୀଘ୍ର ସୁପାରିସ ଦାଖଲ କରିବ ଏବଂ ସେହି ଆଧାରରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ।

ସୂଚନାଯୋଗ୍ୟ, ପ୍ରଶ୍ନପତ୍ର ଲିକ୍‌କୁ ନେଇ ପ୍ରାୟ ୭ ସପ୍ତାହ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେବାର ମାତ୍ର ଗୋଟିଏ ଦିନ ପରେ ଏହି ଟାସ୍କ ଫୋର୍ସ ଗଠନ କରାଯାଇଛି। ଏହା ସହିତ ସରକାର ଆସନ୍ତାକାଲି ଲୋକସଭାରେ 'ସର୍ବସାଧାରଣ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ଆଗତ କରିବାକୁ ଯାଉଛନ୍ତି। ଏହି ନୂତନ ଆଇନରେ ପରୀକ୍ଷାରେ ଜାଲିଆତି କରୁଥିବା ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡ, ସମୟବଦ୍ଧ ତଦନ୍ତ ଏବଂ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ବ୍ୟବସ୍ଥା ରହିଛି। ପ୍ରସ୍ତାବିତ ବିଲ୍‌ରେ ପେପର ଲିକ୍ ଓ ପରୀକ୍ଷାରେ ଅନିୟମିତତା ପାଇଁ ଦଣ୍ଡକୁ ଅଧିକ କଠୋର କରାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ୫ ବର୍ଷରୁ ସର୍ବାଧିକ ୧୦ ବର୍ଷ ଜେଲ୍ ସହ ୫୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ହେବ। ସଂଗଠିତ ଅପରାଧ କ୍ଷେତ୍ରରେ ୭ରୁ ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି। ପରୀକ୍ଷା ପରିଚାଳନା ସହ ଜଡ଼ିତ ସେବା ପ୍ରଦାନକାରୀ ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ୫ କୋଟି ପର୍ଯ୍ୟନ୍ତ ଜରିମାନା, ପରୀକ୍ଷା ଖର୍ଚ୍ଚ ଆଦାୟ ଏବଂ ୮ ବର୍ଷ ପର୍ଯ୍ୟନ୍ତ ସରକାରୀ ପରୀକ୍ଷା ପ୍ରକ୍ରିୟାରୁ ବାଦ ଦେବାର ପ୍ରସ୍ତାବ ରହିଛି। ବିଲ୍‌ରେ ସ୍ୱଶାଲ୍ ଟାସ୍କ ଫୋର୍ସ ଗଠନ, ଦୁଇ ମାସ ମଧ୍ୟରେ ତଦନ୍ତ ଶେଷ, ଫାଷ୍ଟ ଟ୍ରାକ୍ କୋର୍ଟରେ ଦୈନିକ ଶୁଣାଣି ଏବଂ ଚାର୍ଜସିଟ୍ ଦାଖଲର ତିନି ମାସ ମଧ୍ୟରେ ବିଚାର ଶେଷ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ସ୍ୱଶାଲ୍ ଫାଷ୍ଟ ଟ୍ରାକ୍ କୋର୍ଟର ରାୟ ବିରୋଧରେ ୩୦ ଦିନ ମଧ୍ୟରେ ହାଇକୋର୍ଟରେ ଅପିଲ୍ କରିହେବ, ଯାହାକୁ ବିଶେଷ ପରିସ୍ଥିତିରେ ୯୦ ଦିନ ପର୍ଯ୍ୟନ୍ତ ବଢ଼ାଯାଇପାରିବ।

### ସରକାରଙ୍କୁ ଘେରିବାକୁ...

ଅନ୍ୟପଟେ ରାଜ୍ୟସଭାରେ ମଧ୍ୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦେଇଛି। ରାଜ୍ୟସଭାରେ ଟିଏମସିର ଉପ-ନେତା ସାଗରିକା ଘୋଷ ଗୃହର ସମସ୍ତ କାର୍ଯ୍ୟ ବନ୍ଦ କରି ଏହି ଘଟଣା ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସୁରକ୍ଷା ବାହିନୀ ସହିତ କିଛି ସାଧାରଣ ପୋଷାକଧାରୀ ବ୍ୟକ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରୁଥିବାର ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ପୁଲିସ ପେଲେଟ୍ ଗନ୍ ବ୍ୟବହାରକୁ ଅସ୍ୱୀକାର କରିଥିଲେ ମଧ୍ୟ ବିରୋଧୀ ଏହି ପ୍ରସଙ୍ଗରେ ସରକାରଙ୍କ ଉପରେ ଚାପ ପ୍ରୟୋଗ ଜାରି ରଖିଛନ୍ତି।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ପ୍ରତ୍ୟାହାର ପାଇଁ ସରକାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ସରକାରୀ ଆଦେଶ ଦିଲ୍ଲୀ ପୁଲିସରେ ପହଞ୍ଚିନାହିଁ। କେନ୍ଦ୍ର ଗୃହ ବିଭାଗରୁ ଆଦେଶ ପହଞ୍ଚିଲା ପରେ ପୁଲିସ ଏଦିଗରେ ପଦକ୍ଷେପ ଗ୍ରହଣ କରିବ ବୋଲି କହିଛି।

### ଆହୁରି ୪୮ ଘଣ୍ଟା...

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପଟି ଆଜି ସକାଳେ ଅବପାତରେ ପରିଣତ ହୋଇଛି ଓ ଉତ୍ତର ଓଡ଼ିଶା -ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୨୪ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବ ଓ ସୋମବାର ସକାଳ କିମ୍ବା ମଧ୍ୟାହ୍ନ ସୁଦ୍ଧା ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ପାରାଦୀପ ଓ ସାଗର ଦୀପ ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହା ପ୍ରଭାବରେ ଆଗାମୀ ୪୮ ଘଣ୍ଟା ଯାଏ ଭୀଷଣ ବର୍ଷା ସମ୍ଭାବନା ରହିଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ ଅତି ପ୍ରବଳ ବର୍ଷା ପାଇଁ ଏହି ୩ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, ବୌଦ୍ଧ, କନ୍ଧମାଳ, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ନୟାଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି ପରି ଜିଲ୍ଲାରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱର୍ଣ୍ଣିଂ ଜାରି କରାଯାଇଛି।

ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅନେକ ନଦୀ ମଧ୍ୟ ଫୁଲିବାରେ ଲାଗିଛି। ତଳିଆ ଅଞ୍ଚଳରେ ବନ୍ୟା ଓ ସହରରେ କୃତ୍ରିମ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରି ସତର୍କ ରହିବାକୁ ପରାମର୍ଶ ଦେଇଛି। ଉତ୍ତର ଓଡ଼ିଶା ଉପକୂଳରେ ୪୦-୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା ୨୯ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଜଗତସିଂହପୁର ଓ ସମ୍ବଲପୁରରେ ଅତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ୪ଟି ସ୍ଥାନରେ ଅତି ପ୍ରବଳ ବର୍ଷା ସହ ୫୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ଜଗତସିଂହପୁରର ବିରିଡିରେ ସର୍ବାଧିକ ୩୨୮ ମିମି ବର୍ଷା ରେକର୍ଡ ହୋଇଛି।

### ବଜ୍ରପାତ ନେଲା...

ଭିତରେ ଟଳି ପଡ଼ିଥିଲେ। ନିକଟରେ ଥିବା କିଛି ସ୍ଥାନୀୟ ଲୋକ ଉଭୟଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ରାଜବରହମପୁର ଥାନା ଚତୁରିପଡ଼ା ଗ୍ରାମର କହ୍ନେଇ କିସ୍କୁଙ୍କ ପୁଅ ବୁଦ୍ଧିଆ (୫୫) ଅପରାହ୍ଣ ପ୍ରାୟ ସାଢ଼େ ୪ ସମୟର ବଜ୍ରପାତ ହେବାରୁ ବିଲରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ତୁରନ୍ତ ବରହମପୁର ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସିଜେପି ପରେ...

ଉଚିତ। ଯେହେତୁ ପେଟ୍ରୋଲ ପମ୍ପଗୁଡିକରେ ଏବେ କେବଳ ଇ-୨୦ ପେଟ୍ରୋଲ ବିକ୍ରି କରାଯାଉଛି, ଉପଭୋକ୍ତାମାନେ କହିଛନ୍ତି ଯେ ସେମାନଙ୍କୁ ନିଜ ପସନ୍ଦର ଇନ୍ଧନ ବିକଳ୍ପ ବାଛିବାରୁ ବଞ୍ଚିତ କରାଯାଉଛି। ଇ-୨୦ ଜନତା ପାର୍ଟି ଇଥାନଲ୍ ମିଶ୍ରିତ ପେଟ୍ରୋଲ ପ୍ରସଙ୍ଗରେ ଜନସାଧାରଣଙ୍କ ହତାଶାଭାବକୁ ଏକ ବୃହତ ଆନ୍ଦୋଳନରେ ପରିଣତ କରିବାକୁ ଚାହୁଁଛି। ଇଜେପି ଆଶା କରୁଛି ଯେ ବ୍ୟଙ୍ଗ ଏବଂ ଗଣ ପ୍ରତିବାଦ ପୁଣି ଥରେ ସରକାରଙ୍କ ଯୋଜନାକୁ ଦୋହଲାଇପାରିବ। ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଅନୁଯାୟୀ, ଇ-୨୦ ଜନତା ପାର୍ଟି ହେଉଛି ଏକ ନାଗରିକ-ନେତୃତ୍ୱାଧୀନ ଗ୍ରାହକ ଅଧିକାର ଆନ୍ଦୋଳନ। ପୋଷ୍ଟରେ କୁହାଯାଇଛି, ଗ୍ରାହକମାନଙ୍କ ପାଇଁଇନ୍ଧନ ନୀତିରେ ସ୍ୱଚ୍ଛତା, ସୂଚନାପ୍ରଦ ପସନ୍ଦ ଏବଂ ଦାୟିତ୍ୱ ରହିବା ଉଚିତ। ଯେପରି କି ନାଗରିକମାନଙ୍କର ଅନ୍ୟ ଅନେକ ଉତ୍ପାଦରେ ପସନ୍ଦ ଅଛି, ସେହିପରି ସେମାନଙ୍କର ପସନ୍ଦର ଇନ୍ଧନ କିଣିବାର ସ୍ୱାଧୀନତା ମଧ୍ୟ ରହିବା ଉଚିତ। ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟରୁ ଗୋଟିଏ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ପେଟ୍ରୋଲ ପମ୍ପରେ ଇଥାନଲ୍ ମିଶ୍ରିତ ଇନ୍ଧନ ବିକଳ୍ପ ସମେତ ୧୦୦% ଶୁଦ୍ଧ ପେଟ୍ରୋଲ ବାଛିବା ଏବଂ କ୍ରୟ କରିବାର ସ୍ୱାଧୀନତା ମିଳିବା ଉଚିତ। ଇଜେପି ସବସିଡି, ମାଗଣା ଇନ୍ଧନ କିମ୍ବା ଇଥାନଲ୍ ମିଶ୍ରିତ ଇନ୍ଧନ ପ୍ରତ୍ୟାହାର କରିବାକୁ ଦାବି କରୁନାହୁଁ। ସୋସିଆଲ ମିଡିଆ ପୋଷ୍ଟ ଅନୁଯାୟୀ, ଅନେକ ଗାଡ଼ି ମାଲିକ ମାଇଲେଜ୍, ଇଞ୍ଜିନ୍ ସୁସଙ୍ଗତତା, ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହା ବ୍ୟତୀତ, ଇ-୨୦ ଜନତା ଦଳର ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଇନ୍ଧନ ଲେବଲିଂରେ ସ୍ୱଚ୍ଛତା ସୁନିଶ୍ଚିତ କରିବା, ବିଭିନ୍ନ ଇନ୍ଧନ ମିଶ୍ରଣର ମୂଲ୍ୟ, ଲାଭ ଏବଂ ପ୍ରଭାବଶାଳୀତା ଉପରେ ସ୍ପଷ୍ଟ ଏବଂ ସହଜରେ ଉପଲବ୍ଧ ତଥ୍ୟ ପ୍ରକାଶ କରିବା ଏବଂ ମାଇଲେଜ୍, ଇଞ୍ଜିନ୍ କାର୍ଯ୍ୟଦକ୍ଷତା, ନିର୍ଗମନ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଉପରେ ସ୍ୱାଧୀନ ଅଧ୍ୟୟନ କରିବା ଏବଂ ଫଳାଫଳକୁ ସାର୍ବଜନୀନ କରିବା ଅନ୍ତର୍ଭୁକ୍ତ। ଏହା ମଧ୍ୟ ଦାବି କରାଯାଇଛି ଯେ, ନାଗରିକମାନଙ୍କୁ ଗୋଟିଏ ବିକଳ୍ପରେ ସୀମିତ ରହିବା ପରିବର୍ତ୍ତେ ସୂଚନାଭିତ୍ତିକ ପସନ୍ଦ ଚୟନ କରିବାର ସ୍ୱାଧୀନତା ଦିଆଯାଉ। ବଜାର ବିଶେଷଜ୍ଞଙ୍କ ମତରେ ଇ-୨୦ ଗାଡ଼ିର ମାଇଲେଜ୍ ୮-୧୫% ହ୍ରାସ କରିଛି, ପୁରୁଣା ଯାନର ଇଞ୍ଜିନ୍‌ରେ ତ୍ରୁଟି ଏବଂ ମରାମତି ଖର୍ଚ୍ଚ ବୃଦ୍ଧି କରିଛି। ଏଥିରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ପରିବାର ଉପରେ ସ୍ୱାର୍ଥର ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି, ଯାହାକୁ ମନ୍ତ୍ରୀ ଅସ୍ୱୀକାର କରିଛନ୍ତି।

### ଚାଉଳ ପୋକମରା...

ବୁବୁନା ଅଚେତ ହୋଇପଡ଼ିଥିଲା। ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ସକାଳେ ତାଙ୍କ ମୃତ୍ୟୁ ହୋଇଛି। ପରେ ୬ ବର୍ଷର ଝିଅ ପାୟଲ ଅସୁସ୍ଥ ହେବାରୁ ତାଙ୍କୁ ଭାପୁର ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ପାୟଲଙ୍କ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

### କାହା ସ୍ୱାର୍ଥରେ...

ସାମାଜିକ ଗଣମାଧ୍ୟମରେ ଓଏଚପିସି ପ୍ରକାଶ କରିଥିବା ତଥ୍ୟ ଅନୁସାରେ ଦୁଇଟି ଜଳଭଣ୍ଡାରକୁ ବ୍ୟବହାର କରି ପ୍ରକଳ୍ପଟି କାର୍ଯ୍ୟ କରିବ। ଉପର ବେସିନ୍‌ରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରକୁ ସଦୁପଯୋଗ କରି ତଳମୁଣ୍ଡରେ ଏକ ଉତ୍ସର୍ଗୀକୃତ ନିମ୍ନ ଜଳଭଣ୍ଡାର ନିର୍ମାଣ ହେବ। ଜଳଭଣ୍ଡାର ପାଣିକୁ ଏକ ଭୂତଳ ବିଦ୍ୟୁତ୍ ଷ୍ଟେସନ୍ ଦ୍ୱାରା ପରିଚାଳନା କରାଯିବ। ପ୍ରକଳ୍ପଟିର ବିଶେଷତ୍ୱ ହେଉଛି ରାଜ୍ୟର ସର୍ବୋଚ୍ଚ ବିଦ୍ୟୁତ ଚାହିଦା ସମୟରେ ବିଦ୍ୟୁତ୍ ଉତ୍ପାଦନ କରିବ ଏବଂ ସର୍ବନିମ୍ନ ଚାହିଦା ସମୟରେ ଉତ୍ପାଦନ ବନ୍ଦକରି ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ଉଠାଇବ।

ଶକ୍ତି ସମୀକ୍ଷକମାନଙ୍କ ଅଭିଯାଗ ଅନୁସାରେ ସୁରକ୍ଷା ତଥା ଡିଜାଇନରେ ଗୁରୁତର ତ୍ରୁଟି କାରଣରୁ ମେଘା ଇଞ୍ଜିନିୟରିଂକୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୨୦୨୫ ମସିହାରେ ଏକବର୍ଷ ପାଇଁ କୌଣସି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ବାରଣ କରିଥିଲେ। ସେହିପରି ନିମ୍ନମାନର କାର୍ଯ୍ୟ ପାଇଁ ମହାରାଷ୍ଟ୍ର ସରକାର ୯୫ କୋଟିର ଜରିମାନା ଆଦାୟ କରିଥିବା ବେଳେ ତେଲାଙ୍ଗାନା ଏବଂ ଛତିଶଗଡ଼ରେ କମ୍ପାନୀର କାର୍ଯ୍ୟକଳାପକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହିପରି ଦୁର୍ନୀତି ଅପରାଧରେ ସିବିଆଇ ମେଘା ଇଞ୍ଜିନିୟରିଂ ବିରୁଦ୍ଧରେ ମାମଲା ରୁଜୁକରି ତଦନ୍ତ କରିଛି। ଭାରତର ସର୍ବୋଚ୍ଚ ନ୍ୟାୟଳୟ ଫେବୃୟାରୀ ୨୦୨୪ରେ ଅସିଦ୍ଧ ଘୋଷଣା କରିଥିବା ନିର୍ବାଚନୀ ବଣ୍ଡ ସ୍କିମରେ ମେଘା ଇଞ୍ଜିନିୟରିଂ କମ୍ପାନୀ ଓ ଏହାର ସହଯୋଗୀ ସଂସ୍ଥା ସମୁଦାୟ ୧୧୮୬ କୋଟିଟଙ୍କା ନିବେଶ କରିଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ୬୬୪ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ତେଣୁ ପ୍ରକଳ୍ପ ନିର୍ମାଣ ପାଇଁ ଏପରି ବିବାଦୀୟ ଓ ଦୁର୍ନୀତିଗ୍ରସ୍ତ କମ୍ପାନୀ ସହିତ ଓଏଚପିସି କାହିଁକି ଚୁକ୍ତିନାମା ସ୍ୱାକ୍ଷର କରିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ପ୍ରକଳ୍ପର ସମୁଦାୟ ନିର୍ମାଣ ଖର୍ଚ୍ଚ ୪ ହଜାର କୋଟିଟଙ୍କାରୁ ଅଧିକ ସ୍ଥିର ହୋଇ ମେଘା ଇଞ୍ଜିନିୟରିଂ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ମୂଲ୍ୟ ୟୁନିଟ ପିଛା ୮ ଟଙ୍କାରୁ ଅଧିକ ରହିବ, ଯାହା ଓଡ଼ିଶା ପାଇଁ ଅନ୍ୟାନ ସୂତ୍ରରୁ ଗ୍ରୀଡକୋ କ୍ରୟ କରୁଥିବା ବିଦ୍ୟୁତ ମୂଲ୍ୟଠାରୁ ଢେର ଅଧିକ। ତେଣୁ ପିଏସପି ପ୍ରକଳ୍ପ ପାଇଁ ଓଡ଼ିଶା ଉପଭୋକ୍ତା ଅଧିକ ବିଦ୍ୟୁତ ମୂଲ୍ୟ ପରିଶୋଧ କରିବେ। ପିଏସପି ପ୍ରକଳ୍ପକୁ ବାଦ ଦେଇ ଶସ୍ତାରେ ମିଳୁଥିବା ପବନ କଳ, ବ୍ୟାଟେରୀ ଏନର୍ଜି ଷ୍ଟୋରେଜ ସିଷ୍ଟମ ପରି ପ୍ରକଳ୍ପ ନିର୍ମାଣ କଲେ ରାଜ୍ୟସ୍ୱାର୍ଥ ସୁରକ୍ଷିତ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।


AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no- 780, dated 20.07.2026, I, DIBYAMANJARI HARIJAN, Daughter of - Jimuta Bahana Harijan & Kabita Harijan, permanent resident of Village - Bikrampur, PO - Bikrampur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from DIVYA MANJURI HARIJAN to DIBYAMANJARI HARIJAN. Henceforth, I shall be known as DIBYAMANJARI HARIJAN for all purposes.
Sd/- Dibyamanjari Harijan

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no - 1062, dated 14-07-2026, I, DHANA NAYAK, S/o - Harischandra Nayak, permanent resident of Village - Palpur, PO - Sittel, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Daughter from SUMATIREKHA NAYAK to SUSMITA REKHA NAYAK. Henceforth, she shall be known as SUSMITA REKHA NAYAK for all purposes.
Sd/- Dhana Nayak

### ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ଅନିୟମିତତା

# ପ୍ରୋତ୍ସାହନ ରାଶି ଅପେକ୍ଷାରେ ୩ ଶହ ମହିଳା

**ଖଇରା,୨୬।୭(ସମିସ)**

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନରେ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ୩ ଶହରୁ ଉର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତିଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରୋତ୍ସାହନ ରାଶି ମିଳିନଥିବା ଅଭିଯୋଗ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ମିଳିତ ଭାବେ ପରିଚାଳିତ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ୪ ପର୍ଯ୍ୟାୟରେ ଗର୍ଭବତୀ ଓ ପ୍ରସୂତିଙ୍କୁ ପ୍ରଦାନ କରାଯାଇଥାଏ ପ୍ରୋତ୍ସାହନ ରାଶି। ପୁଅ ହେଲେ ୧୦ହଜାର ଓ ଝିଅ ହେଲେ ୧୧ ହଜାର ଟଙ୍କା ପ୍ରସୂତିଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥାଏ। ଏଥି ମଧ୍ୟରେ ଗର୍ଭଧାରଣର ୪ମାସ ମଧ୍ୟରେ ପଞ୍ଜୀକରଣ ଏବଂ ଆବଶ୍ୟକ ଟିକାକରଣ ୨ ପର୍ଯ୍ୟାୟରେ ୬ହଜାର ଓ ଜନ୍ମ ପରେ ୪ମାସ ମଧ୍ୟରେ ୨ ପର୍ଯ୍ୟାୟରେ ୪ ହଜାର ବା ୬ ହଜାର ମିଳିବା କଥା। ୨ପିଲା ପର୍ଯ୍ୟନ୍ତ ଏହି ଅର୍ଥ ପ୍ରଦାନ ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି। ହେଲେ ଏବେ ୩୭ ପଞ୍ଚାୟତରୁ ମିଳିଥିବା ତଥ୍ୟ ଅନୁଯାୟୀ ଏବେ ସୁଦ୍ଧା ପାଖାପାଖି ୧୭୫ଜଣଙ୍କୁ ପ୍ରଥମ ପର୍ଯ୍ୟାୟ ପଇସା ମିଳିନଥିବାବେଳେ ବାକି ୧୨୫ଜଣ ଦ୍ୱିତୀୟ ପର୍ଯ୍ୟାୟ ପଇସାକୁ ଚାତକ ଭଳି ଚାହିଁ ବସିଛନ୍ତି। ଯାହା ଫଳରେ ବହୁ ଗର୍ଭବତୀ ଓ ପ୍ରସୂତି ସମନ୍ୱିତ ଶିଶୁ ବିକାଶ ଓ ସେବା କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେଉଛନ୍ତି। ୪ମାସ ନୁହେଁ ଗତ ୨୦୨୫ ମାର୍ଚ୍ଚ ମାସରୁ ପିଲା ଜନ୍ମ ହୋଇ ସାରିଥିଲେ ହେଁ ଏ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ଏକାଉଣ୍ଟକୁ ଆସିନଥିବା ନେଇ କୁରୁଣ୍ଟା ଗ୍ରାମର ପ୍ରସୂତି କରିସ୍ମା ବାରିକ ଅଭିଯୋଗ କରିଛନ୍ତି। ସେହିଭଳି ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ହେଁ ବାରମ୍ବାର ଦୌଡ଼ି ମଧ୍ୟ କିଛି ଲାଭ ମିଳିନାହିଁ ବୋଲି ଦ୍ୱିତୀୟ ପର୍ଯ୍ୟାୟ ପ୍ରୋତ୍ସାହନ ରାଶିରୁ ବଞ୍ଚିତ ନୟାଖଣ୍ଡି ଗ୍ରାମର ସସ୍ମିତା ନାୟକ ଓ ରଶ୍ମିରେଖା ନାୟକ କହିଛନ୍ତି। ଏ ସମ୍ପର୍କରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଉର୍ମିଳା ବେହେରାଙ୍କୁ ଯୋଗାଯୋଗ କରିବାରେ ଯେଉଁ ମାନଙ୍କର ବକେୟା ଅଛି ସେମାନେ କାର୍ଯ୍ୟାଳୟକୁ ଆସିଲେ କାହାର କ'ଣ ଅସୁବିଧା ଅଛି ସେ ସମ୍ପର୍କରେ ଅବଗତ ହୋଇ ପଦକ୍ଷେପ ନେଇ ପାରିବେ ବୋଲି କହିଛନ୍ତି।



# ତୃତୀୟ ଶ୍ରୀକ୍ଷେତ୍ରର ନୀଳାଦ୍ରି ବିଜେ, ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ

**ନୀଳଗିରି,୨୬।୭ (ସମିସ):** ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା ୨ଦିନ ଧରି ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମ ଦିନରେ ଶ୍ରଦ୍ଧାଳୁ ରଥଟାଣି ବଡ଼ଦାଣ୍ଡ ଶଙ୍କରାଖୁଣ୍ଟା ପୋଖରୀ ପାର୍ଶ୍ୱରେ ପହଞ୍ଚାଇଥିଲେ। ଅଧା ବାଟରେ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରାତି ବିତାଇବା ପରେ ଶେଷଦିନ ତଥା ରବିବାର ଅପରାହ୍ଣରେ ପୁଣି ଥରେ ବାହୁଡ଼ାଯାତ୍ରା ଆରମ୍ଭ ହୋଇଥିଲା। ସେବାୟତ, ଭକ୍ତ, ଶ୍ରଦ୍ଧାଳୁ ଜୟ ଜଗନ୍ନାଥ ଧ୍ୱନି ଦେଇ ଢୋଲ, ମହୁରୀ, ଶଙ୍ଖ, ହୁଳହୁଳି ପକାଇ ରଥକୁ ଟାଣି ଶ୍ରୀମନ୍ଦିର ସମ୍ମୁଖରେ ଶାନ୍ତିଶୃଙ୍ଖଳା ଭିତରେ ପହଞ୍ଚାଇଥିଲେ। ଏହି ବାହୁଡ଼ାଯାତ୍ରାରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସମେତ ବିଜେଡି ରାଜ୍ୟ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ମଲିକ, ଏନ୍ଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାହୁଡ଼ାଯାତ୍ରାକୁ ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା ପରିଚାଳନା କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ଶେଷରେ ଯଥା ରୀତିନୀତି ଅନୁସାରେ ଲକ୍ଷ୍ମୀନାରାୟଣ ଭେଟ, ଅଧରପଣା, ବୀଭିଷଣ ବନ୍ଦାପନା, ନୀଳାଦ୍ରି ବିଜେ, ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ, ରସୋଗଲା ଭୋଗ କରାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା।



# ଜଳିଗଲା କୋଲକାତା ଫର୍ଣ୍ଣିଚର

**ରେମୁଣା,୨୬।୭(ସମିସ):** ରେମୁଣା ଗୋଲାଇସ୍ଥିତ ୧୧ ନମ୍ବର ୱାର୍ଡରେ ଗତକାଲି ବିଳମ୍ବିତ ରାତ୍ରିରେ ସନ୍ତୋଷ ଦାଶଙ୍କ ଘରେ ଥିବା କୋଲକାତା ଫର୍ଣ୍ଣିଚର କାରଖାନାରେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗି ପାଖାପାଖି ଦଶଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଫର୍ଣ୍ଣିଚର ପୋଡ଼ି ପାଉଁଶ ହୋଇଯିବା ସହିତ ଘରର ମାଲିକ ସନ୍ତୋଷ ଦାଶଙ୍କ ଯାବତୀୟ ଆସବାବପତ୍ର ଓ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଏ ନେଇ ଘରର ମାଲିକ ସନ୍ତୋଷ ଦାଶ ସୂଚନା ଦେଇଛନ୍ତି। ପ୍ରଥମେ ସମସ୍ତ ଗ୍ରାମବାସୀ ଆସି ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ, ପରେ ଅଗ୍ନିଶମ ବାହିନୀ ଆସି ନିଆଁକୁ ଲିଭାଇଥିଲା।

# ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା



**ବାଲେଶ୍ୱର,୨୬।୭(ସମିସ):** ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଏବଂ ଛାତ୍ରଛାତ୍ରୀଙ୍କ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟ ନେଇ ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଭିଜନ ବାଲେଶ୍ୱର' ପକ୍ଷରୁ ସହରର ମଲ୍ଲୀକାଶପୁରସ୍ଥିତ ଶାନ୍ତିକାନନ ପରିସରରେ ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଶ୍ରୀ ଜଗନ୍ନାଥଙ୍କର ୩୨ ବେଶ ଓ ରଥଯାତ୍ରାରେ ମହାପ୍ରଭୁ ବିଷୟକୁ ନେଇ ଚିତ୍ରାଙ୍କନ କରିଥିଲେ। ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାପତି ଚନ୍ଦ୍ରକାନ୍ତି ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବ୍ଲକ୍ ଅଧକ୍ଷା ସୁନିତା ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବୀର ଆଖଡ଼ା ସଂଘ ସଭାପତି ଗୋପୀନାଥ ଶତପଥି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା, ବାଲେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି କେଶବ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ଆଇନ ପରାମର୍ଶ ଦାତା ବିଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ଧୀରେଜ କୁମାର ଦାସ ଧନ୍ୟବାଦ ଦେବା ସହିତ ଛାତ୍ରଛାତ୍ରୀଙ୍କୁ ଆଧ୍ୟାତ୍ମିକବାଦୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ବିଦ୍ୟା ଆଦାଲିପି ମଲ୍ଲିକ ପ୍ରଥମ, ଝଗଡ଼ ପାଢ଼ୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାହେଶ୍ୱରୀ ଗନ୍ତାୟତ ଦ୍ୱିତୀୟ, ବୈଦ୍ୟନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଦିପ୍ତୀରେଖା ରଣା ତୃତୀୟ, ସେହିପରି ବରିଷ୍ଠ ବର୍ଗରେ ଶକୁନ୍ତଳା ଉଚ୍ଚ ବିଦ୍ୟାଳୟର ଛାତ୍ର ପଙ୍କଜ ବେହେରା ପ୍ରଥମ, ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ସତ୍ୟଜିତ ମହାରଣା ଦ୍ୱିତୀୟ, ବାସନ୍ତୀ ସିନ୍ଧିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କୁମାରୀ ସୋନାଲି ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ସଂଗଠନ ପକ୍ଷରୁ ଯୋଗ୍ୟତା ପ୍ରମାଣପତ୍ର ଓ ଟ୍ରଫି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତି, କୁନାଲ ବେହେରା, ବିରଞ୍ଚି କୁମାର ପ୍ରଧାନ, ଅଜୟ ନାୟକ, ପ୍ରମୋଦ ସାହୁ, ହର୍ଷ ଖଣ୍ଡେଲୱାଲ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଯଶରାଜ ଜେନା, ଦିଶା ଅପର୍ଣ୍ଣା, ରାଶି ହଲଦାର, ଏସ୍‌କେ ଆରିଫଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ କଳା ଶିକ୍ଷକ ବିଭୂତି ପ୍ରାସାଦ ଦାସ ଓ ଦୀପକ ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିଲେ।

# ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟରେ ନୟନା ମନ୍ତ୍ରୀ ପ୍ରତିଭା ସମ୍ମାନ ଉତ୍ସବ



**ବାଲେଶ୍ୱର,୨୬।୭(ସମିସ):** ସଦର ବ୍ଲକ୍ ଫୁଲାଡ଼ିସ୍ଥିତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟ ପରିସରରେ ନୟନା ମନ୍ତ୍ରୀ ସ୍ମାରକୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡକ୍ଟର କୁଳମଣି ନାୟକ ମୁଖ୍ୟ ଅତିଥି ଏବଂ ଫୁଲୱାରକସବା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇପ୍‌ସିତା ରଣା ଓ ଶିକ୍ଷକ ଶିବାଶିଷ ବେହେରା, ନଗ୍ରମସ୍ଥିତ ମା' ମଙ୍ଗଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉଷାରାଣୀ ଦାସ ଓ ରାଧାରଣୀ ସିଂହ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରୀଙ୍କ ପ୍ରତିଭା ବିକାଶ ନିମନ୍ତେ ଟ୍ରଷ୍ଟର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହା ଦ୍ୱାରା ଗ୍ରାମାଞ୍ଚଳର ପିଲାଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଉତ୍କଳ ସମାଜ ସଂଗଠନର ସମ୍ପାଦକ ଡକ୍ଟର ଭାସ୍କର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱର୍ଗତା ନୟନା ମନ୍ତ୍ରୀ ୨୦୨୪ ମସିହାରେ କ୍ୟାନସର ରୋଗରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କର ତାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ପ୍ରତ୍ୟେକ ବର୍ଷ ହାଇସ୍କୁଲ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ନୟନା ମନ୍ତ୍ରୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି। ସ୍ୱର୍ଗତାଃ ମନ୍ତ୍ରୀଙ୍କ ସ୍ୱାମୀ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଜଗବନ୍ଧୁ ମନ୍ତ୍ରୀ, କନ୍ୟା ଇପସିତା ପ୍ରିୟଦର୍ଶିନୀ ଓ ଶ୍ୱେତା ପ୍ରିୟଦର୍ଶିନୀ, ଜାମାତା ସତ୍ୟବ୍ରତ ବାରିକ, ପିତା ନିରଞ୍ଜନ ଜେନା, ପୁତୁରା ତନ୍ମୟ ମନ୍ତ୍ରୀ ଓ ଭାଇ ପ୍ରଦୀପ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଭା ସମ୍ମାନ ପ୍ରଦାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷର ନଗ୍ରମ ପଞ୍ଚାୟତର ମାଟ୍ରିକ ଟପ୍ପର ମା' ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ଆରୋସ୍ମିତା ରାଉତଙ୍କୁ ପ୍ରଥମ ପୁରସ୍କାର ଭାବେ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ପୁରସ୍କାର ଭାବେ ପଞ୍ଚାୟତ ହାଇସ୍କୁଲର ଛାତ୍ର ଅନୁରାଗ ସେନାପତି ଓ କାଳୀଶଙ୍କର ପରିଡ଼ା, ମା' ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ଅଙ୍କିତା ପ୍ରିୟଦର୍ଶିନୀ ବେହେରା ଓ ଆହ୍ୱାନା ରାଉତ ଏବଂ ଆନନ୍ଦମାର୍ଗ ବିଦ୍ୟାଳୟର ଛାତ୍ର ବିକାଶ ହାଁସଦାଙ୍କୁ ଅର୍ଥରାଶି, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟର ଶିକ୍ଷକ ରାଧାଗୋବିନ୍ଦ ଜେନା ଏଥିରେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବନ୍ଦିତା ଦାସ, ନିରଞ୍ଜନ ଭୂୟାଁ, ନିବେଦିତା ପାଣିଗ୍ରାହୀ, ରାଜୀବ ରଞ୍ଜନ ରାଉତ, ସଞ୍ଜୟ କୁମାର ଦାସ, ପରମେଶ୍ୱର ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ପ୍ରତିଭା ସମ୍ମାନ ପ୍ରଦାନର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ମାହେଶ୍ୱରୀ ସମାଜ ପକ୍ଷରୁ ଆକ୍ୟୁପ୍ରେସର ଚିକିତ୍ସା ଶିବିର ଆରମ୍ଭ



**ବାଲେଶ୍ୱର,୨୬।୭(ସମିସ):** ରାଜସ୍ଥାନର ହନୁମାନଗଡ଼ସ୍ଥିତ ରାମକୃଷ୍ଣ ଲୋକିଆ ଟ୍ରଷ୍ଟ ସହଯୋଗରେ ବାଲେଶ୍ୱରର ମାହେଶ୍ୱରୀ ସମାଜ ପକ୍ଷରୁ ଏକ ଆକ୍ୟୁପ୍ରେସର ଚିକିତ୍ସା ଶିବିର ସ୍ଥାନୀୟ ମାହେଶ୍ୱରୀ ଭବନରେ ଉଦ୍‌ଘାଟିତ ହୋଇଯାଇଛି। ମାହେଶ୍ୱରୀ ସମାଜର ବରିଷ୍ଠ ସଦସ୍ୟ ସୁଶୀଲ ରାଠୀ, ଦାଉ ଦୟାଳ ଚଣ୍ଡକ, ଶ୍ୟାମ ଝାବର, ଯୁଗଲ କିଶୋର ରାଠୀ, କିଶନ ଗୋପାଲ ସାରଡା, ମହିଳା ଶାଖା ସଭାନେତ୍ରୀ ନୀଳିମା ରାଠୀ ପ୍ରମୁଖ ଉପସ୍ଥିତ ରହି ୬ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥଲେ। ବାଲେଶ୍ୱର ମାହେଶ୍ୱର ସଭାର ସଭାପତି ନବୀନ ଚଣ୍ଡକ ଏଥିରେ ପୌରହିତ୍ୱ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲ। ସମ୍ପ୍ରତି ରାମ କୃଷ୍ଣ ଲୋକିଆ ଟ୍ରଷ୍ଟ ଦେଶର ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ ସହ ଆକ୍ୟୁପ୍ରେସର ଚିକିତ୍ସା ଦୂରାରୋଗ ନିରାକରଣର ବିକଳ୍ପ ଦିଗ ଉପରେ କାର୍ଯ୍ୟକରୁଛି ବୋଲି କହିଥିଲେ। ରାମକୃଷ୍ଣ ଲୋକିଆ ଟ୍ରଷ୍ଟର ଆକ୍ୟୁପ୍ରେସର ଚିକିତ୍ସକ ଡାକ୍ତର ଚାୟାନନ୍ ଏହି ଶିବିରରେ ରୋଗୀଙ୍କୁ ଉପାଦେୟ ପରାମର୍ଶ ଦେବା ସହିତ ଏହି ବିକଳ୍ପ ଚିକିତ୍ସା ପ୍ରଣାଳୀର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ମାହେଶ୍ୱରୀର ସଭାର କୋଷାଧ୍ୟକ୍ଷ ନବରତନ ରାଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ମାହେଶ୍ୱରୀ ସମାଜର ସଦସ୍ୟ ସଦସ୍ୟାଙ୍କ ସମେତ ବାଲେଶ୍ୱର ସହରର ବିଭିନ୍ନ ବର୍ଗର ଲୋକେ ଏହି ଶିବିରରେ ନିଜସ୍ୱ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆକ୍ୟୁପ୍ରେସର ଚିକିତ୍ସା କରାଇଥିଲେ।

# ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ସିମୁଳିଆ,୨୬।୭(ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍ ମଇତାପୁର ପଞ୍ଚାୟତ କମାରପାଟଣା ଗ୍ରାମରେ ପାରିବାରିକ କଳହକୁ ନେଇ ପଞ୍ଚାନନ ଶିଆଳଙ୍କ ପୁତ୍ର ଖଗେନ୍ଦ୍ର ଶିଆଳ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ରଶି ଲଗାଇଥିବା ଦେଖିବାକୁ ପରେ ପରିବାର ଲୋକେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିମୁଳିଆ ପୁଲିସ ଶବକୁ ଜବତ କରି ୨୩/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଷ୍ଟ ମର୍ଟମ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ହାତୀ ଆକ୍ରମଣରେ ଦମ୍ପତି ଗୁରୁତର

**ସୋର,୨୬।୭(ସମିସ):** ସୋର ବ୍ଲକ ବାଘଆମ୍ପୁଡ଼ା ଗ୍ରାମରେ ବିଲରୁ କାମ ସାରି ଫେରୁଥିବା ବେଳେ ହାତୀ ଆକ୍ରମଣରେ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସୋର ଥାନା ବାଘଆମ୍ପୁଡା ଗ୍ରାମର ଅରୁଣ ବିନ୍ଧାଣି(୪୦) ଓ ତାଙ୍କ ସ୍ତ୍ରୀ କୁନି ବିନ୍ଧାଣି (୩୫)। ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ଅରୁଣ ଓ କୁନି ବିଲ କାମ ସାରି ଘରକୁ ଫେରୁଥିବା ବେଳେ ବର୍ଷା କାରଣରୁ ଗଛ ମୂଳରେ ଅଟକି ରହି ଯାଇଥିଲେ। ଏହି ସମୟରେ ଏକ ଦନ୍ତା ହାତୀ ହଠାତ ଉଭୟଙ୍କୁ ଆକ୍ରମଣ କରିଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଖୁଣ୍ଟା ପାଟଣା ଫରେଷ୍ଟ ଗାର୍ଡମାନେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ଉଭୟଙ୍କୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଏହି ଭଳି ହାତୀ ଆକ୍ରମଣ ବାରମ୍ବାର ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି।

# ଓୟୁଜେ ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସ



**ବାଲେଶ୍ୱର,୨୬।୭(ସମିସ):** ଦେଶ ମାତୃକାକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସୀମାନ୍ତରେ କାର୍ଯ୍ୟ କରୁଥିବା ଓ ପ୍ରାଣବଳି ଦେଉଥିବା ବୀର ଯବାନଙ୍କ ବଳିଦାନ କେବେ ବି ବ୍ୟର୍ଥ ଯିବ ନାହିଁ। କୃତଜ୍ଞ ରାଷ୍ଟ୍ର ସର୍ବଦା ସେମାନଙ୍କ ସ୍ମୃତି ଚାରଣ କରୁଥିବ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତ ବ୍ୟକ୍ତ କରିଛନ୍ତି। ଆଜି ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଶହୀଦ ପାର୍କ ଠାରେ କାରଗିଲ ବିଜୟ ଦିବସ ପାଳନ କରାଯାଇ ବୀର ଯବାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଶତୃଘ୍ନ ମଲ୍ଲିକ ଯୋଗ ଦେଇ କହିଲେ ଯେ, ପାକିସ୍ଥାନ ସୈନ୍ୟ ଓ ସନ୍ତ୍ରାସବାଦୀଙ୍କ ଅନୁପ୍ରବେଶକୁ ଭାରତୀୟ ସେନା ପରାଜିତ କରିଥିଲେ। ଏହି ଦୁଇ ମାସର ଯୁଦ୍ଧରେ ୫୨୭ ଜଣ ଯବାନ ଶହୀଦ ହୋଇଥିଲେ।୧୮ ହଜାର କିଲୋମିଟର ଉଚ୍ଚ ୧୦ ଡିଗ୍ରୀ ତାପମାତ୍ରାରେ ରହି ସେମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିଥିଲା। ଆଜିର ଯୁବ ସମାଜ ଦେଶର ସାର୍ବ ଭୌମତ୍ୱ ,ଏକତା, ଅଖଣ୍ଡତା, ପ୍ରଗତି, ବିକାଶ ପ୍ରତି ଉତ୍ତରଦାୟୀ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଚନ୍ଦ୍ରାଂଶୁ ବାନାର୍ଜୀ, ଶିକ୍ଷକ ସଂଗ୍ରାମ କେଶରୀ କର, ବିବେକାନନ୍ଦ ଦାସ ମଧୁସୂଦନ ଦାସ, ହାଇଦର ଖାନ, ଆଜିମ ବାଲେଶ୍ୱରୀ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିଅନର , ସମ୍ପାଦକ ରବିରଞ୍ଜନ ତ୍ରିପାଠୀ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଣ, ମହେଶ୍ୱର ପ୍ରଧାନ, ପ୍ରସନ୍ନଜିତ ଆଶ, ଗଣେଶ କୁମାର ସେଠୀ, ଅଧୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥଲେ। ହାଇଦର ଖାନ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ। ବୀର ଯବାନଙ୍କ ଉପରେ ଆଧାରିତ ଆଜୀମ ବାଲେଶ୍ୱରୀଙ୍କ ସାଏରୀ ବେଶ ଉଚ୍ଚକୋଟୀର ହୋଇଥିଲା।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଉପରେ ଆଲୋଚନା ସଭା



**ଜଳେଶ୍ୱର,୨୬।୭(ସମିସ):** ଚଳିତବର୍ଷ ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ପ୍ରଣୟନ କରିଥିବା ପାଠ୍ୟ ପୁସ୍ତକରେ ହଜାର ହଜାର ଭୁଲ, ବିଶେଷକରି ବନାନଗତ, ତଥ୍ୟଗତ, ମୌଳିକ ଧାରଣା ଭୁଲ ସହିତ ଅବୈଜ୍ଞାନିକ ବିଷୟକୁ କେନ୍ଦ୍ର କରି ଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଏହି ବିଷୟ ଉପରେ ବ୍ୟାପକ ତର୍ଜମା କରିବା ପାଇଁ ଆଜି ଶିକ୍ଷା ବଞ୍ଚାଓ କମିଟି ଜଳେଶ୍ୱର ଚାପ୍ଟର ତରଫରୁ ଭଞ୍ଜ ଭବନ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସାରା ଭାରତ ଶିକ୍ଷା ବଞ୍ଚାଓ କମିଟି ଜଳେଶ୍ୱର ଚାପ୍ଟରର ଆବାହକ ଡଃ ପ୍ରଫୁଲ୍ଲ କୁମାର ଦେ ଆଲୋଚନାଚକ୍ରକୁ ପରିଚାଳନା କରିଥିବା ବେଳେ ଅନ୍ୟତମ ଆବାହକ ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଆଲୋଚକ ଶିକ୍ଷା ବଞ୍ଚାଓ କମିଟି ଓଡ଼ିଶା ରାଜ୍ୟ ଉପସଭାପତି ଡଃ ରମେଶ ନାୟକ ପ୍ରକାଶିତ ପାଠ୍ୟ ପୁସ୍ତକର କେଉଁଠି କି ଭୁଲ ହୋଇଛି ଏବଂ କେଉଁ ଉଦ୍ଦେଶ୍ୟରେ ପରିବର୍ତ୍ତନ ସରକାର କଲେ ସେ ସମ୍ପର୍କରେ ସେ ଆଲୋଚନା କରି କହିଥିଲେ ଯେ ଶିକ୍ଷାକୁ ଘରୋଇକରଣ ଓ ସାମ୍ପ୍ରଦାୟୀକକରଣ କରିବା ପାଇଁ ଅତ୍ୟନ୍ତ ତରବରିଆ ଭାବେ ପାଠ୍ୟ ପୁସ୍ତକ ପ୍ରକାଶ କରି ଭୁଲ କଲେ। ଶିକ୍ଷା ବଞ୍ଚାଓ କମିଟି ରାଜ୍ୟ କମିଟି ସଦସ୍ୟ କ୍ରିଷ୍ଣାରାଣୀ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ଭଞ୍ଜ, ଅକ୍ଷୟ ମିଶ୍ର, ସୁଶାନ୍ତ କୁମାର ଦାସ, ଦିଲ୍ଲୀପ ଗିରି ଆଲୋଚନାରେ ଭାଗ ନେଇଥିଲେ। ଶଙ୍କର୍ଷଣ ମହାନ୍ତି, ପ୍ରମୋଦ ପରିଡ଼ା, ସୁଧୀର କୁମାର କର, ଅଶ୍ୱିନୀ କୁମାର ନାଥ, ନିରାକାର ପାଣ୍ଡବ, ହରେକୃଷ୍ଣ ଦାସ, ଅକ୍ଷୟ ପରିଡ଼ା ଆଲୋଚନାରେ ଅଂଶଗ୍ରହଣ କରି ଶିକ୍ଷାର ଭିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ଶେଷରେ କମିଟିର ଅନ୍ୟତମ ଆବାହକ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁପଦ ଦାସ ଧନ୍ୟବାଦ ଦେଇଥିଲେ।

# ନାହିଁ ନାହିଁରେ ଚାଲିଛି ବ୍ଲକ୍ କାର୍ଯ୍ୟାଳୟ; ୪୮ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି

**ଜଳେଶ୍ୱର ବ୍ଲକ୍,୨୬।୭(ସମିସ)**

ବାଲେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ୍ ଭାବେ ବିବେଚନା କରାଯାଉଥିବା ଜଳେଶ୍ୱର ବ୍ଲକ୍‌ରେ ୪୮ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀ ଏବେ ଖାଲିପଡ଼ିଛି। ଫଳରେ ଏହି କାର୍ଯ୍ୟାଳୟ ଏବେ କେବଳ ନାହିଁ ନାହିଁରେ ଚାଲିଛି। ଖାଲି ଥିବା ପଦବୀ ମଧ୍ୟରୁ ୧୦ଟି ପଞ୍ଚାୟତର ପିଇଓ ଓ ୧୫ଟି ପଞ୍ଚାୟତର ଏଡିଇଓ ପଦବୀରେ କେହି ନାହାନ୍ତି। ଫଳରେ ପଞ୍ଚାୟତିରାଜ ବିଭାଗର କାର୍ଯ୍ୟାନ୍ୱୟନ ଠିକଣା ଢଙ୍ଗରେ ହୋଇପାରୁନାହିଁ। ସରକାରୀ ବ୍ଲକ୍ ଅଫିସ ସହ ୩୫ଟି ଗ୍ରାମ ପଞ୍ଚାୟତ ଅଧୀନରେ ୪୮ ଗୁରୁତ୍ୱପୂର୍ଣ୍ଣ ପଦ ମଧ୍ୟ ଖାଲି ପଡ଼ିଛି।

ବ୍ଲକ୍ ପ୍ରଶାସନ କାମ କରିବ କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳେଶ୍ୱର ବ୍ଲକ୍ ଓ ୩୫ ଗୋଟି ଗ୍ରାମ ପଞ୍ଚାୟତକୁ ମିଶାଇ ସରକାର ୧୩୩ଟି ପଦବୀକୁ ଅନୁମୋଦନ ଦେଇଛନ୍ତି। ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ମଧ୍ୟରୁ ଗୋଟିଏ ଖାଲି ପଡ଼ିଛି। ସହକାରୀ ଯନ୍ତ୍ରୀ ୫ ଜଣଙ୍କ ସ୍ଥାନରେ ୩ ଜଣ ଅଛନ୍ତି। କନିଷ୍ଠ ଯନ୍ତ୍ରୀ ୧୬ ଜଣ ରହିବା କଥା। ହେଲେ ମାତ୍ର ୮ ଜଣ କାମ କରୁଛନ୍ତି। ବ୍ଲକ୍‌ର ସବୁଠାରୁ ବ୍ୟସ୍ତବହୁଳ ବିଭାଗ କହିଲେ ସାମାଜିକ ସୁରକ୍ଷା ବିଭାଗକୁ ବୁଝାଇଥାଏ। କିନ୍ତୁ ବିଭାଗୀୟ ଅଧିକାରୀ (ବିଏସ୍‌ଏସ୍‌ଓ) ପଦବୀ ୮ ମାସ ହେଲା ଖାଲି ପଡ଼ିଛି। ସିନିଅର ଓ ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ପଦବୀରେ ୫ ଜଣଙ୍କ ସ୍ଥାନରେ ୨ ଜଣ କାମ କରୁଛନ୍ତି। ୫ଟି ଯାକ ପିଅନ ପଦବୀ ଖାଲି ପଡ଼ିଛି। ସେହିପରି ସର୍ବାଧିକ ପିଇଓ ଓ ଡିଇଓ ପଦବି ଖାଲି ପଡ଼ିଥିବାରୁ ଜଣେ ଜଣେ କର୍ମଚାରୀଙ୍କୁ ଏକାଧିକ ପଞ୍ଚାୟତର ଦାୟିତ୍ୱ ତୁଲାଇବାକୁ ପଡୁଛି। ଏସବୁ ସମସ୍ୟା ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରକାରୀ ତହବିଲରୁ ମଞ୍ଜୁର ହେଉଥିବା କୋଟି କୋଟି ଟଙ୍କାର ଅନୁଦାନ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ ହୋଇ ପାରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘରକାମ ପଛରେ ପଡ଼ିଥିବାବେଳେ ସିଏଫ୍‌ସି ଓ ଏସ୍‌ଏସି କାମ ଆରମ୍ଭ ହୋଇପାରୁନାହିଁ। ଠିକ ସେହିପରି ମାଛ ଚାଷ ଓ ପ୍ରଧାନମନ୍ତ୍ରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ନିର୍ମାଣାଧୀନ ଶ୍ରମିକ ମାନଙ୍କର ସହାୟତା ପରି ଅନେକ ଲୋକାଭିମୁଖୀ ଯୋଜନାର ସୁଫଳ ସାଧାରଣ ଲୋକମାନେ ପାଇବାରେ ବଞ୍ଚିତ ହେଉଛନ୍ତି। ସେଥିପ୍ରତି ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଉଛନ୍ତି ନା ବିଭିନ୍ନ ଦଳର ନେତା ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି! ଯାହା ଫଳରେ ଜଳେଶ୍ୱର ବ୍ଲକ୍ କାର୍ଯ୍ୟାଳୟ ଶ୍ରୀହୀନ ହେବାକୁ ଯାଉଛି।



# ପୋଖରୀରୁ ଗଳିତ ଶବ ଉଦ୍ଧାର

ତିହିଡ଼ି,୨୬ ।୭(ସମିସ):ତିହିଡ଼ି ଥାନା ଅନ୍ତର୍ଗତ ଗୁଆମାଳ ପଞ୍ଚାୟତ ବିଶ୍ୱନାଥପୁର ଗାଁରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ଗାଁର ଦିପ୍ତିକାନ୍ତ ପାଣିଗ୍ରାହୀ ଓରଫ 'ବାଉ'ଙ୍କ(୩୮) ଗଳିତ ଶବ ଆଜି ଏକ ପୋଖରୀରୁ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, ଗତ ଗୁରୁବାର ରାତି ପ୍ରାୟ ୯ଟା ବେଳେ ବାଉ ପଡ଼ୋଶୀ ଘରକୁ ଖେଳ ଦେଖିବା ପାଇଁ ଯାଇଥିଲେ । କିନ୍ତୁ ତା'ପରେ ସେ ଆଉ ଘରକୁ ଫେରିନଥିଲେ । ପରଦିନ ପରିବାର ଲୋକେ ତିହିଡ଼ି ଥାନାରେ ଏକ ନିଖୋଜ ମାମଲା ରୁଜୁ କରିଥିଲେ । ସେବେଠାରୁ ତାଙ୍କର କୌଣସି ସନ୍ଧାନ ମିଳୁନଥିଲା । ଆଜି ସକାଳେ ପରିବାର ସଦସ୍ୟମାନେ ଗ୍ରାମର ଏକ ପୋଖରୀରେ ବାଉଙ୍କର ଗଳିତ ଶବ ଭାସୁଥିବା ଦେଖିଥିଲେ । ମୃତକଙ୍କ ମୁହଁରେ ଆଘାତ ଚିହ୍ନ ଏବଂ ରକ୍ତାକ୍ତ ଅବସ୍ଥା ଥିବାରୁ ଘଟଣାକୁ ନେଇ ବିଭିନ୍ନ ସନ୍ଦେହ ସୃଷ୍ଟି ହୋଇଛି । ତେବେ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ଖବର ପାଇ ତିହିଡ଼ି ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରାଇଥିଲେ । ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ମେଡିକାଲ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ବର୍ତ୍ତମାନ ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି ।

# ହୋଇପାରୁନି ଗମେଇ ନଦୀରେ ଜଳ ନିଷ୍କାସନ

## ଚାଷ ଜମିର ୮ ଫୁଟ ପାଣି

ଭଦ୍ରକ/ବାସୁଦେବପୁର,୨୬ ।୭(ସମିସ)

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ତାମିଲ ସୁଆଁ ଠାରେ ଗମେଇ ନଦୀର ଜଳ ନିଷ୍କାସନ ମାର୍ଚ୍ଚ ମାସରେ ୩ କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କା ବ୍ୟୟରେ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ବାଟବଣା ହୋଇଯାଇଛି । ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଓ ଦିକ୍ଷିତବିନ୍ଧା ଗ୍ରାମର ଚାଷ ଜମିର ୮ ଫୁଟ ଉଚ୍ଚରେ ଜଳ ଜମିରହିଛି । ଲଘୁଚାପ ଜନିତ ବର୍ଷା ଯୋଗୁଁ ଅଧିକାଂଶ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଖସୁଛି ଉପର ମୁଣ୍ଡର ବର୍ଷା ପାଣି । ତଳ ମୁଣ୍ଡରେ ବନ୍ୟା ସୃଷ୍ଟି ହୋଇଛି । ଚାଷ ଜମିର ଆଠ ଦଶ ଫୁଟ ଉଚ୍ଚତାରେ ବନ୍ୟା ପାଣି ଲହରୀ ଭାଙ୍ଗୁଛି । ବାସୁଦେବପୁର ବ୍ଲକ ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତର ଗ୍ରାମ ଗୁଡିକ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବେଶ ପ୍ରଭାବିତ ହୋଇଛି । କାଂଶବାଂଶ ନଦୀ ଓ ଗମେଇ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଉପର ମୁଣ୍ଡର ବନ୍ୟା ଜଳ ତଳକୁ ଗଡିବାରୁ ଫୁଲୁଛି କାଂଶବାଂଶ ଓ ଗମେଇ ନଦୀ । ଜଳ ନିଷ୍କାସନ ହୋଇନପାରିବାରୁ ଚାଷ ଜମିର ସମୁଦ୍ର ଭ୍ରମ ସୃଷ୍ଟି କରିଛି । ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଅଞ୍ଚଳର ଚାଷ ଜମି ବୁଡିଥିବା ବେଳେ ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ସୁଦର୍ଶନପୁର ଅଞ୍ଚଳର ତଳିଆ ଚାଷ ଜମି ବୁଡି ରହିଛି । ଘଣ୍ଟାକୁ ଘଣ୍ଟା ତୁହାକୁ ତୁହା ବର୍ଷା ଲାଗି ରହୁଛି । ରାସ୍ତା ଉପରେ ବନ୍ୟା ପାଣି ଚାଲୁଛି । ତଳିଆ ଅଞ୍ଚଳର ଘର ଗୁଡିକର ଚତୁପାର୍ଶ୍ୱରେ କାନ୍ଥରେ ବନ୍ୟା ପାଣି ଲାଗିଯାଇଛି । ଗାଁ ରାସ୍ତାର ଆଣ୍ଠୁଏ ପାଣି ଠିଆ ହୋଇଛି । ଗମେଇ ନଦୀର ତଳ ମୁଣ୍ଡ ପୋତି ଯାଇ ଥିବାରୁ ଜଳନିଷ୍କାସନ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ଓ ଜଳ ନିକାଶ ବିଭାଜନ ଭଦ୍ରକ ଶାଖା ପକ୍ଷରୁ ୩ କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କାର ବ୍ୟୟରେ ଖନନ କରିବା ପାଇଁ ମାର୍ଚ୍ଚ ମାସ ୫ ତାରିଖରେ ଶିଳାନ୍ୟାସ ହୋଇଥିଲା । ଗମେଇ ନଦୀର ଶାଖା ନଦୀ ଖୋଳା ହୋଇଥିଲେ ବନ୍ୟା ପାଣି ସହଜରେ ନିଷ୍କାସନ ହୋଇଥାନ୍ତା । କାମ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇ ନଥିବାରୁ ଠିକାଦାର ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଛି । ଚଳିତ ବର୍ଷ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦୁଇ ଥର ବନ୍ୟା ଦେଖା ଦେଇଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ଜଳ ନିଷ୍କାସନ ପାଇଁ ପ୍ରକଳ୍ପ ଶିଳାନ୍ୟାସ ହୋଇ ଅଧାପନ୍ତରିଆ ହୋଇ ପଡି ରହିଛି । ସମସ୍ତ ଚାଷୀଙ୍କ ଆଶା ଥିଲା ନଦୀ ଖନନ ହେଲେ ସହଜରେ ଜଳ ନିଷ୍କାସନ ହୋଇଯିବ । ଦୀର୍ଘ ଦିନର ସମସ୍ୟା ଦୂର ହେବ । ଦୂର ଦୃଷ୍ଟି ବିହିନ କାମ ଯୋଗୁଁ ବରଣ୍ଡୁଆ ପଞ୍ଚାୟତ, ସୁଦର୍ଶନପୁର ପଞ୍ଚାୟତ ଓ ପାଖ ପଡୋଶୀ ବାଲେଶ୍ୱର ଜିଲ୍ଲା ଚାଲୁଣୀଗାଁ ପଞ୍ଚାୟତ ଓ କ୍ଷୀରକୋଣା ପଞ୍ଚାୟତ (ଆଂଶିକ)ର ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ରହିଛି । ଚାଷୀର ବର୍ଷକର ଭାତ ହାଣ୍ଡି ଉଜୁଡି ଯାଇଛି ।





### ଉନ୍ନତୀକରଣ ନାମରେ ବାଟବଣା ସାଢ଼େ ୩ କୋଟିର ପ୍ରକଳ୍ପ

# ନୃତ୍ୟ ସଙ୍ଗୀତ ପରିଷଦର ଅଧକ୍ଷ ସମ୍ବର୍ଦ୍ଧିତ



ଧାମନଗର,୨୬ ।୭(ସମିସ): ଭଦ୍ରକ ସହର ସନ୍ଥିଆ ଗ୍ରାମରେ ବହୁ ପ୍ରାଚୀନ ଶ୍ରୀରାଧା ମଦନମୋହନ ମନ୍ଦିରରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ୫ଦିନିଆ ରହଣି କାଳରେ ସେଠାରେ ଛାଡି ଯାଇଥିବା ସେହି ଦିବ୍ୟବସ୍ତ୍ର ବା କନ୍ଥା ପ୍ରତିବର୍ଷ ଶୁକ୍ଳ ପଞ୍ଚମୀ ତିଥିରେ ପ୍ରଦର୍ଶିତ ହୋଇଆସୁଛି । ଏହି ଅବସରରେ ଦିବ୍ୟବସ୍ତ୍ର ପ୍ରଦର୍ଶନ, ଧର୍ମସଭା ତଥା ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଛି । ଡ.ଭାଗବତ ତ୍ରିପାଠୀଙ୍କ ସଭାପତିତ୍ୱରେ ତଥା ମହନ୍ତ ଆଶିଷଦେବ ଗୋସ୍ୱାମୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ସୀତାଂଶୁ ଶେଖର ମହାପାତ୍ର, ସ୍ୱତନ୍ତ୍ର ଅତିଥି ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ସମାନିତ ବକ୍ତା ଭାବରେ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିରକ୍ଷକ ସିଦ୍ଧାନ୍ତ ମହାରାଜ ପ୍ରଭୃତି ଯୋଗଦେଇ ଶ୍ରୀଚୈତନ୍ୟ ଜୀବନଦର୍ଶନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ବିଧାୟକ ଓ ଜିଲାପାଳ ତଥା ଅନ୍ୟତମ ଅତିଥି ମାନଙ୍କ ଦ୍ୱାରା ଭଦ୍ରକ ନୃତ୍ୟ ସଙ୍ଗୀତ ପରିଷଦର ଅଧକ୍ଷ ତଥା ଧାମନଗର ମାଟିର ପ୍ରତିଭା ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ ଓ ନୃତ୍ୟ ନିର୍ଦ୍ଦେଶିକା ଗୁରୁ ସ୍ୱାଗତିକା ରାଉତ ପ୍ରଭୃତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଦ୍ୱାରା ଗୁରୁ ଶ୍ରୀ ମଲ୍ଲିକ ଧାମନଗର ମାଟିର ଗୌରବ ବୃଦ୍ଧି କରିପାରିଛନ୍ତି । ଶେଷରେ ଭଦ୍ରକ ନୃତ୍ୟ ସଂଗୀତ ପରିଷଦ ଦ୍ୱାରା ଚିତାକର୍ଷକ ଓଡିଶୀ ନୃତ୍ୟ ଓ ସୁଦୂର କଳାହାଣ୍ଡିର ବଜାସାଲ ଓ ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରାଯାଇଥିଲା ।

# ନଦୀ ବନ୍ଧ ମରାମତି ଦାବି



ବାରିକପୁର, ୨୬ ।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ସାନ ବନସ୍ତା ଠାରେ ଯଥାଶୀଘ୍ର ନଦୀବନ୍ଧର ଅସ୍ଥାୟୀ ମରାମତି ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି । ଏଠାରେ ସୂଚିତ ୧୫ଦିନ ପୂର୍ବରୁ ଗ୍ରାମର ଅଧିକାରୀ ଗୋଡ଼ା ନିକଟରେ ପ୍ରାୟ ଶହେ ମିଟର ନଦୀବନ୍ଧ ଧସି ଯାଇଥିଲା । ୩ମାସ ପୂର୍ବରୁ ନଦୀବନ୍ଧ ସୁରକ୍ଷା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପଥର ପ୍ୟାକିଂ ହୋଇଥିଲା । ପ୍ରଥମ ଲଘୁଚାପ ଜନିତ ବର୍ଷା ଯୋଗୁଁ ମାତ୍ରାଧିକ ଭାବେ ପଥର ପ୍ୟାକିଂ ଭାଗ ବୈତରଣୀ ଶାଖା ନାଳକୁ ଧସି ଯାଇଥିଲା । ବର୍ତ୍ତମାନ ବର୍ଷା ଓ ବନ୍ୟା ସମୟ ଆହୁରି ୩ମାସ ବାକିଥିବା ବେଳେ ଏହାର ଅସ୍ଥାୟୀ ମରାମତି ପାଇଁ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ବ୍ୟବସ୍ଥା ହୋଇଛି । ପ୍ରଥମରୁ ସ୍ଥାନୀୟ ବାସିନ୍ଦା ଓ ବିଭାଗ ମଧ୍ୟରେ ବିବାଦ ଯୋଗୁ ମରାମତି କାମଟି ବିଳମ୍ବରେ ଆରମ୍ଭ ହୋଇଥିଲା । ଏବେ ପୁଣି ଲଘୁଚାପ ବର୍ଷା ଜାରି ରହିଥିବା ବେଳେ ନଦୀରେ ବନ୍ୟା ଆସିବା ନେଇ ଲୋକେ ଆଶଙ୍କା କରିଛନ୍ତି । ତେଣୁ ଅସ୍ଥାୟୀ ମରାମତି କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କପାଳୀ ନଦୀରେ ବନ୍ୟା

# ବୁଡ଼ିଲା ଗ୍ରାମ୍ୟ ରାସ୍ତା



ବନ୍ତ/ଆଗରପଡ଼ା,୨୬।୭(ସମିସ): ଉପରମୁଣ୍ଡରେ କ୍ରମାଗତ ବର୍ଷା ଯୋଗୁଁ କପାଳୀ ନଦୀର ଜଳସ୍ତର ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଞ୍ଚଳରେ ସୃଷ୍ଟି ହୋଇଛି ଭୟଙ୍କର ବନ୍ୟା ପରିସ୍ଥିତି । ରାମଚନ୍ଦ୍ରପୁର ପଞ୍ଚାୟତର ପାନପଦୀ-ରାମଚନ୍ଦ୍ରପୁର ମୁଖ୍ୟ ଗ୍ରାମ୍ୟ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଫଳରେ ସ୍ଥାନୀୟ ଗ୍ରାମବାସୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । କପାଳୀ ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ବନ୍ତ ବ୍ଲକର ବନ୍ତ, ରାମଚନ୍ଦ୍ରପୁର, ଟିଲୋ, ଛୟାଳସିଂ, ଗଣିଜାଙ୍ଗ, ରାମପୁର, ଏବଂ ରାମକୃଷ୍ଣପୁର ଭଳି ବହୁ ପଞ୍ଚାୟତରେ ଏବେ ବନ୍ୟା ଭୟ ଘାରିଛି । ବିଶେଷ କରି ରାମଚନ୍ଦ୍ରପୁର ପଞ୍ଚାୟତର ରାମଚନ୍ଦ୍ରପୁର, ପାଟଣା, ନିମାପଡ଼ା ଏବଂ ଟିଲୋ ପଞ୍ଚାୟତର ଶାସନ, ପୋଡ଼ାପଟଣା ଓ ଶାଳକଣିଆଁ ଭଳି ଗାଁ ଗୁଡ଼ିକରେ ବନ୍ୟା ଜଳ ଲୋକଙ୍କ ଘର ପାଖରେ ପହଞ୍ଚି ଗଲାଣି । ଯେଉଁ ଭଳି ଭାବେ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି, ଯେକୌଣସି ମୁହୂର୍ତ୍ତରେ ଏହି ଗାଁଗୁଡ଼ିକ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇପଡ଼ିବାର ଆଶଙ୍କା ଦେଖାଦେଇଛି । ଅଞ୍ଚଳରେ ବନ୍ୟା ପରିସ୍ଥିତି ଜଟିଳ ହେଉଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଆଗୁଆ ସଜାଗତା କିମ୍ବା ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବାରମ୍ବାର ଗୁହାରି ପରେ ବି କୌଣସି ପ୍ରତିକାର ନହେବାରୁ, ବନ୍ୟା ଭୟରେ ଅଞ୍ଚଳବାସୀ ଏବେ ନିଦ୍ରାହୀନ ରାତି ବିତାଉଛନ୍ତି । ତୁରନ୍ତ ପ୍ରଶାସନ ପକ୍ଷରୁ ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଭଦ୍ରକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ଭଦ୍ରକ,୨୬ ।୭(ସମିସ): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଭଦ୍ରକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଭଦ୍ରକ ବ୍ଲକ ଅନ୍ତର୍ଗତ ତରାଗଣ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ବିମ୍ବାଧର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପଦାଧିକାରୀ,ଭଦ୍ରକ ଜିଲ୍ଲାର ୭ଟି ବ୍ଲକର ସଭାପତି,ସମ୍ପାଦକ ଓ କାର୍ଯ୍ୟକାରୀ ସଦସ୍ୟମାନେ ଯୋଗ ଦେଇଥିଲେ । ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଚାନ୍ଦବାଲି ବ୍ଲକ ସଭାପତି ଅମୂଲ୍ୟ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଭଦ୍ରକ ଜିଲ୍ଲାରେ ଶୈକ୍ଷିକ ମହାସଂଘର ସଂଗଠନକୁ ସୁଦୃଢ଼ କରିବା ସହିତ ଜିଲ୍ଲାରେ ଶୈକ୍ଷିକ ବାତାବରଣରେ ଶୃଙ୍ଖଳା ଆଣିବାକୁ ସଂଘ ପ୍ରଚେଷ୍ଟା କରିବ ବୋଲି ନେତୃତ୍ୱମାନେ ଆଲୋଚନା କରିଥିଲେ । ଏଥିରେ ଜିଲ୍ଲା ଉପ-ସଭାପତି ପ୍ରଦୀପ କୁମାର ଦାଶ, ବାସୁଦେବପୁର ବ୍ଲକର ସୁବାସ ଚନ୍ଦ୍ର ବେହେରା, ତିହିଡି ବ୍ଲକର ପ୍ରଦୀପ କୁମାର ବାରିକ, ରାମପ୍ରସାଦ ବାରିକ, ଭଣ୍ଡାରିପୋଖରୀ ଉମାକାନ୍ତ ସାହୁ, ଭଦ୍ରକ ବ୍ଲକର କୃତିବାସ ରାଉତ, ବନ୍ତ ବ୍ଲକର ଶ୍ରୀଧର ପଣ୍ଡା, ନିରଞ୍ଜନ ରାଉତ,ଚାନ୍ଦବାଲି ବ୍ଲକର ମାନସ କୁମାର ପାଢି ପ୍ରମୁଖ ଯୋଗ ଦେଇ ଆସନ୍ତା ଅଗଷ୍ଟ ୨ତାରିଖରେ ଭଦ୍ରକ ସଂସ୍କୃତି ଭବନରେ ଜିଲ୍ଲା ସ୍ତରୀୟ ଗୁରୁ ବନ୍ଦନ କାର୍ଯ୍ୟକ୍ରମ ଏବଂ ସଭାପତି ଶ୍ରୀ ସେନାପତିଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ହେବ । ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ, ଭଦ୍ରକ ବିଧାୟକ, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଜିଲ୍ଲାର ବହୁ ବୁଦ୍ଧିଜିବୀ ଯୋଗ ଦେବା ପାଇଁ ସଂଘ ତରଫରୁ ପ୍ରସ୍ତୁତି ହୋଇଛି ବୋଲି ସୂଚନା ଦିଆଯାଇଥିଲା । ଶେଷରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନ କିଣା ଦାୟିତ୍ୱରୁ ସମିତିକୁ ବାଦ ପାଇଁ ଦାବି

ବାରିକପୁର, ୨୬ ।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତି ଗତ ୪/୫ବର୍ଷ ଧରି ବିଧି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରୁନାହିଁ । ଗଠିତ ପରିଚାଳନା କମିଟି ସଠିକ ଢଙ୍ଗରେ ଚାଲୁନାହିଁ । ସମିତିରେ ସ୍ଥାୟୀ ସମ୍ପାଦକ ନଥିବା ବେଳେ ନଗୁଆଁ ସମବାୟ ସମିତି ସମ୍ପାଦକ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଏଠାରେ ଗୋଦାମ ଗୃହ, ଧାନ ସଂଗ୍ରହ କେନ୍ଦ୍ର, ସଂରକ୍ଷଣ ଗୃହ ଆଦି ଭିତିଭୂମିର ଅଭାବ ରହିଛି । ତେଣୁ ସମସ୍ତ ବିଷୟ ଉପରେ ଅନୁଧ୍ୟାନ କରାଯିବା ସହିତ ସମିତିକୁ ଖରିଫ ଧାନ କ୍ରୟ ଅନୁମତିରୁ ବାଦ ଦେବା ପାଇଁ ଦାବି ହୋଇଛି । ଅଭିଯୋଗକାରୀ ରମେଶ ଚନ୍ଦ୍ର ନାୟକ, ପର୍ଶୁରାମ ସେନାପତି, ରତ୍ନାକର ଭଞ୍ଜ, ରାମଚନ୍ଦ୍ର ସେନାପତି, ନଟବର ରାଉଳ, ଅଚ୍ୟୁତାନନ୍ଦ ବେହେରା, ଦେବେନ୍ଦ୍ର ନାଥ ଧଳ, ବିଦ୍ୟାଧର ଜେନା, ଅନୁପମା ଦାସ, ଗୀତାରାଣୀ ନାୟକ, ଶଶୀକଳା ଶାସିନୀ, ସୁଧାଂଶୁ ନାୟକ ପ୍ରମୁଖ ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ ସହିତ ନିକଟସ୍ଥ ସମିତିକୁ ଦାୟିତ୍ୱ ହସ୍ତାନ୍ତର ପାଇଁ ନିବେଦନ କରିଛନ୍ତି ।

'ସକାଳ' ପ୍ରଭାବ

# ସପ୍ତାହ ମଧ୍ୟରେ ହେବ ଅସ୍ଥାୟୀ ମରାମତି



ବେତାଳିଗାଁ,୨୬ ।୭(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀର ବାମ ପାର୍ଶ୍ୱ ବନ୍ଧରେ ଗାନ୍ଧୀଘାଟ ଜଳସମ୍ପଦ ବିଭାଗ ଅଧୀନ ବେତାଳିଗାଁ ସ୍ଲୁଇସ୍ ଗେଟ୍ ନିକଟସ୍ଥ ରାସ୍ତାର ଶୋଚନୀୟ ଅବସ୍ଥା ସମ୍ପର୍କରେ ଗତ ୨୧ ତାରିଖରେ ଦୈନିକ "ସକାଳ'ରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରସାରଣ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ସ୍ୱରୂପ ଉକ୍ତ ସ୍ଥାନରେ ଅସ୍ଥାୟୀ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଛି । ବିଭାଗୀୟ ଏସଡିଓ ଓ ଜେଇଓ ଲୋକମାନଙ୍କହୀତକୁ ଦୃଷ୍ଟିରେ ରଖି ଏକ ସପ୍ତାହ ମଧ୍ୟରେ ଅସ୍ଥାୟୀ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବିଭାଗ ସେହି ପ୍ରତିଶ୍ରୁତିକୁ ପାଳନ କରି କାର୍ଯ୍ୟ ସମ୍ପନ୍ନ କରିଥିବାରୁ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ବର୍ତ୍ତମାନର ମରାମତି କେବଳ ଏକ ଅସ୍ଥାୟୀ ବ୍ୟବସ୍ଥା । ବିଭାଗ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆସନ୍ତା ନଭେମ୍ବର ମାସ ସୁଦ୍ଧା ଉକ୍ତ ରାସ୍ତାର ସ୍ଥାୟୀ ମରାମତି କାର୍ଯ୍ୟ ସମ୍ପନ୍ନ କରାଇବ ବୋଲି ଅଞ୍ଚଳବାସୀ ଦୃଢ଼ ଆଶା ପୋଷଣ କରିଛନ୍ତି । ସ୍ଥାୟୀ କାର୍ଯ୍ୟ ସମ୍ପନ୍ନ ହେଲେ ଏହି ରାସ୍ତା ଉପରେ ନିର୍ଭରଶୀଳ ବହୁ ଗ୍ରାମର ଲୋକମାନେ ବର୍ଷବର୍ଷ ଧରି ଭୋଗୁଥିବା ସମସ୍ୟାରୁ ମୁକ୍ତି ପାଇବେ ।

## ସାଳନ୍ଦୀ ଫୁଲୁଛି

# ଗତିପଥ ବଦଳିବା ନେଇ ଚିନ୍ତାରେ ଗ୍ରାମବାସୀ

ବନ୍ତ/ଆଗରପଡ଼ା,୨୬।୭(ସମିସ)

ଗତ କିଛି ଦିନ ହେଲା ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେବାରୁ ନଦୀପାଣି କ୍ରମଶଃ ଫୁଲି ଗ୍ରାମାଭିମୁଖି ହେଉଥିବାରୁ ନଦୀ କୁଳିଆ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି । ସାଳନ୍ଦୀ ନଦୀ ବନ୍ତ ବ୍ଲକର ଆଗରପଡା ଦେଇ ବହି ଯାଇଥିବା ବେଳେ ଏହାର ଶାଖା ପ୍ରଶାଖା ନଦୀ ଗୁଡ଼ିକ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହୋଇଛି । ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେବା ଫଳରେ ଓ ହଦଗଡ଼ ପାଣି ଛାଡିବା ଫଳରେ ବର୍ତ୍ତମାନ ସାଳନ୍ଦୀ ଫୁଲୁଛି ଓ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡକୁ ମାଡି ଆସୁଛି । ଏହାର ମୁଖ୍ୟ କାରଣ ନଦୀ ପଠାରେ ବେଆଇନ ଭାବେ ଗଢି ଉଠୁଥିବା ଇଟା ଭାଟି ଓ ବାଲି ଖନନ ।

ପ୍ରକାଶ ଥାଉକି, ଆଗରପଡା ଥାନା ଅଧୀନ ଗୋପିନାଥପୁର, ମହାନ୍ତିପଡ଼ା, ଚାରିଗାଁ ଏବଂ ଅଣିଜୋ ଆଦି ପଞ୍ଚାୟତ ଅନ୍ତର୍ଗତ ସାଳନ୍ଦୀ ନଦୀରୁ ଦୀର୍ଘ ଦିନ ଧରି ବେନିୟମ ଭାବେ ମାଫିଆ ମାନେ ଦିନ ଦ୍ୱିପ୍ରହରରେ ବାଲି ଖୋଳି ନେଉଥିଲେ । ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଘାଟ ଗୁଡ଼ିକୁ ବର୍ଷ ୨୦୨୦ରେ ନିଲାମ କରାଯାଇଥିଲା । ନିଲାମ ପରେ ଅଞ୍ଚଳବାସୀ ବେଆଇନ ବାଲି ଖନନ ଉପରେ ରୋକ ଲାଗିବ ବୋଲି ଆଶା ବ୍ୟକ୍ତ କରିଥିବା ବେଳେ ଏଥିରେ ମଧ୍ୟ ସଫଳ ହୋଇ ପାରିନଥିଲେ । ସରକାରଙ୍କ ପ୍ରଦତ୍ତ ନିୟମକୁ କେହିବି ମାନୁ ନାହାନ୍ତି । ପୂର୍ବପରି ରାଜସ୍ୱ ବିଭାଗ କର୍ମଚାରୀଙ୍କ ଜ୍ଞାତ ସାରରେ ଦିନ ଦ୍ୱିପ୍ରହରରେ ଖୋଲାଖୋଲି ଭାବେ ନିର୍ଦ୍ଧାରିତ ନିୟମଠାରୁ ଅଧିକ ବାଲି ଖୋଳାଯାଇ ଟ୍ରାକ୍ଟର ଓ ଟ୍ରକରେ ଅନ୍ୟ ସ୍ଥାନକୁ ପଠାଯାଉଛି । ଏହା ଜାଣି ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି । ଗ୍ରାମବାସୀ ମାନେ ଏହାକୁ ବିରୋଧ କଲେ ମାଫିଆ ମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କିଛି ସୁଫଳ ମିଳିପାରୁ ନାହିଁ । ଘାଟ ନିଲାମ କେବଳ ପ୍ରହସନ ପାଲଟିଛି । ପ୍ରତିଦିନ ଏହି ପରି ବେଧଡକ ବାଲିଖୋଳାଯାଉଥିବାରୁ ନଦୀର ଗତି ପଥ ପରିବର୍ତ୍ତନ ଘଟୁଛି । ଯାହାକି ପୂର୍ବ ବର୍ଷ ପରି ସାମାନ୍ୟ ବର୍ଷା ହେଲେ ନଦୀ ବଢି ପାଣି ଗାଁ ମଧ୍ୟକୁ ପଶିଆସି ଲୋକ ମାନଙ୍କର ବ୍ୟାପକ କ୍ଷତି ପହଁଚାଇବା ସମ୍ଭାବନା ସୃଷ୍ଟି କରୁଛି । ଆହୁରି ମଧ୍ୟ ବାଲି ମାଫିଆ ମାନେ ନଦୀ ତଟକୁ ଦୁଇ ତିନି ମଣିଷ ଲେଖାଏଁ ଖୋଳି ଦେବା ଦ୍ୱାରା ବିଭିନ୍ନ ସମୟରେ ଗୃହପାଳିତ ପଶୁ ମାନେ ଏଥିରେ ଖସିପଡି ଖଣ୍ଡିଆ ଖାବରା ହେଉଥିବାର ନଜିର ରହିଛି । ସାଳନ୍ଦୀ ନଦୀର ପାଶ୍ୱର୍ରେ ଥିବା କାଣ୍ଡବା, ସାହୁପଡା, ଶ୍ରୀରାମପୁର, ଅମରସିଂହପୁର, ଚାରିଗାଁ, ଚକ୍ରାପାଢୀ, ଅଣିଜୋ, ଇଟୁଆ,ବିରିଡିହି ଆଦି ଗ୍ରାମଗୁଡିକରେ ଅବାଧ ବାଲି ଖନନ ଯୋଗୁଁ ଆଗକୁ ସାଳନ୍ଦୀ ନଦୀରେ ଲୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି ।



# କେନାଲ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା



ଭଣ୍ଡାରିପୋଖରୀ,୨୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକର ବୟାଁବନାପୁର ପଞ୍ଚାୟତ ଅନ୍ତର୍ଗତ ବୈତରଣୀ ନଦୀର ଶାଖା ହାଇଲେବୁଲ କେନାଲ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା । ଭଣ୍ଡାରିପୋଖରୀ ହାରାମଣି ଉଚ୍ଚ ବିଦ୍ୟାଳୟ ପାଖରେ ହାଇଲେବୁଲ୍ କେନାଲ ଉପରେ ଜାତୀୟ ରାଜପଥର ଏକ ଓଭର ବ୍ରିଜ୍ ନିର୍ମାଣ ହୋଇଥିବା ହେତୁ ଏହି ଜାଗାରେ ଜାତୀୟ ରାଜପଥର ବର୍ଷା ଜଳ ବ୍ରିଜ୍ ର ହୋଲ ଦେଇ ନିର୍ଗତ ହେଉଥିବା ହେତୁ କେନାଲ ବନ୍ଧ ଉପରେ ପଡ଼ି ବହୁ ପରିମାଣରେ ଗର୍ତ୍ତ ସୃଷ୍ଟି ହୋଇଗଲାଣି । ଏହି ରାସ୍ତାଦେଇ ଦୈନନ୍ଦିନ ବୟାଁବନାପୁର, ରଣଜିତ୍, ବାଲିପୋଖରୀ, ରାମଚନ୍ଦ୍ରପୁର ସମେତ ୩/୪ଟି ପଞ୍ଚାୟତ ଲୋକମାନେ ଯାତାୟାତ କରିଥାଆନ୍ତି । ଭଣ୍ଡାରିପୋଖରୀ ବ୍ଲକକୁ କେନାଲ ବନ୍ଧ ରାସ୍ତାଟି ମୁଖ୍ୟ ରାସ୍ତା ଭାବେ ସଂଯୋଗ ହୋଇଥିବା ବେଳେ ଏହି ରାସ୍ତା ଦେଇ ଶହ ଶହ କୋମଳମତି ଛାତ୍ର ଓ ଛାତ୍ରୀ ମାନେ ସ୍କୁଲ୍ ଓ କଲେଜ ଗୁଡ଼ିକୁ ପାଠ ପଢ଼ିବା ପାଇଁ ଦୈନନ୍ଦିନ ସାଇକଲ ଦ୍ୱାରା ଯାତାୟାତ କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତାଟି ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାତାୟାତ କରିବା ପାଇଁ ମୁଖ୍ୟ ରାସ୍ତା ହୋଇଥିବା ହେତୁ ଦୁଇ ଦିନ ତଳେ ଜଣେ ବୃଦ୍ଧା ଚାଲିକି ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଯାଉଥିବା ସମୟରେ ପଡ଼ି କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟ ସୂଚନା ମିଳିଛି । ଏହି କେନାଲ ବନ୍ଧ ରାସ୍ତା ଜାଗାଟି ଆଖୁଆପଦା ଜଳସମ୍ପଦ ବିଭାଗର ହୋଇଥିବା ହେତୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଜଳସମ୍ପଦ ବିଭାଗର ଅଧିକାରୀ ଏବଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ କରୁଥିବା ଦିଲ୍ଲୀପ ବିଲକନ୍ ସଂସ୍ଥାର ସର୍ବୋଚ୍ଚ ଅଧିକାରୀଙ୍କୁ ଏହି ରାସ୍ତାର ମରମତି କରି ସମସ୍ୟାର ସମାଧାନ କରିବା ନିମନ୍ତେ ଜଣାଇଛନ୍ତି ।

ସକାଳ
THE SAKALA



### ବର୍ଷାରେ ବେହାଲ ବାଲେଶ୍ୱର

# ସୁଧୁରିଲାନି ଡ୍ରେନ୍ ଅବସ୍ଥା; ତଳିଆ ଅଞ୍ଚଳରେ ଆଣ୍ଠୁଏ ପାଣି





ବାଲେଶ୍ୱର,୨୬।୭ (ସମିସ):

କିଛିଦିନ ହେବ ବାଲେଶ୍ୱରେ ଲଗାଣ ବର୍ଷା ଜାରି ରହିଛି। ଆଜି ମଧ୍ୟ ଦ୍ୱିପହରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଯୋଗୁଁ ସହରର ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଡ୍ରେନ୍ ସମସ୍ୟା ଦୂର ହୋଇନଥିବା ଯୋଗୁଁ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷା ପାଣି ଜମି ରହିଛି। ରାସ୍ତା ଉପରେ ପାଣିର ସୁଅ ଛୁଟୁଥିବା ବେଳେ କିଛି ସ୍ଥାନରେ ଘରେ ମଧ୍ୟ ପାଣି ପଶିଛି। ଲୋକମାନେ ଆଣ୍ଠୁଏ ପାଣି ଭିତରେ ଯିବାଆସିବା କରୁଛନ୍ତି। ସେଣ୍ଟ୍ରାଲ ସ୍କୁଲ ଛକରୁ ମଠସାହି ଏବଂ ମଠସାହିରୁ ଟୁଲଙ୍ଗସାହି ପର୍ଯ୍ୟନ୍ତ ଅଞ୍ଚଳରେ ପାଣି ଜମିରହିବା ଦେଖିବାକୁ ମିଳିଛି। ଡ୍ରେନ୍ ଦେଇ ପାଣି ନିଷ୍କାସନ ହୋଇପାରୁ ନଥିବାରୁ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ଏହି ରାସ୍ତାରେ ଥିବା ଦୋକାନ ସାମ୍ନାରେ ପାଣି ଜମିଯିବା ଯୋଗୁଁ ବେପାର ମଧ୍ୟ ପ୍ରଭାବିତ ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଡ୍ରେନ୍ ସମସ୍ୟାର ସମାଧାନ ହୋଇନଥିବାରୁ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ପାଣି ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ବର୍ଷା ହେଲେ ଏବେ ସହରବାସୀଙ୍କ ଚିନ୍ତା ବଢ଼ୁଛି। କାରଣ ଏବେ ଖାଲି ତଳିଆ ଅଞ୍ଚଳ ନୁହେଁ ବରଂ ସହର ସାରା ପାଣିରେ ବୁଡୁଛି। ଘରୁ ବାହାରିବା ଅସମ୍ଭବ ହୋଇ ପଡୁଛି। ଜଳ ନିଷ୍କାସନ ସୁବିଧା ନଥିବାରୁ ଘର ସାମ୍ନାରେ ପାଣି ଜମି ରହୁଛି। ଫଳରେ ଯାତାୟାତ ମଧ୍ୟ ବ୍ୟାହତ ହେଉଛି। ରାସ୍ତା ଓ ଘର ଆଗରେ ଡ୍ରେନ୍ ପାଣି ଭାସୁଛି।

ପ୍ରବଳ ବର୍ଷାରେ ଅଙ୍ଗାରଗଡିଆ, ନୂଆସାହି ବାଲିଆ, ମୋତିଗଞ୍ଜ, ସୁଏଲପୁର, କଂଗ୍ରେସ ଗଳି, ଆଜିମାବାଦ, ଚିଡିଆପୋଲ, ପଟ୍ଟୁଆଁପଦା, ଦର୍ଜିପୋଖରୀ, ଗୁଡିପଦା, ମେଣ୍ଢାଶୁଳ, ଟୁଲଙ୍ଗସାହି, ଏକତାନଗର, ଦ୍ୱାରିକା ନଗର ଆଦି ଅଞ୍ଚଳରେ ବର୍ଷା ପାଣିରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ସହର ମୁଖ୍ୟ ରାସ୍ତା ଉପରେ ମଧ୍ୟ ପାଣି ଜମି ରହୁଛି। ପାଣି ଯିବା ରାସ୍ତାକୁ ଅବରୋଧ କରି ଘର, ଦୋକାନ, ଆପାର୍ଟମେଣ୍ଟ ତିଆରି କରାଯାଉଛି। ରାସ୍ତା, ନାଳରେ ଜରି, ପଲିଥିନ, ଅଳିଆ ଆଦି ଆବର୍ଜନା ପକାଇ ପାଣି ନିଷ୍କାସନ ପଥ ଅବରୋଧ କରାଯାଉଛି। ତା ସହିତ ପ୍ରତ୍ୟେକ ବିଭାଗରେ ଯନ୍ତ୍ରୀଙ୍କ ଜ୍ଞାନ ଅନୁସାରେ ନିର୍ମାଣ କାର୍ଯ୍ୟ ଏବଂ ସଫେଇ ଠିକ୍ ଭାବେ ହେଉନଥିବା ନେଇ ଅଭିଯୋଗ ହୋଇଛି।

● ନିଷ୍କାସନ ହେଉନି ବର୍ଷା ଜଳ, ଚାଷୀ ହନ୍ତସନ୍ତ

# ବର୍ଷବର୍ଷ ଧରି ଘାସ ଚାଞ୍ଛି କୋଟି କୋଟି ଟଙ୍କା ହଡ଼ପ ଅଭିଯୋଗ

**ବିଞ୍ଝାରପୁର,୨୬।୭(ସମିସ):** ଲଗାଣ ବର୍ଷା ପରେ ବିଞ୍ଝାରପୁର ବ୍ଲକର ବହୁ ଅଞ୍ଚଳରେ ଚାଷଜମିରେ ବର୍ଷା ଜଳ ଜମି ରହିଥିବାରୁ ଚାଷୀମାନେ ଗଭୀର ସମସ୍ୟାରେ ପଡ଼ିଛନ୍ତି। ଜଳ ନିଷ୍କାସନ ବ୍ୟବସ୍ଥା ବିଫଳ ହୋଇଥିବାରୁ ଧାନ ତଳି ଓ ବୁଣାଯାଇଥିବା ଫସଲ ନଷ୍ଟ ହେବାକୁ ବସିଛି। ଚାଷଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ କରି ବିଭିନ୍ନ ନାଳ ଓ ନଦୀର ପୁନରୁଦ୍ଧାର କାମ କରୁଥିଲେ ମଧ୍ୟ ଏହାର ସୁଫଳ ଚାଷୀଙ୍କୁ ମିଳୁନଥିବା ଅଭିଯୋଗ ହେଉଛି। ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ଯୋଗୁଁ କେବଳ ଘାସ ସଫା କିମ୍ବା ନାମକୁ ମାତ୍ର ଜେସିବିରେ ଅଳ୍ପ ଖନନ କରି କାମ ସମାପ୍ତ ଦର୍ଶାଇ ଲକ୍ଷାଧିକ ଟଙ୍କା ବିଲ୍ କରାଯାଉଥିବା ଅଭିଯୋଗ ଉଠିଛି।

ସୂଚନା ଅନୁଯାୟୀ, ଚଳିତ ବର୍ଷ କପାସିରୁ ବରପଦା ପଞ୍ଚାୟତର ଗଣ୍ଡକୁଳ ପର୍ଯ୍ୟନ୍ତ କୁଶଭଦ୍ରା ନଦୀ ପୁନରୁଦ୍ଧାର ଓ ଫୁଟ୍‌ବ୍ରିଜ୍ ନିର୍ମାଣ ପାଇଁ ପ୍ରାୟ ୫ କୋଟି ଟଙ୍କାର କାର୍ଯ୍ୟ ମଞ୍ଜୁର ହୋଇଛି। ନିୟମ ଅନୁଯାୟୀ ପଙ୍କ ଉଦ୍ଧାର, ନାଳ ବିସ୍ତାର ଓ ନଦୀ ସଂସ୍କାର କାମ ହେବାକଥା ଥିଲେ ମଧ୍ୟ ବାସ୍ତବରେ କେବଳ ଘାସ ସଫା କରାଯାଇଥିବା ଅଭିଯୋଗ ହେଉଛି। କାର୍ଯ୍ୟସ୍ଥଳରେ ସୂଚନା ଫଳକ ନଥିବା ଏବଂ ବିଭାଗୀୟ ଅଧିକାରୀଙ୍କ ନୀରବତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସେହିପରି ବେଙ୍ଗା ନାଳର ସଫେଇ କାମ ମଧ୍ୟ ସନ୍ତୋଷଜନକ ଭାବେ ହୋଇନଥିବା ଅଭିଯୋଗ ରହିଛି। ଚମ୍ପାପାଳଠାରେ ୧୭ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଚାଲିଥିବା ନାଳ ଖନନ କାମ କିଛିଦିନ ହେବ ବନ୍ଦ ରହିଛି। ତେଣ୍ଟା ନାଳ, ଛେକପୋଛାଲ ନାଳ, ଭାରତୀ ନାଳ, ଜୁଣେଇ ନାଳ ଓ ନୂଆ ମାହାରା ନାଳ ପୁନରୁଦ୍ଧାର ନାମରେ ପ୍ରତିବର୍ଷ ବିପୁଳ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଏହାର ଲାଭ ଚାଷୀଙ୍କ ପାଖରେ ପହଞ୍ଚୁନଥିବା ଅଭିଯୋଗ ହେଉଛି। ଲଗାଣ ବର୍ଷା ଯୋଗୁଁ ବରପଦା, କପିଳା, କଲ୍ୟାଣପୁର, ଅଳକୁଣ୍ଡ, ପ୍ରୀତିପୁର, ଆଉଁରୀ, ହଳଦୀଡ଼ିହ ଓ ଟିଣା ସମେତ ବହୁ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମିରେ ୪ରୁ ୫ ଫୁଟ ପର୍ଯ୍ୟନ୍ତ ବର୍ଷା ଜଳ ଜମି ରହିଛି। ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ବିଲରେ ବୁଣାଯାଇଥିବା ଧାନ ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ଯଥାଶୀଘ୍ର ଉଦ୍‌ବୃତ୍ତ ଜଳ ନିଷ୍କାସନ ସହ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ପଚିଗଲା ଧାନ ତଳି, ପ୍ରଭାବିତ ହେବ ଚାଷ



**ବିଞ୍ଝାରପୁର/ପ୍ରୀତିପୁର,୨୬।୭(ସମିସ):** ଲଗାଣ ବର୍ଷା ଓ ଜଳ ନିଷ୍କାସନ ସମସ୍ୟା ଯୋଗୁ ଧାନ ତଳି ପଚିଯିବାରୁ ଏଥିରେ ଚାଷ କାମ ପ୍ରଭାବିତ ହୋଇଛି। ପ୍ରକାଶ ଯେ ବିଞ୍ଝାରପୁର ଅଞ୍ଚଳରେ ଚାଷୀମାନେ ଜମି ଚଷିବା ପରେ ଶାରଦ ଧାନ ବୁଣିବା ବଦଳରେ ଅଧିକ ଉତ୍ପାଦନ ପାଇଁ ଜମି ରୋଇବା ପାଇଁ ତଳି ପକାଇଥିଲେ। ସେମାନେ ପ୍ରସ୍ତୁତ କରିଥିବା ଧାନତଳି ଲଗାଣ ବର୍ଷା ଯୋଗୁଁ ଦୀର୍ଘଦିନ ଧରି ପାଣିରେ ବୁଡିରହିବା ଫଳରେ ପଚି ନଷ୍ଟ ହୋଇ ଯାଇଛି। ବିଶେଷ କରି ଟିଣା, ଶିଶିରଣା, ରାହାସ, ଗୁହାଳି, କପିଳା ତାଲୁକପଡା, ମୀନଧାତା ପାଟଣା ଓସ୍ତଦାଣ୍ଡି, ବରୁଣାବାଙ୍କ, ଖର୍ଦ୍ଦିପୁର, ଫତେପୁର ଓ ରୁଦ୍ରପୁର ମୌଜାର ଧାନତଳି ଏବେବି ୨ରୁ୩ଫୁଟ ପାଣି ଭିତରେ ବୁଡି ରହିଛି। ପୁନଃର୍ବାର ତଳି ପକାଇବା ଓ ରୋଇବା ଚାଷୀ ପକ୍ଷରେ ବିଳମ୍ବିତ ପ୍ରକ୍ରିୟା ଓ ସମୟ ସାପେକ୍ଷ। ଡ୍ରେନେଜ ବିଭାଗ ଠିକ ସମୟରେ ଜଳ ନିଷ୍କାସନର ସ୍ଲୁଇସ ଗେଟ ନଖୋଲିବା ଫଳରେଏହି ପରିସ୍ଥିତି ଉପୁଜିଛି। ପ୍ରାରମ୍ଭରୁ ଚାଷର ଏ ପ୍ରକାର ଅବସ୍ଥା ଦେଖି ଚାଷୀ ହତୋତ୍ସାହିତ ହୋଇ ପଡିଛନ୍ତି। ଚାଷୀଙ୍କର ଏ ପ୍ରକାର କ୍ଷତି ଭରଣା ପାଇଁ କ୍ଷେତ୍ର ଅନୁଧ୍ୟାନ କରି ଚାଷୀ ମାନଙ୍କୁ ଆର୍ଥିକ ସହାୟତା ସବସିଡ୍ ପ୍ରଦାନ ପାଇଁ ବରିଷ୍ଠ କୃଷକ ବିରଭଦ୍ର ସାମଲ, ଅକ୍ଷୟ କୁମାର ମଲ୍ଲିକ,ରାମଚନ୍ଦ୍ର ନାୟକ, ରବିନାରାୟଣ. ସାମଲ, ସୁରେନ୍ଦ୍ର ପତି, ବିଜୟ କୁମାର ରାଉତ, ହରେକୃଷ୍ଣ ଦାସ, ତରୁଣ ସ୍ୱାଇଁ, ପର୍ଶୁରାମ ସାହୁ, ଧନେଶ୍ୱର ସାମଲ, ବାଟୁ ଯେନା, ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଏବେବି ରହିଛି ଅନ୍ଧବିଶ୍ୱାସ

# ସାପ କାମୁଡ଼ା ରୋଗୀଙ୍କୁ ଝଡାଫୁଙ୍କା

**ମୋରଡା,୨୬।୭(ସମିସ):** ସାପ କାମୁଡ଼ା ରୋଗୀଙ୍କୁ ଗୁଣିଆ କିମ୍ବା ଠାକୁରାଣୀଙ୍କ ପାଖକୁ ନ ନେଇ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହାଦ୍ୱାରା ସାପ କାମୁଡ଼ିଥିବା ରୋଗୀ ବଞ୍ଚିପାରିବ ବୋଲି ବିଶେଷଜ୍ଞ ବାରମ୍ବାର ପରାମର୍ଶ ଦେଉଛନ୍ତି। ମାତ୍ର ଏହି ସଚେତନତା କାର୍ଯ୍ୟକ୍ରମ ଗାଁ ଗଣ୍ଡାରେ ରହୁଥିବା ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଉନାହିଁ। ଫଳରେ ପ୍ରତିବର୍ଷ ମୋରଡା ଅଞ୍ଚଳର ଲୋଧା ସମ୍ପ୍ରଦାୟ ଓ ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କ ସାପ କାମୁଡ଼ାରେ ଜୀବନ ଯାଉଛି। ମିଳିଥିବା ସୂଚନା ମୁତାବକ ଚଳିତବର୍ଷ ଏ ପର୍ଯ୍ୟନ୍ତ ତିନି ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିସାରିଲାଣି।

ମୋରଡା ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ସବୁଆଡେ ଜଙ୍ଗଲ ଘେରି ରହିଛି। ସେଥିପାଇଁ ସ୍ୱାଭାବିକ ଭାବେ ସର୍ବଦା ସାପ କାମୁଡ଼ାର ଭୟ ରହିଥାଏ। ଏଥିସହ ଆଦିବାସୀଙ୍କ ପରିବାରରୁ

### ଚଳିତ ବର୍ଷ ଗଲାଣି ତିନି ମୁଣ୍ଡ


କାହାକୁ ସାପ କାମୁଡ଼ିଲେ ସେମାନେ ରୋଗୀକୁ ହସ୍ପିଟାଲ ନେବା ପରିବର୍ତ୍ତେ ଗୁଣି ଗାରେଡ଼ିର ସହାୟତା ନେଉଥିବା ଅନେକ ଘଟଣା ସାମ୍ନାକୁ ଆସିଛି। ଆଉ କେହି ଠାକୁରାଣୀଙ୍କ ପାଖକୁ ନେଇ ପୂଜା ପାଠ ସହ ଗାଧୋଇ ଦିଅନ୍ତି। ସେତେବେଳକୁ ସାପ ବିଷ ରୋଗୀର ସମ୍ପୂର୍ଣ୍ଣ ଶରୀରକୁ କବଳିତ କରିସାରିଥାଏ। ଡାକ୍ତରଖାନାରେ ପହଞ୍ଚିବା ମଧ୍ୟ ବହୁ ରୋଗୀଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ବର୍ଷାଦିନେ ସାପ କାମୁଡ଼ା ମାମଲା ଅଧିକ ଦେଖିବାକୁ ମିଳେ।

■ ଦୁଇ ଦଶନ୍ଧିର ଅପେକ୍ଷା ପରେ ବି ଫେରିଲେନି 'ବାବୁଲି'

# ୨୦ବର୍ଷ ଧରି ନିଖୋଜ ପୁଅକୁ ଖୋଜୁଛି ପରିବାର

**ଭଦ୍ରକ,୨୬।୭(ସମିସ):** ବିତିଗଲାଣି ୨୦ ବର୍ଷ। ଏଯାଏଁ ଫେରୁନି ପୁଅ। ପୁଅର ଫେରିବା ବାଟକୁ ଚାହିଁ ଚାହିଁ ପରିବାର ଲୋକଙ୍କ ଆଖିରୁ ପାଣି ମରିଲାଣି। ତଥାପି ଛାଡ଼ିନାହାନ୍ତି ଆଶା। ଅପେକ୍ଷା କେବେ ଫେରିବ ପୁଅ।

ଭଦ୍ରକ ବ୍ଲକ ରାହାଞ୍ଜ ପଞ୍ଚାୟତ ଅନ୍ତର୍ଗତ ବଡ଼ଅସୁରା ଗାଁର ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁଙ୍କ କନିଷ୍ଠ ପୁତ୍ର ଦେବେନ୍ଦ୍ର ସାହୁ, ଯିଏ "ବାବୁଲି' ନାମରେ ପରିଚିତ, ତାଙ୍କ ପରିବାର ପାଇଁ ସେହିଭଳି ଏକ ଅପୂରଣୀୟ ସ୍ମୃତି ପାଲଟିଯାଇଛନ୍ତି। ପରିବାରର କହିବା ଅନୁସାରେ, ୭ ମାର୍ଚ୍ଚ ୨୦୦୬ ତାରିଖରେ ଦେବେନ୍ଦ୍ର ସାହୁ ଘରୁ ବାହାରିଥିଲେ। ଯିବା ବେଳେ ସେ ନୀଳରଙ୍ଗର ଜିନ୍ସ ପ୍ୟାଣ୍ଟ, ନାଲି ରଙ୍ଗର ବ୍ୟାନିୟନ ପିନ୍ଧିଥିଲେ। ବାମ ହାତରେ ଡି.ଏସ୍ ଲେଖା ଟାଟୋ ଥିଲା। ରଙ୍ଗ ଶ୍ୟାମଳ ଉଚ୍ଚତା ୫ଫୁଟ ୮ଇଞ୍ଚ। ତେବେ ପରେ ସେ ଆଉ ଘରକୁ ଫେରିନଥିଲେ। ସେତେବେଳେ ତାଙ୍କ ବୟସ ୩୪ କି ୩୫ ଥିଲା। ସେହି ଦିନଠାରୁ ଆରମ୍ଭ ହୋଇଥିବା ଅପେକ୍ଷା ଆଜି ପ୍ରାୟ ୨୦ବର୍ଷ ପରେ ମଧ୍ୟ ଶେଷ ହୋଇନାହିଁ। ପରିବାର ଦାବି କରିଛନ୍ତି ଯେ, ଏହି ଦୀର୍ଘ ସମୟ ମଧ୍ୟରେ ସମ୍ପର୍କୀୟ, ବନ୍ଧୁବାନ୍ଧବ ଓ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜିବା ପାଇଁ ଅନେକ ପ୍ରୟାସ କରାଯାଇଥିଲା। ଯେଉଁଠି କୌଣସି ସୂଚନା ମିଳିଛି ବୋଲି ଖବର ଆସିଛି, ସେଠାରେ ଯାଇ ଯାଞ୍ଚ ମଧ୍ୟ କରାଯାଇଛି। କିନ୍ତୁ ପ୍ରତ୍ୟେକ ଥର ନିରାଶା ହିଁ ହାତକୁ ଆସିଛି। ଏପର୍ଯ୍ୟନ୍ତ ତାଙ୍କର କୌଣସି ନିର୍ଭରଯୋଗ୍ୟ ସନ୍ଧାନ ମିଳିନାହିଁ। ଗାଁର ଅନେକ ପୁରୁଣା ଲୋକ ଆଜି ମଧ୍ୟ ବାବୁଲିଙ୍କୁ ମନେ ପକାନ୍ତି। ପରିବାରର କହିବା ଅନୁଯାୟୀ, ପ୍ରତ୍ୟେକ ପର୍ବପର୍ବାଣୀ, ପ୍ରତ୍ୟେକ ପାରିବାରିକ ଉତ୍ସବ ଏବଂ ପ୍ରତ୍ୟେକ ଖୁସିର ମୁହୂର୍ତ୍ତରେ ତାଙ୍କ ଅନୁପସ୍ଥିତି ଆଜି ମଧ୍ୟ ସମସ୍ତଙ୍କୁ ବ୍ୟଥିତ କରିଥାଏ। ବର୍ଷ ବଦଳିଛି, ପିଢ଼ି ବଦଳିଛି, କିନ୍ତୁ ପରିବାରର ଅପେକ୍ଷା ଓ ଆଶା ବଦଳିନାହିଁ। ଇତିମଧ୍ୟରେ ତାଙ୍କ ବାପା, ମା' ଆରପାରିକୁ ଚାଲିଗଲେଣି। ଘରେ ତାଙ୍କ ପତ୍ନୀ ଓ ୨ଝିଅ ଅଛନ୍ତି। ପରିବାର ପକ୍ଷରୁ କୁହାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ଦେବେନ୍ଦ୍ର ସାହୁ (ବାବୁଲି)ଙ୍କ ସମ୍ପର୍କରେ କୌଣସି ସୂଚନା ଜାଣିଥାଆନ୍ତି କିମ୍ବା କେଉଁଠି ତାଙ୍କୁ ଦେଖିଥାଆନ୍ତି, ତେବେ ଦୟାକରି ପରିବାରକୁ କିମ୍ବା ନିକଟସ୍ଥ ଥାନାକୁ ଅବଗତ କରିବାକୁ ଅନୁରୋଧ କରିଛନ୍ତି। ଏକ ସାମାନ୍ୟ ସୂଚନା ମଧ୍ୟ ଦୀର୍ଘ ଦୁଇ ଦଶନ୍ଧିର ଅପେକ୍ଷାର ଅନ୍ତ ଘଟାଇପାରେ। ଦେବେନ୍ଦ୍ର ସାହୁଙ୍କ ନିଖୋଜ ହେବା ଘଟଣା କେବଳ ଗୋଟିଏ ପରିବାରର କାହାଣୀ ନୁହେଁ; ଏହା ଅପେକ୍ଷା, ଆଶା ଓ ମାନବୀୟ ସମ୍ପର୍କର ଏକ ନିରବ ଅଧ୍ୟାୟ। ଆଜି ମଧ୍ୟ ପରିବାରର ବିଶ୍ୱାସ ରହିଛି, ହୁଏତ କାହାରି ପାଖରେ ଏମିତି କୌଣସି ସୂଚନା



**ଆଜି ବି ଆଶାରେ ଚାହିଁ ରହିଛନ୍ତି ଆପଣା ଲୋକେ**

● ବନ୍ଧୁକ ଦେଖାଇ ଡକାୟତି ଘଟଣା

# ଘଟଣାସ୍ଥଳରୁ ଖୋକା ଜବତ, ପୁଲିସ ହାତ ଖାଲି

**କୁଳିଅଣା,୨୬।୭(ସମିସ):** କୁଳିଅଣା ଥାନା ଅନ୍ତର୍ଗତ ମାକିଡ଼ିଆହୁଡ଼ି ଗ୍ରାମ ନିକଟରେ ଗତକାଲି ରାତି ୯ଟା ସମୟରେ ସଶସ୍ତ୍ର ଡକାୟତ ଘଟଣାରେ ପୁଲିସ ହାତ ଖାଲିପଡ଼ିଛି। କେବଳ ଘଟଣାସ୍ଥଳରୁ ୨ଟି ଖୋକା ଜବତ ବ୍ୟତୀତ ଅଧିକ ସଫଳତା ମିଳିନି। ବାଇଗଣବାଡିଆ ଗ୍ରାମର ମାନସ ପାଇରା (୩୫) କୁଳିଅଣା ବଜାରରେ ମାନସ ଜୁଏଲର୍ସ ନାମରେ ଏକ ଜୁଏଲାରୀ ଦୋକାନ କରିଛନ୍ତି। ସେ ଦୋକାନଠାରୁ ୫୦୦ ମିଟର ଦୂରରେ ଏକ ଭଡ଼ା ଘରେ ପରିବାର ସହିତ ରୁହନ୍ତି। ଗତକାଲି ସେ ୮. ୪୫ ମିନିଟ୍‌ରେ ଦୋକାନ ବନ୍ଦ କରି ଏକ ବ୍ୟାଗରେ ସୁନା, ରୁପା ଅଳଙ୍କାର ସହିତ ନଗଦ ଟଙ୍କା ନେଇ ନିଜ ସ୍କୁଟିରେ ଭଡା ଘରକୁ ଯାଉଥିବାବେଳେ ପୂର୍ବରୁ ଜଗି ରହିଥିବା ୪ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଅଟକାଇଥିଲେ ଓ ଦୁଇ ରାଉଣ୍ଡ ତାଙ୍କ ପାଦ ପାଖରେ ଫୁଟାଇଥିଲେ। ଗୁଳିର ଖୋକା ଛିଟିକି ତାଙ୍କ ଛାତି ଓ ହାତରେ ବାଜିଥିଲା। ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ଦୁର୍ବୃତ୍ତ ବ୍ୟାଗ୍‌କୁ ଛଡ଼ାଇ ଆଣିଥିବା ବାଇକ୍ ଯୋଗେ ବାରିପଦା ପଟକୁ ଖସି ପଳାଇଥିଲେ। ଯିବା ସମୟରେ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚଳାଇଥିଲେ। ଏହି ସମୟରେ ମାନସ ପାଟି କରିବାରୁ ସ୍ଥାନୀୟ ଲୋକ ରୁଣ୍ଡ ହୋଇଥିଲେ। କିନ୍ତୁ ସେମାନେ ସେଠାରୁ ଖସି ପଳାଇଥିଲେ। ଉକ୍ତ ବ୍ୟାଗରେ ୭ କିଲୋରୁ ଅଧିକ ରୁପା, ୨୦ ଗ୍ରାମ ସୁନା ଓ ନଗଦ ୫୦ ହଜାର ଟଙ୍କା ଥିଲା ବୋଲି ବ୍ୟବସାୟୀ ମାନସ ପ୍ରକାଶ କରିଛନ୍ତି। ଖବର କୁଳିଅଣା ଥାନା ଆଇଆଇସି ସୁଦୀପ କୁମାର ମହାପାତ୍ର, ସେକେଣ୍ଡ ଅଫିସର ନିବେଦିତା ପ୍ରିୟଦର୍ଶିନୀ ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ ହୋଇଛି। କୁଳିଅଣା ପୁଲିସ ପକ୍ଷରୁ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ପୁଲିସ ଦୁର୍ବୃତ୍ତଙ୍କ କୌଣସି ସୁରାକ ପାଇ ନ ଥିବା ଜଣାପଡ଼ିଛି।


# କେନାଲ ରାସ୍ତା ମରାମତି ଦାବି



**ବାରିକପୁର, ୨୬।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ତାଳପଦା ଠାରୁ କଣ୍ଟା ଘର ଯାଏଁ ୩ ନମ୍ବର-ଏ କେନାଲଟି ଲମ୍ବିଛି। ଏହାର ଡାହାଣ ପାର୍ଶ୍ୱ ବନ୍ଧଟି ଗମନାଗମନ ପାଇଁ ଉପଯୋଗୀ ଅଟେ। ଏହି କେନାଲ ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାତାୟତ କରିଥାନ୍ତି। ଏବେ ସୁରୁବଣ ପୋଲ ଠାରୁ ଖଡ଼ିଶିଙ୍ଗା ହାଇସ୍କୁଲ ଛକ ଯାଏଁ କେନାଲ ରାସ୍ତାଟି ଯାତାୟତ ଅନୁପଯୋଗୀ ହୋଇଯାଇଛି। ବର୍ଷା ହେଲେ ପ୍ରାୟ ୮ଶହ ମିଟର ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତାରେ ପାଣି ଜମି ଯାଉଛି। ମେଣ୍ଟାଲ ମୋରମ ପ୍ରାୟତଃ ଉଠିଯାଇଥିବା ବେଳେ ପଥରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସାଇକେଲ ଓ ମୋଟର ସାଇକେଲ ଆରୋହୀ ମାନେ ଗମନାଗମନ ପାଇଁ ଯନ୍ତ୍ରଣା ପାଉଥିବା ବେଳେ ପାଞ୍ଚ ସାତ ଖଣ୍ଡି ଗାଁର ସ୍କୁଲ ଛାତ୍ରଛାତ୍ରୀ ମାନେ ଦୈନିକ ଯିବା ଆସିବାରେ ସମସ୍ୟା ଭୋଗୁଛନ୍ତି। ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ମଧ୍ୟ ଅଭିଯୋଗ ହୋଇଥିଲା। ଆଖୁଆପଦା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିବିରରେ ଉପସ୍ଥିତ ରହି ଅଭିଯୋଗ ପତ୍ର ପାଇଥିଲେ ମଧ୍ୟ ଏଯାଏଁ ରାସ୍ତାଟି ମରାମତି ହୋଇ ପାରିନାହିଁ। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନେବାରୁ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ପରେ ଯଥାଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି।

# ଗାଁ ରାସ୍ତାରେ ଜଳ ନିଷ୍କାସନ ସମସ୍ୟା

**ବାରିକପୁର, ୨୬।୭(ସମିସ):** ପ୍ରାୟ ୮/୧୦ ଦିନ ହେବ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। କେତେବେଳେ ଝିପିଝିପି ତ ପୁଣି କେତେବେଳେ ମଧ୍ୟମ ଧରଣର ବର୍ଷା ହେଉଛି। ଫଳରେ ବିଭିନ୍ନ ଗ୍ରାମ୍ୟ ରାସ୍ତା ଗୁଡିକରେ ଜଳ ନିଷ୍କାସନ ସମସ୍ୟା ଦେଖାଦେଇଛି। ବ୍ଲକର ସାରଣା, ବଡ ମାଳଦା, ଗିଲପଦୀ, ରାଢୋ, ନେରଡ଼ା, ବେଲପୋଖରୀ,ଭାଗଡା ପ୍ରମୁଖ ସ୍ଥାନରେ ଗ୍ରାମ୍ୟ ରାସ୍ତା ଗୁଡିକ ବୁଡି ଯାଉଛି। ଲଗାଣ ବର୍ଷା କାରଣରୁ ଦିନ ଦିନ ଧରି ଜଳ ନିଷ୍କାସନ ହୋଇ ପାରୁନାହିଁ। ଗ୍ରାମ୍ୟ ରାସ୍ତାକୁ ଲାଗି ରହିଥିବା ପୁରାତନ ପଥ ଗୁଡିକ ଜରାଜୀର୍ଣ୍ଣ ପାଲଟିଥିବା ବେଳେ ଆଉ କିଛି ଜାଗାରେ ଜଳ ନିଷ୍କାସନ ସ୍ଥାନ ଜବରଦଖଲ ମଧ୍ୟ ହୋଇଛି। ତେଣୁ ବର୍ଷା ପାଣି ରାସ୍ତାରୁ ସଠିକ ଭାବରେ ଗଡ଼ିବା ସମ୍ଭବ ହେଉନାହିଁ। ସ୍ଥାନେସ୍ଥାନେ ରାସ୍ତା ଉପରେ ଫୁଟେରୁ ଦୁଇଫୁଟ ଯାଏଁ ପାଣି ଜମି ଯାଉଛି। ଏହି ପାଣିରେ ସ୍ଥାନୀୟ ବାସିନ୍ଦା ମାନେ ଦିନ ରାତି ଯାତାୟତ କରୁଥିବା ବେଳେ ଥଣ୍ଡା ଜ୍ୱର ହେବା ଆଶଙ୍କା ଦେଖାଦେଇଛି। ଏପରିକି ଜଳ ବାହକ ରୋଗ ବ୍ୟାପିବା ସମ୍ଭାବନା ରହିଛି। ତେଣୁ ବର୍ଷା ସମୟରେ ଜଳ ନିଷ୍କାସନ ପଥ ଗୁଡିକୁ ସୁଗମ କରିବା ପାଇଁ ପ୍ରଶାସନ ନିକଟରେ ଦାବି ହୋଇଛି।



### ବେତନଟୀ ଡାକ୍ତରଖାନାକୁ ୮ଟି ପୁରସ୍କାର

# ସଫଳତା ସହ ବିପର୍ଯ୍ୟସ୍ତ ସେବାକୁ ନେଇ ଉଠିଲା ପ୍ରଶ୍ନ, ତଦନ୍ତ ଦାବି

ବେତନଟୀ,୨୬।୭(ସମିସ):

ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲା ସ୍ତରରେ ୮ଟି ପୁରସ୍କାର ପାଇଛି। ଗ୍ରାମାଞ୍ଚଳରେ ଟୀକାକରଣ, ପୁରୁଷ ଓ ସ୍ତ୍ରୀ ବନ୍ଧ୍ୟାକରଣ, "ଅନ୍ତରା' ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ବାରିପଦାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡାକ୍ତରଖାନାର ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ତେବେ ଗୋଟିଏ ପଟେ ଏହି ସଫଳତା ପାଇଁ ପ୍ରଶଂସାର ସୁଅ ଛୁଟୁଥିବାବେଳେ ଅନ୍ୟପଟେ ଡାକ୍ତରଖାନାର ଅନ୍ତରୀଣ ଅବ୍ୟବସ୍ଥା, ବିପର୍ଯ୍ୟସ୍ତ ସେବା ଓ ଅନିୟମିତତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ କରାଯିବାକୁ ଦାବି ହେଉଛି।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବାର ବ୍ୟାପକ ପ୍ରଚାର ପ୍ରସାର ଓ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ବେତନଟୀ ଡାକ୍ତରଖାନା ଅଗ୍ରଣୀ ସ୍ଥାନ ଅଧିକାର କରିଛି। ବିଶେଷକରି ପୁରୁଷ ବନ୍ଧ୍ୟାକରଣ ଓ ଗର୍ଭବତୀ ମହିଳାଙ୍କ "ଅନ୍ତରା' ଟୀକାକରଣ କ୍ଷେତ୍ରରେ ଏହି ଡାକ୍ତରଖାନା ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଛି। ଏହି ସଫଳତା ପାଇଁ ବାରିପଦାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ବେତନଟୀ ଡାକ୍ତରଖାନା ଅଧିକାରୀ ଡାକ୍ତର ସିପୁନ କୁମାର ପଣ୍ଡା, ଡା. ପ୍ରସନ୍ନ କୁମାର ପାତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ (ପିଏଚଇଓ) ମଞ୍ଜୁଶ୍ରୀ ଦାସ, ବିପିନ ବିହାରୀ ପଣ୍ଡା, ଚନ୍ଦ୍ରମୋହନ ଦାସ ଓ ଝୁମ୍ପମଣି ସାମନ୍ତରାୟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପ୍ରଦାନ ପରେ ଡାକ୍ତରଖାନାର ବାସ୍ତବ ସ୍ଥିତିକୁ ନେଇ ଏକାଧିକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଡାକ୍ତରଖାନାରେ ଉନ୍ନତମାନର ରକ୍ତ, ପରିସ୍ରା ଓ ଝାଡ଼ା ପରୀକ୍ଷା ମେସିନ୍ ଥିବା ସତ୍ତ୍ୱେ ରୋଗୀଙ୍କୁ ବାହାରୁ ପରୀକ୍ଷା କରି ଆଣିବାକୁ ପଠାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଏକ୍ସରେ ମେସିନ ଅଧିକାଂଶ ଦିନ ଖରାପ ରହୁଥିବା, ଭୁଲ୍ ରିପୋର୍ଟ ପ୍ରଦାନ କରାଯାଉଥିବା ରୋଗୀ ପ୍ରକାଶ କରିଛନ୍ତି। ଉଚ୍ଚକ୍ଷମତା ସମ୍ପନ୍ନ ଜେନେରେଟର ଓ ମାଳମାଳ ଇନଭର୍ଟର ଥାଇ ମଧ୍ୟ ସାମାନ୍ୟ ନେବୁଲାଇଜର ଚଳାଇବା ପାଇଁ ଆସ୍ଥମା ଓ ଶ୍ୱାସରୋଗୀଙ୍କୁ ଘଣ୍ଟା ଘଣ୍ଟା ଲାଇନ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଅତି ଆବଶ୍ୟକ ଔଷଧ ଅଭାବ ସହ ବେଳେ ବେଳେ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ନ ଦେଇ ସିଧାସଳଖ ବାରିପଦା କିମ୍ବା ବାଲେଶ୍ୱର ରେଫର କରାଯାଉଛି। ଏପରିକି ସିରିଞ୍ଜରେ ଆଗୁଆ ଔଷଧ ଲୋଡ୍ କରି ରଖାଯାଉଥିବା ଭଳି ସ୍ୱାସ୍ଥ୍ୟଗତ ନିୟମ ଉଲ୍ଲଂଘନ ଅଭିଯୋଗ ମଧ୍ୟ ଉଠିଛି। ଶବ ବ୍ୟବଚ୍ଛେଦ ଗୃହ ୩ ଥର ଉଦ୍‌ଘାଟିତ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ସେବା ସୁରୁଖୁରୁରେ ହୋଇପାରୁନାହିଁ। ଏଥିସହିତ ସ୍ଥାୟୀ ସୁଇପର ନଥିବାରୁ ପରିଷ୍କାର ପରିଚ୍ଛନ୍ନତା ପ୍ରଭାବିତ ହେଉଛି। ଅନେକ ସମୟରେ ଅସ୍ଥାୟୀ ସୁଇପର ରୋଗୀଙ୍କୁ ସାଲାଇନ୍ ଦେବା ଓ ଖୋଲୁଥିବା ମଧ୍ୟ ଦେଖାଯାଉଛି।

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଅଭିଯୋଗ ଅନୁଯାୟୀ, ବଡ଼ସାହି ଡାକ୍ତରଖାନାରୁ ଜଣେ ଡାକ୍ତରଙ୍କୁ ଡେପୁଟେସନରେ ଆଣି ପ୍ରାୟ ୬ ବର୍ଷ ହେବ ବେତନଟୀ ଡାକ୍ତରଖାନାର ଇନ୍‌ଚାର୍ଜ ଭାବେ ରଖାଯାଇଛି। ସେହିପରି ଏନ୍‌ଏଚଏମ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ପ୍ରାୟ ଦୀର୍ଘ ୫, ୬ ବର୍ଷ ଧରି ଗୋଟିଏ ସ୍ଥାନରେ ରହିଛନ୍ତି। ରୋଗୀ କଲ୍ୟାଣ ସମିତି (ଆରକେଏସ) ମିଟିଂ ନାମକୁ ମାତ୍ର କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ହରିଲୁଟ୍ ହେଉଥିବାବେଳେ ଏହାର ତଦନ୍ତ ନ କରି ପୁରସ୍କୃତ କରାଯିବା ଦ୍ୱାରା ଦୁର୍ନୀତିକୁ ପ୍ରୋତ୍ସାହନ ମିଳୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଗୋଟିଏ ପଟେ ସରକାରୀ କାଗଜପତ୍ର ଓ ଯୋଜନା ରୂପାୟନରେ ବେତନଟୀ ଡାକ୍ତରଖାନା ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଥିବାବେଳେ ଅନ୍ୟପଟେ ଦୈନନ୍ଦିନ ମୌଳିକ ଚିକିତ୍ସା ସେବାରେ ବ୍ୟାପକ ତ୍ରୁଟି ଦୃଶ୍ୟମାନ ହେଉଛି। ଏସବୁ ସମସ୍ୟାର ସରଜମିନ୍ ତଦନ୍ତ କରି ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବା ଓ ରୋଗୀଙ୍କୁ ସଠିକ୍ ସେବା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୧୩- ରୁଷ୍ ଓ ତୁର୍କୀ ଶାନ୍ତି ସନ୍ଧିରେ ସ୍ୱାକ୍ଷର କଲେ।
- ୧୮୯୭- ବାଲ୍ ଗଙ୍ଗାଧର ତିଳକଙ୍କୁ ପ୍ରଥମ ଥର ପାଇଁ ଗିରଫ କରାଗଲା।
- ୧୯୩୯- କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳର ସ୍ଥାପନା।
- ୧୯୮୭- ଟାଇଟାନିକ୍ ଜାହାଜର ପ୍ରଥମ ଥର ଧ୍ୱଂସାବଶେଷ ଠାବ କରାଗଲା।
- ୧୯୯୪- ଯଶପାଲ ରାଣା ସୁଟିଂ ଚାମ୍ପିୟନ୍‌ସିପ୍‌ରେ ସ୍ୱର୍ଣ୍ଣପଦକ ଜିତିଲେ।
- ୨୦୦୨- ୟୁକ୍ରେନ୍‌ରେ ଏକ ବିମାନ ଦୁର୍ଘଟଣାରେ ୭୦ ଲୋକଙ୍କ ପ୍ରାଣହାନି।

## ଚେହେରା ଲୁଚାଇଲେ ରଣବୀର



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର ସିଂହ 'ଧୂରନ୍ଧର ୨'ର ଜବରଦସ୍ତ ସଫଳତା ପରେ ଏବେ ବକ୍ସ ଅଫିସ୍‌କୁ ପୁଣି ଏକ ବ୍ଲକ୍‌ବଷ୍ଟର୍ ଫିଲ୍ମ ଦେବା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ରଣବୀର ଏବେ ତାଙ୍କ ଆଗାମୀ ଫିଲ୍ମ 'ପ୍ରଳୟ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ଫିଲ୍ମ ନିର୍ମାତା ହଂସଲ ମେହେଟ୍ଟାଙ୍କ ଅଫିସ୍ ବାହାରେ ଦେଖା ଯାଇଥିଲେ। ଏହିସମୟରେ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ କ୍ୟାପ୍ ପିନ୍ଧି ନିଜର ନୂଆ ଲୁକ୍‌କୁ ଲୁଚାଇ ରଖିବାକୁ ଚେଷ୍ଟା କରିଥିଲେ। ରଣବୀର 'ପ୍ରଳୟ' ଫିଲ୍ମ ପାଇଁ ଏକ ନୂଆ ଲୁକ୍ ଆପଣାଉଛନ୍ତି, ଯାହାକୁ ସେ ଫିଲ୍ମର ଅଫିସିଆଲ୍ ଘୋଷଣା ପୂର୍ବରୁ ଲୋକଲୋଚନକୁ ଆଣିବାକୁ ଚାହୁଁ ନାହାନ୍ତି। ସେଥିପାଇଁ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ ମୁଣ୍ଡରେ କ୍ୟାପ୍ ପିନ୍ଧି ମୁହଁକୁ ଗଣମାଧ୍ୟମଠାରୁ ଲୁଚାଉଥିବା ଚର୍ଚ୍ଚା ହେଉଛି। ସେ ଅଗଷ୍ଟରୁ 'ପ୍ରଳୟ'ର ସୁଟିଂ ଆରମ୍ଭ କରିବେ। ଫିଲ୍ମର ସୁଟିଂ ଦୀପାବଳି ପର୍ଯ୍ୟନ୍ତ ଚାଲିବ। ଏହି ଫିଲ୍ମର ଏକ ବଡ଼ ଅଂଶର ସୁଟିଂ ଅଷ୍ଟ୍ରେଲିଆରେ କରାଯିବ। ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ଏଥିରେ ରଣବୀରଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହା ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ ମଧ୍ୟ ହେବ। ଫିଲ୍ମର ବଜେଟ୍ ରହିଛି ୩୦୦ କୋଟି। ଏହା ରଣବୀରଙ୍କ କ୍ୟାରିୟରର ସବୁଠାରୁ ବ୍ୟୟବହୁଳ ସୋଲୋ ଫିଲ୍ମ ହେବାକୁ ଯାଉଛି। ବିଶେଷ କଥା ହେଉଛି, ରଣବୀର ଏହି ଫିଲ୍ମକୁ ନିଜ ପ୍ରଡକ୍ସନ ହାଉସ୍ ଅଧୀନରେ କୋ-ପ୍ରଡ୍ୟୁସ ମଧ୍ୟ କରୁଛନ୍ତି।

## ରସଗୋଲା ଦିବସ



ଆଜି ରସଗୋଲା ଦିବସ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ଅବସରରେ ଏହି ଦିନ ପାଳନ କରାଯାଏ। ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଫେରି ଶ୍ରୀମନ୍ଦିରକୁ ବିଜେ କରନ୍ତି। ଏହି ତିଥିରେ ପୁରୀ ବଡ଼ଦେଉଳର ଜୟ ବିଜୟ ଦ୍ୱାରରେ ମହାଲକ୍ଷ୍ମୀଙ୍କ କ୍ରୋଧ ଭାଙ୍ଗିବା ପାଇଁ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ରସଗୋଲା ଅର୍ପଣ କରାଯାଏ। ତା' ପରେ ଠାକୁରମାନେ ମନ୍ଦିରରେ ପ୍ରବେଶ କରନ୍ତି। ଦ୍ୱାଦଶ ଶତାବ୍ଦୀରୁ ନୀଳାଦ୍ରି ବିଜେ ସମୟରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଭେଟି ପରମ୍ପରା ଚାଲି ଆସୁଛି ବୋଲି ଐତିହାସିକ ଓ ଗବେଷକମାନେ ମତ ଦିଅନ୍ତି। ଏହି ପରମ୍ପରା ଓଡ଼ିଆ ସଂସ୍କୃତିରେ ରସଗୋଲାର ମହତ୍ତ୍ୱକୁ ଦର୍ଶାଏ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରସାର ପ୍ରଚାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରି ବିଜେ ଦିନ ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲା। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାରେ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶା ପକ୍ଷରୁ ତଥ୍ୟ ପ୍ରମାଣ ସହ ରସଗୋଲାର ଉତ୍ପତ୍ତି ଓଡ଼ିଶାରୁ ବୋଲି ସ୍ପଷ୍ଟ କରାଯାଇଥିଲା। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା। ବିକଳାନନ୍ଦ କରଙ୍କ ସାଲେପୁର ରସଗୋଲା ଓ ପାହାଳରେ ପ୍ରସ୍ତୁତ ରସଗୋଲା ଦେଶ ତଥା ବିଦେଶରେ ବି ପରିଚିତ। ରସଗୋଲା ଦିବସ ପାଇଁ ପାହାଳ ଓ ସାଲେପୁରରେ ପ୍ରବଳ ଭିଡ଼ ଜମେ। ମିଠା ବ୍ୟବସାୟୀମାନେ ବିଭିନ୍ନ ଆକାରର ଏବଂ ନୂଆ ନୂଆ ସ୍ୱାଦର ରସଗୋଲା ପ୍ରସ୍ତୁତ କରିଥାନ୍ତି। ପାହାଳ ରସଗୋଲା ଆକାରରେ ସାମାନ୍ୟ ଛୋଟ, ଅତି ନରମ ଏବଂ ଏହାକୁ ସାରା ଦିନ ଗରମ ସିରାରେ ରଖାଯାଇଥାଏ। ଏହାକୁ ତତଲା ଖାଇବାକୁ ଲୋକେ ପସନ୍ଦ କରନ୍ତି। ସେହିପରି ସାଲେପୁର ରସଗୋଲା ଆକାରରେ ବଡ଼ ଏବଂ ସାମାନ୍ୟ ଶକ୍ତ ହୋଇଥାଏ। ଏହାର ସ୍ୱାଦ ଦୀର୍ଘ ଦିନ ପର୍ଯ୍ୟନ୍ତ ଖରାପ ହୁଏନାହିଁ ଏବଂ ଏହାକୁ ପ୍ୟାକେଟ୍ କରି ବାହାରକୁ ପଠାଯାଏ।

## ଆଜି ବାହୁଡ଼ିଥିଲେ

### ମିସାଇଲ୍ ମ୍ୟାନ୍ ଏପିଜେ ଅବଦୁଲ କଲାମ



ଭାରତର ପୂର୍ବତନ ଲୋକପ୍ରିୟ ରାଷ୍ଟ୍ରପତି ତଥା 'ମିସାଇଲ୍ ମ୍ୟାନ୍' ଭାବେ ପରିଚିତ ଏପିଜେ ଅବଦୁଲ କଲାମଙ୍କର ଆଜି ପୁଣ୍ୟତିଥି। ଭାରତରେ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସଫଳତାର ଶିଖରରେ ପହଞ୍ଚାଇଥିବା ବ୍ୟକ୍ତି ହେଉଛନ୍ତି କଲାମ। ଏପରିକି ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାମିଲନାଡୁର ରାମେଶ୍ୱରମ୍‌ରେ ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ସେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ସଂଘର୍ଷରେ ଜୀବନ ଅତିବାହିତ କରିଥିବା କଲାମ ପରବର୍ତ୍ତୀ ସମୟରେ ଭାରତୀୟ ବିଜ୍ଞାନ ଜଗତର ମହାନାୟକ ପାଲଟି ଯାଇଥିଲେ। ସେ ତିରୁଚିଲାପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ୧୯୬୦ରେ ମାଡ୍ରାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ମହାକାଶ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଡିଆରଡିଓରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ୧୯୬୯ରେ ସେ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ ବା ଇସ୍ରୋକୁ ବଦଳି ହୋଇଯାଇଥିଲେ। ସେବେଠୁ ସେ ରଚି ଚାଲିଲେ ଗୋଟିଏ ପରେ ଗୋଟିଏ ଇତିହାସ। ୧୯୯୮ ଐତିହାସିକ ପୋଖରାନ୍ ଆଣବିକ ବୋମା ପରୀକ୍ଷଣର ସେ ଥିଲେ ମୁଖ୍ୟ ପୁରୋଧା। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ଅଗ୍ନି, ତ୍ରିଶୂଳ, ପୃଥ୍ୱୀ, ଆକାଶ, ଓ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତର ଏକାଦଶ ରାଷ୍ଟ୍ରପତି ଥିଲେ। ରାଷ୍ଟ୍ରପତି ହେବା ପରେ ମଧ୍ୟ ସେହିଭଳି ସାଧାରଣ ଜୀବନଯାପନ କରୁଥିଲେ କଲାମ। ସଭାସମିତିରେ ଚାକଚକ୍ୟ ଆସନ ଅଳଙ୍କୃତ କରିବା ତ ଦୂରର କଥା, କାହାରିଠାରୁ ଫୁଲତୋଡ଼ାଟିଏ ଗ୍ରହଣ କରିବାକୁ ସେ କୁଣ୍ଠାବୋଧ ପ୍ରକାଶ କରୁଥିଲେ। ଏହି ସମୟ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ବିଜ୍ଞାନକୁ ଅତି ସରଳ ଭାବେ ଛାତ୍ରମାନଙ୍କୁ ବୁଝାଇ ସେମାନଙ୍କ ସହ ସମୟ ଅତିବାହିତ କରୁଥିଲେ। କଲାମ ତାଙ୍କ ଜୀବନ କାଳରେ ଅନେକ ପୁସ୍ତକ ମଧ୍ୟ ଲେଖିଛନ୍ତି। ତାଙ୍କ ଆତ୍ମଜୀବନୀ 'ୱିଙ୍ଗସ୍ ଅଫ୍ ଫାୟାର୍', 'ଭିଜନ୍ ୨୦୨୦', 'ଇଗ୍‌ନାଇଟେଡ୍ ମାଇଣ୍ଡସ୍' ଆଦି ପୁସ୍ତକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ୧୯୮୧ରେ ଭାରତ ସରକାର ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ। ୧୯୯୦ରେ ତାଙ୍କୁ ପ୍ରଦାନ କରାଯାଇଥିଲା ପଦ୍ମ ବିଭୂଷଣ। ୪୦ ଗୋଟି ବିଶ୍ୱବିଦ୍ୟାଳୟରୁ ସେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଥିଲେ। ୨୦୧୫ ଆଜିର ଦିନରେ ସିଲଂର ଆଇଆଇଏମ୍ ଇନଷ୍ଟିଚ୍ୟୁଟ୍‌ରେ ଭାଷଣ ଦେଉଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଆସ୍ଥା

### କେଉଁ ଅଙ୍ଗୁଳି ପାଇଁ କେଉଁ ଗ୍ରହ ମୁଦି

**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ଅଙ୍ଗୁଳିର ସମ୍ବନ୍ଧ କୌଣସି ଗ୍ରହ ସହିତ ସମ୍ବନ୍ଧିତ। ଏଣୁ କୌଣସି ଗ୍ରହର ମୁଦି ବା ଧାତୁ ଧାରଣ କରିବା ବେଳେ ଠିକ୍ ଅଙ୍ଗୁଳିରେ ପିନ୍ଧିବା ଉଚିତ।**



**ତର୍ଜନୀ:** ସୁନା ମୁଦି ତର୍ଜନୀ ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହା ସୂର୍ଯ୍ୟ ଗ୍ରହ ସହିତ ସମ୍ବନ୍ଧିତ। ଆତ୍ମବିଶ୍ୱାସ, ନେତୃତ୍ୱ ନେବାର କ୍ଷମତା, ସମ୍ମାନ ସହିତ ଏହା ଜଡ଼ିତ ବୋଲି ବିବେଚନା କରାଯାଏ।

**ମଧ୍ୟମା:** ଲୁହା ମୁଦି ଶନି ଗ୍ରହ ସହିତ ସମ୍ବନ୍ଧିତ। ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋତିର୍ବିଦ୍‌ଙ୍କ ପରାମର୍ଶ ନେବା ଉଚିତ। ଏହାକୁ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଭଲ।

**ଅନାମିକା:** ତମ୍ବା ବା ସୁନା ସୂର୍ଯ୍ୟ ଗ୍ରହ ସହିତ ଜଡ଼ିତ। ଏହା ଯଶ, ପ୍ରତିଷ୍ଠା ଏବଂ ସକାରାତ୍ମକ ଶକ୍ତିର ପ୍ରତୀକ। ଅନାମିକା ଅଙ୍ଗୁଳିରେ ଏହାକୁ ଧାରଣ କରିବା ଭଲ।

**କନିଷ୍ଠା:** ରୂପା ମୁଦି ବୁଧ ଗ୍ରହ ସହିତ ଜଡ଼ିତ। ବାଣୀ, ବୁଦ୍ଧି, ସଂଚାର କୌଶଳ ସହିତ ଏହା ଜଡ଼ିତ। ଉକ୍ତ ମୁଦିକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଭଲ।

**ବୁଢ଼ା ଅଙ୍ଗୁଳି:** ଶୁକ୍ର ଗ୍ରହ ସହିତ ରୂପା ଜଡ଼ିତ। ଆକର୍ଷଣ, ସୃଜନଶୀଳତା ଏବଂ ସୌନ୍ଦର୍ଯ୍ୟର ଏହା ପ୍ରତୀକ। ଏହାକୁ ବୁଢ଼ା ଅଙ୍ଗୁଳିରେ ପିନ୍ଧିବା ଉଚିତ।

## ନୀଳାଦ୍ରି ବିଜେ



**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ମହାପ୍ରଭୁ ରତ୍ନବେଦୀକୁ ବାହୁଡ଼ିବେ। ତିନି ଠାକୁର ରତ୍ନ ସିଂହାସନରେ ବିଜେ କରିବେ। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନୀଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**

ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପର ଭେଟ ହୋଇଥାନ୍ତି। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ରଥଯାତ୍ରାରେ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ମହାପ୍ରଭୁ ତାଙ୍କ ମାନଭଞ୍ଜନ କରନ୍ତି। ତେଣୁ ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।

ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ୍ୟ ପାଳନ କରାଯାଏ।

## ଗୁରୁ ମନ୍ତ୍ରର ମହତ୍ତ୍ୱ




ଗୁରୁ-ଶିଷ୍ୟ ସମ୍ପର୍କର ଏକ ନିଆରା ଉତ୍ସବ ହେଉଛି ଗୁରୁ ପୂର୍ଣ୍ଣିମା। ଜୁଲାଇ ୨୯ ତାରିଖରେ ଏହାକୁ ପାଳନ କରାଯିବ। ଗୁରୁ ପୂର୍ଣ୍ଣିମା ଭଳି ଏକ ଶୁଭ ଅବସରରେ ଶିଷ୍ୟ ନିଜ ଗୁରୁଙ୍କ ପୂଜା କରି କୃତଜ୍ଞତା ଜ୍ଞାପନ କରନ୍ତି। ଏହାସହ ଏହି ଅବସରରେ ବହୁ ସଂଖ୍ୟକ ଲୋକ ଗୁରୁ ମନ୍ତ୍ର ନିଅନ୍ତି।

- ଗୁରୁ ମନ୍ତ୍ର ଦେବାର ବିଶେଷ ବିଧି ଅଛି। ଶିଷ୍ୟଙ୍କୁ ଗୁରୁ ମନ୍ତ୍ର ସହ ଜଡ଼ିତ ନିୟମକୁ ପାଳନ କରିବାକୁ ପଡ଼ିଥାଏ। ସେହିପରି ଗୁରୁ ଆଜ୍ଞା ସବୁବେଳେ ପାଳନ କରିବାକୁ ପଡ଼ିଥାଏ। ଯେଉଁ ବ୍ୟକ୍ତି ଗୁରୁଙ୍କ ଆଦେଶରେ ଜୀବନ ଅତିବାହିତ କରନ୍ତି, ଭଲ ଆଚରଣ ଏବଂ ଭଗବାନଙ୍କ ଭକ୍ତି କରନ୍ତି, ତାଙ୍କ ଜୀବନ ସଫଳ ହୁଏ।
- ଗୁରୁ ଯେତେବେଳେ ନିଜ ଶିଷ୍ୟଙ୍କୁ ଦୀକ୍ଷା ଦିଅନ୍ତି, କାନରେ ମନ୍ତ୍ର କୁହନ୍ତି। ହିନ୍ଦୁ ଧର୍ମରେ ଶରୀରର ଡାହାଣ ଭାଗକୁ ଅଧିକ ପବିତ୍ର ବୋଲି କୁହାଯାଏ। ତେଣୁ ଗୁରୁ ଶିଷ୍ୟର ଡାହାଣ କାନରେ ମନ୍ତ୍ର କହନ୍ତି। ମନ୍ତ୍ରକୁ ଧୀରେ ଧୀରେ କାନରେ କହିବା ପଛରେ କାରଣ ଅଛି। ଏହି ପ୍ରକ୍ରିୟା ଯେଭଳି ଗୁପ୍ତ ଓ ଏହାର ପ୍ରଭାବ ଅଧିକ ରହିବ। ମନ୍ତ୍ରର ଶକ୍ତି କେବଳ ଗୁରୁ ଓ ଶିଷ୍ୟ ପର୍ଯ୍ୟନ୍ତ ହିଁ ସୀମିତ ରହିବା ଉଚିତ।
- ସେହିପରି ଗୁରୁ ଶିଷ୍ୟଙ୍କ କାନରେ ମନ୍ତ୍ର କହୁଥିବା ବେଳେ ଶିଷ୍ୟ ମଧ୍ୟ ଏହାକୁ ସବୁଦିନ ପାଇଁ ନିଜ ଭିତରେ ହିଁ ସୀମିତ ରଖନ୍ତି। ଏହାର ଅର୍ଥ ଗୁରୁ ମନ୍ତ୍ର କାହାକୁ କୁହାଯାଏ ନାହିଁ। କୁହାଯାଏ ମନ୍ତ୍ର ଅନ୍ୟ କାହାରିକୁ କହିବା ଦ୍ୱାରା ଏହାର ଶକ୍ତି କମ୍ ହୋଇଯାଏ। ଶିଷ୍ୟର ମନ୍ତ୍ର ଜପକୁ ନେଇ ଏକାଗ୍ରତା କମ୍ ହୋଇଯାଏ। ଏହା ଦ୍ୱାରା ଗୁରୁ ମନ୍ତ୍ରର ଲାଭ ପ୍ରାପ୍ତ ହୁଏ ନାହିଁ।
- ଧାର୍ମିକ ମାନ୍ୟତାନୁସାରେ, ଗୁରୁ ମନ୍ତ୍ର ସାଧକଙ୍କୁ ଆଧ୍ୟାତ୍ମିକ ଅନୁଶାସନ, ଏକାଗ୍ରତା, ଆତ୍ମଚିନ୍ତନର ମାର୍ଗ ଦେଖାଏ। ଗୁରୁ ମାର୍ଗଦର୍ଶନରେ ନିୟମିତ ମନ୍ତ୍ର ଜପ କରିବା ଦ୍ୱାରା ସାଧକ ମନ ଶାନ୍ତ ରହେ। ତା'ସହ ସେ ନିଜ ଇଷ୍ଟଙ୍କ ପ୍ରତି ଭକ୍ତି ଓ ସାଧନାରେ ଅଧିକ ଏକାଗ୍ର ହୋଇପାରେ। ଅବଶ୍ୟ ଗୁରୁ ମନ୍ତ୍ର ଓ ସାଧନା ସହିତ ଜଡ଼ିତ ନିୟମ ଅଲଗା ଅଲଗା ସଂପ୍ରଦାୟ ଏବଂ ଗୁରୁ ପରମ୍ପରାରେ ଅଲଗା ହୋଇପାରେ।

## ଚତୁର୍ମାସରେ ବିଷ୍ଣୁ ପୂଜାର ନିୟମ

ହରିଶୟନ ଏକାଦଶୀରୁ ଆରମ୍ଭ ହୋଇଛି ଚତୁର୍ମାସ। ଏହା ଚାରିମାସ ଧରି ବଳବତ୍ତର ରହିବ। କାଳ ଅଶୁଦ୍ଧି ହେତୁ ଏହି ସମୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ପାଇଁ ବାରଣ କରାଯାଇଥାଏ। ଚତୁର୍ମାସରେ ସୃଷ୍ଟିର ପାଳନ କର୍ତ୍ତା ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥାନ୍ତି। ଏହି ସମୟରେ ବିଷ୍ଣୁଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ମନୋକାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମାସରେ କିଭଳି ପୂଜା ନିୟମ ପାଳନ କରିବା ଦରକାର, ସେ ସମ୍ପର୍କରେ ଜାଣିବା।



- ଏହି ମାସରେ ଭଗବାନ ବିଷ୍ଣୁଙ୍କୁ ଦୀପଦାନ ଏବଂ ଧ୍ୱଜା ଦାନ କରିବା ଉଚିତ।
- ଗାଈଙ୍କୁ ଘାସ ଖାଇବାକୁ ଦେବା ଉତ୍ତମ।
- ଚତୁର୍ମାସରେ କରାଯାଉଥିବା ପୂଜାପାଠ ଅନ୍ୟ ସମୟ ତୁଳନାରେ ୧୦ ଗୁଣ ଅଧିକ ଫଳଦାୟୀ ହୋଇଥାଏ।
- ଶାଳଗ୍ରାମ ପାଖରେ ଘିଅ ଦୀପ ଜାଳିଲେ ଶ୍ରୀହରିଙ୍କ କୃପା ଦୃଷ୍ଟି ପଡ଼ିଥାଏ।
- ଏହି ମାସରେ ଶ୍ରୀମଦ୍ ଭଗବତ ଗୀତା ଏବଂ ବିଷ୍ଣୁ ସହସ୍ରନାମ ପାଠ, ଶ୍ରୀ ରାମକଥା ବଚନ ପଢ଼ିବା ଉଚିତ।
- ଏହି ମାସରେ ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାରକୁ ପୂଜା କରାଯାଏ। ଏହି ରୂପକୁ ଆରାଧନା କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିବା ସହ ବୈକୁଣ୍ଠ ପ୍ରାପ୍ତି ହୁଏ।
- ଚତୁର୍ମାସରେ ଭଗବାନ ବିଷ୍ଣୁଙ୍କ ସହ ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଧନ ଆଗମନ ହୁଏ।
- ଦକ୍ଷିଣାବର୍ତ୍ତୀ ଶଙ୍ଖରେ ଅଭିଷେକ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି।

# ଭାରତକୁ ଡବଲ୍ ବିଶ୍ୱକପ୍ ଯୋଗ୍ୟତା

**ୟୁଥ୍ ୫-ଏ ସାଇଡ୍ ହକି**

ମସ୍କାଟ,୨୬।୭ (ଏଜେନ୍ସି): ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରି ଭାରତୀୟ ବାଳକ ଦଳ ଏଠାରେ ଅନୁଷ୍ଠିତ ଏସୀୟ ୟୁଥ୍ ୫-ଏ ସାଇଡ୍ ହକିରେ ଚାମ୍ପିଅନ ହୋଇଛି। ସେହିପରି ବାଳିକା ବିଭାଗରେ ଚୀନ୍‌ଠାରୁ ୨-୪ ଗୋଲରେ ପରାଜିତ ହୋଇ ବାଳିକା ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଫଳରେ ଭାରତର ଉଭୟ ଦଳ ଏଫ୍‌ଆଇଏଚ୍ ୟୁଥ୍ ୫-ଏ ସାଇଡ୍ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ବିଜୟ ଫଳରେ ହକି ଇଣ୍ଡିଆ ପକ୍ଷରୁ ସ୍ୱର୍ଣ୍ଣ ବିଜେତା ବାଳକ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଲେଖାଏଁ, ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଲେଖାଏଁ, ରନର୍ସଅପ୍ ବାଳିକା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧ ଲକ୍ଷ ଲେଖାଏଁ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫୦ ହଜାର ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ଭାରତର ଉଭୟ ଦଳକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

# ମାଷ୍ଟର ଶକ୍ତିଉତ୍ତୋଳକଙ୍କୁ ୫ ପଦକ

ଭୁବନେଶ୍ୱର, ୨୬।୭ (ସମିସ): ମହାରାଷ୍ଟ୍ରରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ମାଷ୍ଟରମାନେ ୫ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାଷ୍ଟର-୨'ରେ କୃଷ୍ଣଚନ୍ଦ୍ର ସାହୁ ରୌପ୍ୟ, ଉମାକାନ୍ତ ବେହେରା, ମୋହନ ନାଗ, ବାବୁଲା ସାମଲ ଓ ବିଟିଭି ରମଣମୂର୍ତ୍ତିକାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ବେଂଚ୍‌ପ୍ରେସ୍‌ରେ ମହିଳାମାନେ ଦମ୍‌ଦେଖାଇ କାଂସ୍ୟ ବିଜୟରେ ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ମଧ୍ୟରେ ରୀତା ଘୋଷ, ପ୍ରତିମା ରଥ, ଗୀତାଞ୍ଜଳି ନାୟକ ଓ ମୌସୁମୀ ଟକରି କାଂସ୍ୟ ପଦକ ନେଇ ଫେରିଥିଲେ। ରାକେଶ ଶତପଥୀଙ୍କ ପ୍ରଶିକ୍ଷଣ ଏମାନଙ୍କୁ ପଦକ ଜିତାଇବାରେ ସହାୟତା କରିଥିଲା। ଏହି ସଫଳ ପ୍ରତିଯୋଗୀଙ୍କୁ ଡଃ ହରିପ୍ରସାଦ ପଟ୍ଟନାୟକ, ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି ଓ ପ୍ରଦୀପ ପାତ୍ର ଅଭିନନ୍ଦନ ଜଣାଇଛନ୍ତି।

# କେଭି ଜାତୀୟ ସୁଟିଂରେ ସତ୍ୟମ୍‌ଙ୍କୁ ରୌପ୍ୟ



ଭୁବନେଶ୍ୱର,୨୬।୭ (ସମିସ): ପଞ୍ଜାବର ଫଗୱାରାଠାରେ ଶେଷ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୫୫ତମ ବାର୍ଷିକଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩'ର ୮ମ ଶ୍ରେଣୀ ଛାତ୍ର ସତ୍ୟମ ବିଷୋୟୀ ୧୦ ମିଟର ଏୟାର ରାଇଫଲ ପିପ୍ ସାଇଟ୍ ଇଭେଣ୍ଟର ୧୭ ବର୍ଷରୁ କମ୍ ବାଳକ ବିଭାଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ସତ୍ୟମଙ୍କ ନିଜ ଘର ବେଗୁନିଆରେ। ତାଙ୍କର ଏହି ସଫଳତା ଲାଗି କେଭି-୩'ର ପ୍ରିନ୍ସିପାଲ, ଶିକ୍ଷକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ବାହୁକୁସ୍ତି ସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ବାହୁକୁସ୍ତି ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ ରାଜ ସଭାପତି ଓ ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଶର୍ମା, ଉପସଭାପତି ଭାବେ ସୁଶାନ୍ତ କୁମାର ପାତ୍ର ଓ ସଞ୍ଜୀବ କୁମାର ଚିନାରା, ଯୁଗ୍ମ ସମ୍ପାଦକ ସାଗର ନାୟକ ଓ ଗୌରାଙ୍ଗ ପାତ୍ର, ସହସମ୍ପାଦକ ଭାବେ ଶଶିକାନ୍ତ ଜେନା ଓ କୋଷାଧ୍ୟକ୍ଷ ଭାବେ ଗୋପାଳଚନ୍ଦ୍ର ନାୟକ ଆସନ୍ତା ୪ ବର୍ଷ ଲାଗି ମନୋନୀତ ହୋଇଛନ୍ତି।



FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ରେକର୍ଡ ସହ ଋଷିକାନ୍ତଙ୍କୁ ରୌପ୍ୟ

ଗ୍ଲାସ୍‌ଗୋ,୨୬।୭ (ଏଜେନ୍ସି)

ଋଷିକାନ୍ତ ସିଂ ଏଠାରେ ଚାଲିଥିବା ୨୩ତମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତ ଲାଗି ପ୍ରଥମ ରୌପ୍ୟ ଓ ମୋଟ ଉପରେ ଦ୍ୱିତୀୟ ପଦକ



ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ୬୦ କିଲୋଗ୍ରାମ ଭାରୋତ୍ତୋଳନରେ ଋଷିକାନ୍ତ ସ୍ନାଚ୍‌ରେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିବା ପରେ ଓଭରଅଲ ପୋଜିସନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ପାରା ଭାରୋତ୍ତୋଳନରେ ଝାଣ୍ଟୁ କୁମାର ପ୍ରଥମ ପଦକ ଭାବେ କାଂସ୍ୟ ହାସଲ କରିଥିଲେ। ରବିବାର ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନିରାଶାଜନକ ହୋଇଥିଲାବେଳେ ଋଷିକାନ୍ତଙ୍କ ରେକର୍ଡ ଓ ଶ୍ରୀହରି ନଟରାଜଙ୍କ ନେତୃତ୍ୱରେ ଭାରତର ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ରିଲେ ଟିମ୍ ଫାଇନାଲରେ ପ୍ରବେଶ କରିବା ଉଲ୍ଲେଖନୀୟ ହୋଇଥିଲା।

ପୂର୍ବରୁ ପୁରୁଷ ୬୦ କିଲୋଗ୍ରାମ୍ ଶ୍ରେଣୀର ଫାଇନାଲରେ ଋଷିକାନ୍ତ ସିଂ ସ୍ନାଚ୍‌ର ତୃତୀୟ ପ୍ରୟାସରେ ୧୨୧ କେଜି ଓଜନ ଉଠାଇ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଥିଲେ। ଏହି ପ୍ରଦର୍ଶନ ପରେ ସେ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଚାଲିଆସିଥିଲେ। ପ୍ରଥମ ସ୍ଥାନରେ ଥିବା ମାଲେସିଆର ମହମ୍ମଦ୍ ଅନିକ୍ ବିନ୍ କାସଦନ ଓ ଋଷିକାନ୍ତଙ୍କ ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ଜୋରଦାର ଲଢ଼େଇ ହୋଇଥିଲା। ଏଥିରେ ପ୍ରଥମ ଆଟେମ୍ପଟରେ ଋଷିକାନ୍ତ ୧୪୩ କେଜି ଓଜନ ଉଠାଇଥିଲେ ଅନ୍ୟ ଦୁଇଟିରେ ଫେଲ ମାରିଥିଲେ। ଅନ୍ୟ ପକ୍ଷରେ ଦ୍ୱିତୀୟ ଆଟେମ୍ପଟରେ ଅନିକ୍ ୧୪୫ କେଜି ଓଜନ ଉଠାଇ ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ଉଭୟ ସ୍ନାଚ୍‌ରେ ୧୨୧ କେଜି ଓଜନ ଉଠାଇ ରେକର୍ଡ କରିଥିଲାବେଳେ ଅନିକ୍ ମୋଟରେ ୨୬୬ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଓ ଋଷିକାନ୍ତ ୨୬୪ କେଜି ଓଜନ ଉଠାଇ ରୌପ୍ୟ ପଦକ ଜିତିଥିଲେ।

## ନିରାଶ କଲେ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ

ଯେଉଁ ସୁବିଧା ଭାରତରେ ନାହିଁ ତାହା ଓଡ଼ିଶା ଯୋଗାଇଲା। କଳିଙ୍ଗ ଷ୍ଟାଡିୟମ୍‌ରେ ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ଆପାରଟସ ଓ ଶ୍ରେଷ୍ଠ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦେଇ ଟ୍ରେନିଂ ଦିଆଗଲା। କିନ୍ତୁ ଫଳ ପୂର୍ବରୁ ଯାହା ଥିଲା, ସେତିକିରେ ଅଟକିଗଲା। ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅନୁଷ୍ଠିତ ଆର୍ଟିଷ୍ଟିକ୍ ଟିମ୍ ଇଭେଣ୍ଟରେ ଭାରତ ୧୨୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଗଲା। ଯେଉଁ ଦେଶରେ ଏହି କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଏ ନାହିଁ ଯଥା ୱେଲ୍ସ, ସ୍କଟଲାଣ୍ଡ ଓ ସିଙ୍ଗାପୁର ପ୍ରଥମ ୩ଟି ସ୍ଥାନରେ ରହିଲେ। ବ୍ୟକ୍ତିଗତ ଭଲ୍ଟ ଇଭେଣ୍ଟରେ ମହିଳା ଜିମ୍ନାଷ୍ଟ ପ୍ରତିଷ୍ଠା ସାମନ୍ତ ତୃତୀୟ ସ୍ଥାନ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ କଳିଙ୍ଗରେ ଓଡ଼ିଶାର କନ୍ୟା ଭାବେ କିଛି ଓଡ଼ିଆ ଦାବି କରୁଥିବା ବେଙ୍ଗଲର ପ୍ରଣତି ନାୟକ ୭ମ ସ୍ଥାନରେ ରହିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଏମାନଙ୍କ ଭାଗ୍ୟ ନିର୍ଣ୍ଣିତ ହେବ। ଓଡ଼ିଶାର ତପନ ମହାନ୍ତି ମଧ୍ୟ ଆଜି ଇଣ୍ଡିଭିଜୁଆଲ ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି।

## ସନ୍ତରଣ ରିଲେ ଟିମ୍‌ର ଦମ୍‌ଦାର ପ୍ରଦର୍ଶନ

ଭାରତୀୟ ସନ୍ତରଣ ଦଳ ପୁରୁଷ ୪ ଗୁଣା ୨୦୦ ଫ୍ରିଷ୍ଟାଇଲ ରିଲେ ଟିମ୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଦମ୍‌ଦାର ପ୍ରଦର୍ଶନ କରିଛି। ଶ୍ରୀହରି ନଟରାଜ, ଆର୍ଯ୍ୟନ ନେହେରା, ଅନୀସ ଗୌଡ ଓ ଦକ୍ଷନ ଶଶିକୁମାର ଏହି ରିଲେ ଟିମ୍‌ର ସଦସ୍ୟ ରହିଥିଲେ। ଆଜି ଅନୁଷ୍ଠିତ ଦ୍ୱିତୀୟ ହିଟ୍‌ସରେ ଭାରତୀୟ ରିଲେ ଟିମ୍ ୭.୩୯.୪୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଫଳରେ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ରବିବାର ବିଳମ୍ବିତ ରାତିରେ ହେବାକୁ ଥିବା ଫାଇନାଲରେ ଏହି ରିଲେ ଟିମ୍ ଭଲ ପ୍ରଦର୍ଶନ କରିବ ବୋଲି ଭାରତୀୟ ଦଳ ଆଶା ରଖିଛି।

**ଜିମ୍ବାୱେର ହ୍ୟାଟ୍ରିକ ପରାଜୟ**

# ଭାରତର ସିରିଜ କ୍ଲିନ୍‌ସୁଇପ୍

ହରାରେ, ୨୬।୭ (ଏଜେନ୍ସି)

ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚରେ ଭାରତ ୩୫ ରନରେ ଘରୋଇ ଜିମ୍ବାୱେକୁ ହରାଇଦେଇଛି। ଫଳରେ ତିନି ମ୍ୟାଚବିଶିଷ୍ଟ ସିରିଜକୁ ଶ୍ରେୟସ ଆୟରଙ୍କ ଦଳ ୩-୦ରେ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଭାରତ ଯଥାକ୍ରମେ ୭ ୱିକେଟ୍ ଓ ୯୦ ରନରେ ବିଜୟୀ ହୋଇଥିଲା। ଭାରତ ଏବେ ଶ୍ରୀଲଙ୍କା ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଅଗଷ୍ଟ ୧୫ରୁ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।



### ସୂର୍ଯ୍ୟବଂଶୀଙ୍କ ଦ୍ୱିତୀୟ ଅର୍ଦ୍ଧଶତକ

ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତୀୟ ଦଳ ୫ ୱିକେଟରେ ୧୯୨ ରନର ବିଶାଳ ସ୍କୋର କରିଥିଲା। ସିରିଜରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶର ୪୯ ବଲରେ ୮୧ ରନ (୮ ଚୌକା ଓ ୪ ଛକା)ର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୨୯, ଅଧିନାୟକ ଶ୍ରେୟସ ଆୟର ୨୭, ରିଙ୍କୁ ସିଂ ୨୫, ତିଲକ ବର୍ମା ୧୧* ଓ ଅଭିଷେକ ଶର୍ମା ୨ ରନ କରିଥିଲେ। ଜିମ୍ବାୱେର ବ୍ରାଡ୍ ଇଭାନ୍ସଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଜିମ୍ବାୱେ ର୍‍ୟାନ ବର୍ଲ (୪୩ ବଲରେ ୫୪ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ସତ୍ତ୍ୱେ ୭ ୱିକେଟରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ମୟଙ୍କ ଯାଦବ ୩ଟି ଓ ଯଶ ଠାକୁରଙ୍କୁ ୨ଟି ୱିକେଟ୍ ମିଳିଥିଲା। ସୂର୍ଯ୍ୟବଂଶୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**■ ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍**

## ଭାରତ ପୁଣି ନଂ-୧

ଦୁବାଇ,୨୬।୭ (ଏଜେନ୍ସି): ଆଇସିସି ଦ୍ୱାରା ସଦ୍ୟ ପ୍ରକାଶିତ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତ ପୁଣିଥରେ ନଂ-୧ ସ୍ଥାନକୁ ଫେରିଛି। ଜିମ୍ବାୱେ ବିପକ୍ଷ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଭାରତ ନଂ-୧ ସ୍ଥାନକୁ ଫେରିଛି। ଜିମ୍ବାୱେ ସିରିଜ୍ ପୂର୍ବରୁ ଭାରତ ୨-୦ରେ ଆୟର୍ଲାଣ୍ଡଠାରୁ ଓ ୪-୦ରେ ଇଂଲଣ୍ଡଠାରୁ ହାରିଯିବା ପରେ ଦୀର୍ଘ ୧୬୦୫ ଦିନ ପରେ ନଂ-୧ ପୋଜିସନ ହରାଇଥିଲା। ଇଂଲଣ୍ଡ ନୂଆ ନଂ-୧ ଟିମ୍ ହୋଇଥିଲା। ଜିମ୍ବାୱେ ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ୍ ପରେ ଉଭୟ ଦଳର ରେଟିଂ ପଏଣ୍ଟ ସମାନ ୨୬୮ ରହିଛି। କିନ୍ତୁ ରେଟିଂ ଡେସିମାଲରେ ଭାରତ ଆଗରେ ଥିବାରୁ ନଂ-୧ ସ୍ଥାନ ପୁଣିଥରେ ହାସଲ କରିନେଇଛି।

**● ରାଜ୍ୟ ଜୁନିଅର ଭାରୋତ୍ତୋଳନ**

# ଭୁବନେଶ୍ୱର, ଗଞ୍ଜାମର ପ୍ରାଧାନ୍ୟ ଅବ୍ୟାହତ




ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଓ ଭୁବନେଶ୍ୱରର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର ଅବ୍ୟାହତ ରଖିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିନରେ ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଦେବାଂଶୀ ପ୍ରିୟଦର୍ଶିନୀ ଓ ତପସ୍ୱୀନୀ ସିଂ, ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ମଞ୍ଜିତା କଲାର, ମୋମି କବାସି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ବିଭାଗରେ ବି ଜଗବନ୍ଧୁ ପାତ୍ର, ଗଗନଦୀପ ମହାନ୍ତ, ଆଦିତ୍ୟ କୁମାର ମଲ୍ଲିକ, ୧୪ ବର୍ଷରୁ କମ ବାଳକ ବିଭାଗରେ ଅନୁଭବ ରଣା, ଦୀପକ ସାଆନ୍ତା, ଘାସୀରାମ ନାଏକ ପ୍ରମୁଖ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ରାଜ୍ୟ ଭାରୋତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

# ଗ୍ରୀକ୍ କ୍ଲବ୍ ପକ୍ଷରୁ ଖେଳିବେ ମନୀଷା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଭାରତୀୟ ମହିଳା ଫୁଟବଲ୍ ଦଳର ତାରକା ୱିଙ୍ଗର ମନୀଷା କଲ୍ୟାଣ ଗ୍ରୀକ୍ କ୍ଲବ ଏଇକେ ଏଥେନ୍ସ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ୨୪ ବର୍ଷୀୟା ମନୀଷା ଏହି ସୂଚନା ଦେଇଛନ୍ତି। ଫଳରେ ମନୀଷାଙ୍କ ଫୁଟବଲ୍ କ୍ୟାରିୟରରେ ଏହା ୪ର୍ଥ ବିଦେଶୀ କ୍ଲବ ହେବ। ମନୀଷା ଏଥିପୂର୍ବରୁ ପେରୁର ଆଲିଆଞ୍ଜା ଲିମା ଫେମେନିନୋ କ୍ଲବ ପକ୍ଷରୁ ଖେଳୁଥିଲେ। ସେହିଭଳି ୨୦୨୨ରେ ସେ ୟୁଫା ଓମେନ୍ସ ଚାମ୍ପିଅନ୍ସ ଲିଗରେ ସାଇପ୍ରସଭିତ୍ତିକ କ୍ଲବ ଆପୋଲୋନ ଲେଡିଜ ଏଫ୍‌ସି ପାଇଁ ପ୍ରତିନିଧିତ୍ୱ କରିଥିଲେ। ଫଳରେ ସେ ପ୍ରଥମ ଭାରତୀୟ ଫୁଟବଲର୍ ଭାବେ ୟୁଫା ମହିଳା ଚାମ୍ପିଅନ୍ସ ଲିଗ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

# ତନ୍‌ଭୀଙ୍କୁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ଦେଲା ଓସ୍‌ବା



ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ପକ୍ଷରୁ ରାଜ୍ୟର କୃତି ଖେଳାଳି ଓ କର୍ମକର୍ତ୍ତାଙ୍କୁ ରବିବାର ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅବସରରେ ଓସ୍‌ବା' ସାଧାରଣ ପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗତବର୍ଷ ଏଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଥିବା ତନ୍‌ଭୀ ପତ୍ରୀଙ୍କୁ ଓସ୍‌ବା ପକ୍ଷରୁ ୫ ଲକ୍ଷ ଟଙ୍କା, ପୁଷ୍ପଗୁଚ୍ଛ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହା ବ୍ୟତୀତ ବାଳିକା ଯୁଗଳରେ ରନର୍ସ ଅପ୍ ହୋଇଥିବା ନିମିଶା ଓଝା ଓ ସ୍ୱାତୀ ନାୟକଙ୍କୁ ୧ଲକ୍ଷ ୨୫ ହଜାର ଏବଂ ବିକାଶ ଟପ୍ପୋଙ୍କୁ ମଧ୍ୟ ୧ ଲକ୍ଷ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶାରେ ୪ଟି ଜୋନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପ୍ରତିଷ୍ଠା କରାଯିବାକୁ ଏହି ବୈଠକରେ ସ୍ଥିର କରାଯାଇଛି। ଏଥିରେ ଆଭାସୀ ମାଧ୍ୟମରେ ଓସ୍‌ବାର ସଭାପତି ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜେଶ ପ୍ରଭାକର ପାଟିଲ ଯୋଗଦେଇଥିଲେ। ବରିଷ୍ଠ ଉପସଭାପତି କାର୍ତ୍ତିକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନୀଲିନ କୁମାର, କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ଉପସ୍ଥିତ ଥିଲେ।

**ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ୍**

# ଇଶାନି ଚାମ୍ପିଅନ, ଆହାନ ରନର୍ସଅପ୍




ଭୁବନେଶ୍ୱର,୨୬।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଆଜି ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଇଶାନି ଦାସ ଚାମ୍ପିଅନ ହୋଇଥିଲାବେଳେ ବ୍ଲୁଜମ୍ସ ସ୍କୁଲର ଆହାନ ଅଭିଜ୍ଞାନ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରିୟଦର୍ଶନ ରାୟ ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଆଦର୍ଶ କୁମାର ରାଉତ ୫ମ ସ୍ଥାନ ଅଧିକାର କରିଥିଲେ। ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification: Master's Degree / P.G. Diploma in Journalism
Experience: Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification: Master's Degree / P.G. Diploma in Journalism
Experience: Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୫୭ ● ପାଉଣ୍ଡ ୧୧୯.୭୦
- ୟୁରୋ ୧୧୦.୧୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୮୫୦ (ଭୁବନେଶ୍ୱର)
- ରୁପା : ୨,୪୦,୦୦୦ (କେଜି)




**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୦୫୯.୦୦
- ନିଫ୍ଟି ୨୩,୭୬୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଜଙ୍କ୍‌ଫୁଡ୍‌ରେ ଲାଗିବ ସ୍ୱାସ୍ଥ୍ୟ କର

## ସରକାର କରିଛନ୍ତି ସୁପାରିସ ■ ପ୍ରତି ତିନି ଜଣରେ ଜଣେ ଶିଶୁ ଜଙ୍କ୍‌ଫୁଡ୍‌ର ଶିକାର

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଜଙ୍କ ଫୁଡ୍ ଏବଂ ମିଠା ପାନୀୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ। ଚିପ୍ସ, ପିଜା, ବର୍ଗର, ଫ୍ରେଞ୍ଚ ଫ୍ରାଏଜ୍, ପ୍ୟାକେଜ୍ ସ୍ନାକ୍ସ, ଥଣ୍ଡା ପାନୀୟ, ମୋମୋ ଏବଂ ମିଠା ପାନୀୟ ଭଳି ଜଙ୍କ ଫୁଡ୍ ଦେଶରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରୁଛି। ପରିସ୍ଥିତି ଏପରି ହୋଇଛି ଯେ ବର୍ତ୍ତମାନ ଦେଶରେ ୫-୧୯ ବର୍ଷ ବୟସର ଲକ୍ଷ ଲକ୍ଷ ଶିଶୁ ମେଦବହୁଳତା, ପୂର୍ବ ମଧୁମେହ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟାରେ ପୀଡିତ। ପାଞ୍ଚ ପ୍ରତିଶତ କିଶୋର ଉଚ୍ଚ ରକ୍ତଚାପରେ ପୀଡିତ। ଏହାର ଅର୍ଥ ହେଉଛି ପ୍ରତି ତିନି ଜଣ ଶିଶୁରେ ଜଣେ କୌଣସି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଆଗାମୀ ଦିନରେ ଜଙ୍କ୍ ଫୁଡ୍‌ରେ ଲାଗିବ ସ୍ୱାସ୍ଥ୍ୟ କର ଲାଗୁ କରିବାକୁ ବିଚାର କରୁଛନ୍ତି। ସରକାରଙ୍କୁ ପ୍ରଦାନ କରାଯାଇଥିବା ଏହାର ରିପୋର୍ଟରେ, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍ଆର୍)ର ଜାତୀୟ



ପୁଷ୍ଟିକର ପ୍ରତିଷ୍ଠାନ (ଏନ୍ଆଇଏନ୍) ଏପରି ଖାଦ୍ୟ ଏବଂ ଚିନି ପାନୀୟ ଉପରେ ସ୍ୱାସ୍ଥ୍ୟ କର ଲାଗୁ କରିବାକୁ କିମ୍ବା ପ୍ରଚଳିତ ଟିକସରେ ବୃଦ୍ଧି କରିବାକୁ ସୁପାରିଶ କରିଛି।

ଜଙ୍କ୍ ଫୁଡ୍‌କୁ ଏଚ୍ଏଫ୍ଏସ୍ଏସ୍ (ଉଚ୍ଚ ଚର୍ବି, ଉଚ୍ଚ ଚିନି ଏବଂ ଉଚ୍ଚ ଲୁଣ) ଖାଦ୍ୟ କୁହାଯାଏ। ଏହି ଖାଦ୍ୟଗୁଡ଼ିକରେ ପ୍ରାୟତଃ ଟ୍ରାନ୍ସ ଫ୍ୟାଟ୍, ସାଚୁରେଟେଡ୍ ଫ୍ୟାଟ୍, ରିଫାଇନ୍ ମଇଦା, କୃତ୍ରିମ ସ୍ୱାଦ ଏବଂ ବିଭିନ୍ନ ମିଶ୍ରଣ ରହିଥାଏ। ଏଗୁଡ଼ିକରେ ପୋଷଣ କମ୍ ଏବଂ କ୍ୟାଲୋରି ଅଧିକ ଥାଏ। ଏହି କାରଣରୁ ଏହି ଖାଦ୍ୟର ନିୟମିତ ବ୍ୟବହାର ଦ୍ରୁତ ଓଜନ ବୃଦ୍ଧି ଏବଂ ଅନେକ ରୋଗର ବିକାଶ କରିଥାଏ। ନିରନ୍ତର ସେବନ ପିଲା ଏବଂ କିଶୋରମାନଙ୍କ ମଧ୍ୟରେ ସ୍ଥୂଳତା ବୃଦ୍ଧି କରେ, ଯାହା ମଧୁମେହ, ହୃଦରୋଗ, ଉଚ୍ଚ ରକ୍ତଚାପ ଏବଂ କର୍କଟ ଭଳି ଅଣ-

**ଆଇସିଏମ୍ଆର୍-ଏନ୍ଆଇଏନ୍ ରିପୋର୍ଟ**

ସଂକ୍ରାମକ ରୋଗ ଆଶଙ୍କା ବଢ଼ାଇଥାଏ। ରିପୋର୍ଟ ଅନୁସାରେ, ଭାରତରେ ଅଲ୍ଟ୍ରା-ପ୍ରକ୍ରିୟାକୃତ ଖାଦ୍ୟ (ୟୁପିଏଫ୍) ର ବଜାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୬ରେ ୦.୯ ବିଲିୟନ ଡଲାର ମୂଲ୍ୟର ଏହି ବଜାର ୨୦୧୯ ସୁଦ୍ଧା ୩୭.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ୨୦୦୯ରୁ ୨୦୨୩ ମଧ୍ୟରେ ଏପରି ଉତ୍ପାଦର ବିକ୍ରି ପ୍ରାୟ ୧୫୦ ପ୍ରତିଶତ ବୃଦ୍ଧି ପାଇଛି। ଟେଲିଭିଜନ, ମୋବାଇଲ୍ ଫୋନ୍, ସୋସିଆଲ ମିଡିଆ, କ୍ରିକେଟ୍ ମ୍ୟାଚ୍, ସ୍କୁଲ ପରିସରରେ ଏବଂ ପ୍ରଭାବଶାଳୀ ମାର୍କେଟିଂ ମାଧ୍ୟମରେ ପିଲାମାନେ ନିରନ୍ତର ଜଙ୍କଫୁଡ୍ ବିଜ୍ଞାପନ ଦ୍ୱାରା ପ୍ରୋତ୍ସାହିତ। ରିପୋର୍ଟ ଅନୁଯାୟୀ, ପିଲାମାନଙ୍କ ଟିଭି ଚ୍ୟାନେଲରେ ପ୍ରାୟ ୯୦ ପ୍ରତିଶତ ବିଜ୍ଞାପନ ଏପରି ଖାଦ୍ୟ ପାଇଁ କରାଯାଉଛି। ୯୨.୬ ପ୍ରତିଶତ ଅଭିଭାବକ ରିପୋର୍ଟ କରିଛନ୍ତି ଯେ ସ୍କୁଲ ଏବଂ କଲେଜ ପାଖରେ ଏପରି ଖାଦ୍ୟ ସହଜରେ ଉପଲବ୍ଧ। ପ୍ରମୁଖ କ୍ରିକେଟ୍ ଇଭେଣ୍ଟ ସମୟରେ ୮୦ ପ୍ରତିଶତରୁ ଅଧିକ ବିଜ୍ଞାପନ ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ମିଠା ପାନୀୟର ହିଁ ଦେଖିବାକୁ ମିଳୁଛି।

ଭାରତରେ ପୂର୍ବରୁ ଜଙ୍କଫୁଡ୍ ବିକ୍ରି ଏବଂ ପ୍ରଚାରକୁ ନିୟନ୍ତ୍ରଣ କରୁଥିବା ଅନେକ ନିୟମ ରହିଛି, କିନ୍ତୁ କଠୋର ପ୍ରବର୍ତ୍ତନ ଅଭାବରୁ, ଏହି ନିୟମଗୁଡ଼ିକର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ପଡୁନାହିଁ। ତମାଖୁ ଏବଂ ମଦ ଭଳି ଚର୍ବି, ଲୁଣ ଏବଂ ଚିନି ଅଧିକ ଥିବା ଖାଦ୍ୟ ଏବଂ ପାନୀୟ ଉପରେ କର ବୃଦ୍ଧି କରାଯାଇପାରେ। ଲକ୍ଷ୍ୟ ହେଉଛି ଜଙ୍କ ଫୁଡ୍ ଅଧିକ ମହଙ୍ଗା ଏବଂ ପୁଷ୍ଟିକର ଖାଦ୍ୟକୁ ଅପେକ୍ଷାକୃତ ଶସ୍ତା କରିବା।

## କମୁଛି ବିମାନ ସିଟ୍ ସାଇଜ୍

# ୪୦ ବର୍ଷରେ ସିଟ୍ ୪ ଇଞ୍ଚ୍ କମିଛି

**ନୂଆଦିଲ୍ଲୀ,୨୬।୭ (ଏଜେନ୍ସି):** ଯଦି ଆପଣ ଭାବୁଛନ୍ତି ଯେ ଇକୋନୋମି-କ୍ଲାସ୍ ବିମାନ ସିଟ୍‌ରେ ଆପଣଙ୍କ ଗୋଡ଼ ବିସ୍ତାର କରିବା କଷ୍ଟକର ହେଉଛି, ତେବେ ଏହା କେବଳ ଆପଣଙ୍କର ଭୁଲ ଧାରଣା ନୁହେଁ। ଗତ ଚାରି ଦଶନ୍ଧି ଧରି, ସାରା ବିଶ୍ୱରେ ବିମାନ କମ୍ପାନୀଗୁଡ଼ିକ ଧୀରେ ଯାତ୍ରୀ ସିଟ୍ ଆକାରକୁ ସଙ୍କୁଚିତ କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ସମୟ ମଧ୍ୟରେ ଲୋକଙ୍କ ହାରାହାରି ଉଚ୍ଚତା ଏବଂ ଓଜନ ମଧ୍ୟ ବୃଦ୍ଧି ପାଇଛି। ଫଳସ୍ୱରୂପ ଆଜି ଜଣେ ସାଧାରଣ ଯାତ୍ରୀଙ୍କୁ ସମାନ ବିମାନରେ ପୂର୍ବ ଅପେକ୍ଷା ଯଥେଷ୍ଟ କମ୍ ସ୍ଥାନରେ ଯାତ୍ରା କରିବାକୁ ପଡୁଛି। ବିମାନ ଶିଳ୍ପ ତଥ୍ୟ ଏବଂ ବିମାନ ସିଟ୍ ମାନଚିତ୍ର ଦର୍ଶାଉଛି ଯେ ଏହି ସଂକୋଚନ କେବଳ ଆରାମର ବିଷୟ



ନୁହେଁ, ବରଂ ବର୍ତ୍ତମାନ ଏକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା ପାଲଟିଛି।

୧୯୮୦ ଏବଂ ୧୯୯୦ ଦଶକରେ, ଇକୋନୋମି କ୍ଲାସରେ ସିଟ୍ ପିଚ୍ କିମ୍ବା ଦୁଇଟି ସିଟ୍ ମଧ୍ୟରେ ଦୂରତା ସାଧାରଣତଃ ୩୪-୩୫ ଇଞ୍ଚ ଥିଲା। ବର୍ତ୍ତମାନ ସମୟରେ ଅଧିକାଂଶ ପ୍ରମୁଖ ଏୟାରଲାଇନ୍ସରେ ସିଟର ଆକାର ୩୦-୩୧ ଇଞ୍ଚ ହ୍ରାସ ପାଇଛି, ଯେତେବେଳେ କି ଭାରତ ସମେତ ବିଶ୍ୱବ୍ୟାପୀ କମ୍ ମୂଲ୍ୟର ଏୟାରଲାଇନ୍ସରେ, ଏହି ଆକାର ୨୮-୨୯ ଇଞ୍ଚକୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି, ହାରାହାରି ପ୍ରତ୍ୟେକ ଯାତ୍ରୀ ପୂର୍ବ ତୁଳନାରେ ୪ ରୁ ୭ ଇଞ୍ଚ କମ୍ ଲେଗ୍ ରୁମ୍ ପାଉଛନ୍ତି। ଏହି ସମୟ ମଧ୍ୟରେ ସିଟ୍ ପ୍ରଶସ୍ତ ମଧ୍ୟ ୧୮-୧୯ ଇଞ୍ଚରୁ ପ୍ରାୟ ୧୬.୫-୧୭ ଇଞ୍ଚକୁ ହ୍ରାସ ପାଇଛି। ପୂର୍ବରୁ ସିଟ୍‌ଗୁଡ଼ିକରେ ମୋଟା କୁଶନ ଥିଲା, କିନ୍ତୁ ବର୍ତ୍ତମାନ ସ୍ଲିମ୍‌ଲାଇନ୍ ଡିଜାଇନ୍ ସାଧାରଣ ହୋଇଯାଇଛି, ଯାହା ଦ୍ୱାରା ଏୟାରଲାଇନ୍ସଗୁଡ଼ିକ ସମାନ ସ୍ଥାନରେ ଅଧିକ ସିଟ୍ ଫିଟ୍ କରିପାରିବେ। ଆଶ୍ଚର୍ଯ୍ୟଜନକ ଭାବରେ, ସିଟ୍ ସଙ୍କୁଚିତ ହେବା ସହିତ ମାନବ ଶରୀର ମଧ୍ୟ ବୃଦ୍ଧି ପାଇଛି।

ଏହି ପରିବର୍ତ୍ତନ କେବଳ ସିଟ୍ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ବିମାନ ଭିତରେ ଥିବା ସିଟ୍ ସଂଖ୍ୟାରେ ମଧ୍ୟ ସ୍ପଷ୍ଟ। ବୋଇଂ ୭୩୭ରେ ପୂର୍ବରୁ ୧୨୦-୧୩୦ ସିଟ୍ ଥିଲା, କିନ୍ତୁ ବର୍ତ୍ତମାନ ବିମାନ କମ୍ପାନୀଗୁଡ଼ିକ ସମାନ ବିମାନରେ ୧୮୦-୧୯୦ ସିଟ୍ ଯୋଡୁଛନ୍ତି। ସେହିପରି, ଏୟାରବସ୍ ଏ୩୨୦ ଯାହା ପୂର୍ବରୁ ସର୍ବାଧିକ ୧୫୦ ସିଟ୍ ଥିଲା, ଏବେ ୧୮୦-୧୮୬ ସିଟ୍‌ରେ

**ଭଡ଼ା ବଢୁଛି; ଯାତ୍ରୀଙ୍କୁ କମ୍ ଆରାମ**

**ଦୀର୍ଘ ଯାତ୍ରା ପାଇଁ ଅସହଜ ହେଉଛି ଉଡ଼ାଣ**

**ସୃଷ୍ଟି କରୁଛି ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା**

ପହଞ୍ଚିଛି। ସ୍ପଷ୍ଟ ଭାବରେ, ବିମାନର ଗଠନ ପ୍ରାୟତଃ ସମାନ ରହିଛି, କିନ୍ତୁ ଏଥିରେ ଯାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି।

### ଅଧିକ ଲେଗରୁମ୍ ଏକ ପ୍ରିମିୟମ୍ ବୈଶିଷ୍ଟ୍ୟ

ଆଜି ଅଧିକ ଲେଗରୁମ୍ କିମ୍ବା ପସନ୍ଦିତ ସିଟ୍ ରହିବା ଆଉ ଏକ ମାଗଣା ସୁବିଧା ନୁହେଁ, ବରଂ ଅତିରିକ୍ତ ଆୟର ଏକ ଉତ୍ସ। ଭାରତରେ, ଘରୋଇ ବିମାନରେ ଏକ ଏକ୍ସଏଲ୍ କିମ୍ବା ଅତିରିକ୍ତ-ଲେଗରୁମ୍ ସିଟ୍ ପାଇଁ ଯାତ୍ରୀମାନଙ୍କୁ ଅତିରିକ୍ତ ୫୦୦ ରୁ ୨,୦୦୦ ଟଙ୍କା ଦେବାକୁ ପଡ଼େ। ଆନ୍ତର୍ଜାତୀୟ ବିମାନରେ, ରୁଟ୍ ଏବଂ ଚାହିଦା ଉପରେ ନିର୍ଭର କରି, ଅନେକ ଏୟାରଲାଇନ୍ସ ଏଥିପାଇଁ ୩,୦୦୦ ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ନିଅନ୍ତି।

**ଏଆଇରେ ପ୍ରଚୁର ନିବେଶ, ଆମେରିକା ପାଇଁ ମହଙ୍ଗା ପଡିବ**

# ପ୍ରତିଯୋଗିତା ବଢୁଛି; ରିଟର୍ଣ୍ଣ ଶୂନ୍

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବିଶ୍ୱର ପରବର୍ତ୍ତୀ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ବିପ୍ଳବ ଭାବରେ ବିବେଚନା କରାଯାଏ। ମାଇକ୍ରୋସଫ୍ଟ, ଗୁଗଲ୍,ଆମାଜନ୍ ଏବଂ ମେଟା ଭଳି ଆମେରିକୀୟ କମ୍ପାନୀଗୁଡ଼ିକ ଡାଟା ସେଣ୍ଟର ଏଆଇ ଚିପ୍ସ ଏବଂ କ୍ଲାଉଡ୍ ଭିତ୍ତିଭୂମିରେ ଶହ ଶହ ବିଲିୟନ ଡଲାର ଖର୍ଚ୍ଚ କରୁଛନ୍ତି। ନିବେଶକମାନେ ବିଶ୍ୱାସ କରନ୍ତି ଯେ ଏହି ନିବେଶ ଆଗାମୀ ବର୍ଷଗୁଡ଼ିକରେ ଏହି କମ୍ପାନୀଗୁଡ଼ିକର ରୋଜଗାରକୁ ନୂତନ ଉଚ୍ଚତାରେ ପହଞ୍ଚାଇବ। ତଥାପି, ଏଆଇରେ ଏତେ ବଡ଼ ନିବେଶ ପ୍ରକୃତରେ କମ୍ପାନୀଗୁଡିକୁ ଏ ଯାଏ ରିଟର୍ଣ୍ଣ ପ୍ରଦାନ କରିନାହିଁ। ନିବେଶକମାନଙ୍କ ମଧ୍ୟରେ ଏହି ଚିନ୍ତା ବର୍ତ୍ତମାନ ପ୍ରତିଫଳିତ ହେଉଛି। ଏଆଇକୁ ଆମେରିକୀୟ ବଜାରରେ ସବୁଠାରୁ ବଡ଼ ବିପ୍ଳବ ଭାବରେ ବିବେଚନା କରାଯାଏ, କିନ୍ତୁ ଏବେ ଚୀନ୍ ପକ୍ଷରୁ ପ୍ରତିଯୋଗିତାର ସଙ୍କେତ ମିଳୁଛି। ହେଲେ ଆମେରିକା ଏଆଇରେ ଯେଉଁଭଳି ଭାବେ ଅର୍ଥ ନିବେଶ କରିଛି, ସେଥିରେ ରିଟର୍ଣ୍ଣ ନ ମିଳିଲେ ତାହା ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ।

ଏହି ବିତର୍କ ମଧ୍ୟରେ, ଗ୍ଲୋବାଲ୍ ବ୍ରୋକେରେଜ୍ ଜେଫେରିଜ୍‌ର ଗ୍ଲୋବାଲ୍ ହେଡ୍ ଅଫ୍ ଇକ୍ୱିଟି ଷ୍ଟ୍ରାଟେଜି କ୍ରିସ୍ ଉଡ୍ ଏକ ଗମ୍ଭୀର ଚେତାବନୀ ଦେଇଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଆମେରିକାରେ ଏଆଇ ଭିତ୍ତିଭୂମିରେ ବିପୁଳ ନିବେଶ ଭବିଷ୍ୟତରେ ପୁଞ୍ଜିର ବ୍ୟାପକ ଅପଚୟ ଆଣିପାରେ। ଏହା ମୁଖ୍ୟତଃ ଚୀନ୍‌ର ଦ୍ରୁତ ବର୍ଦ୍ଧିତ ଏଆଇ କ୍ଷମତା ଏବଂ ସେଠାରେ ବିକଶିତ ହେଉଥିବା କମ୍ ମୂଲ୍ୟର, ମୁକ୍ତ-ଉତ୍ସ ଏଆଇ ମଡେଲ୍‌ଗୁଡ଼ିକୁ ହେତୁ ହେବ। କ୍ରିସ୍ ଉଡ୍ ଉଲ୍ଲେଖ କରିଛନ୍ତି ଯେ ଆମେରିକାର ଟେକ୍ କମ୍ପାନୀଗୁଡ଼ିକ ରେକର୍ଡ ସ୍ତରରେ ଏଆଇରେ ନିବେଶ କରୁଛନ୍ତି। କେବଳ ମାଇକ୍ରୋସଫ୍ଟ, ଗୁଗଲ୍,ଆମାଜନ୍ ଏବଂ ମେଟା କେବଳ ୨୦୨୬ରୁ ୨୦୨୭ ମଧ୍ୟରେ ପ୍ରାୟ ୧.୫୭ ଟ୍ରିଲିୟନ ଡଲାରର ମିଳିତ ପୁଞ୍ଜି ବ୍ୟୟ ହେବାର ଆକଳନ କରାଯାଇଛି। ଏଠାରେ ପ୍ରଶ୍ନ ହେଉଛି ଏହି କମ୍ପାନୀଗୁଡ଼ିକ ଏହି ନିବେଶ ସହିତ ସମାନ ରାଜସ୍ୱ ସୃଷ୍ଟି କରିବେ କି ନାହିଁ। ଯଦି ଏହା ନ ହୁଏ, ତେବେ ନିବେଶକଙ୍କ ଆଶା ଭାଙ୍ଗିଯାଇପାରେ ଏବଂ ଷ୍ଟକ୍ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଦେଖାଯାଇପାରେ।

କିଛି ବର୍ଷ ପୂର୍ବେ, ଏହା ବିଶ୍ୱାସ କରାଯାଉଥିଲା ଯେ ଏଆଇରେ ଆମେରିକାର ପ୍ରାଧାନ୍ୟ ଦୀର୍ଘ ସମୟ ଧରି ଜାରି ରହିବ, କିନ୍ତୁ ବର୍ତ୍ତମାନ ଚୀନ୍ ଏହି ବ୍ୟବଧାନକୁ ଦ୍ରୁତ ଗତିରେ ହ୍ରାସ କରିଛି। ଯଦି ସାରା ବିଶ୍ୱରେ କମ୍ପାନୀଗୁଡ଼ିକ କମ୍ ମୂଲ୍ୟର ଚୀନ୍ ମଡେଲଗୁଡ଼ିକୁ ଗ୍ରହଣ କରନ୍ତି, ତେବେ ଆମେରିକୀୟ କମ୍ପାନୀଗୁଡ଼ିକର ମହଙ୍ଗା ଏଆଇ ନିବେଶରୁ ସମ୍ଭାବ୍ୟ ଲାଭ ହ୍ରାସ ପାଇପାରେ। ଏହି ବିପଦକୁ କ୍ରିସ୍ ଉଡ୍ ଇଙ୍ଗିତ କରୁଛନ୍ତି। ଏଆଇ ବ୍ୟବସାୟ କେବଳ ଭଲ ମଡେଲ ନିର୍ମାଣ କରିବାରେ ସୀମିତ ନୁହେଁ; ଏଥିପାଇଁ ବଡ଼ ଡାଟା ସେଣ୍ଟର, ଅତ୍ୟାଧୁନିକ ଚିପ୍ସ, ଶକ୍ତି, ନେଟୱାର୍କ ଏବଂ କ୍ଲାଉଡ୍ ଭିତ୍ତିଭୂମି ଉପରେ ଯଥେଷ୍ଟ ଖର୍ଚ୍ଚ ଆବଶ୍ୟକ। ବର୍ତ୍ତମାନ, ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଏହି ଆଶାରେ କୋଟି କୋଟି ଡଲାର ଖର୍ଚ୍ଚ କରୁଛନ୍ତି ଯେ ଭବିଷ୍ୟତରେ ଏଆଇ ସେବାରୁ ସେମାନଙ୍କର ରାଜସ୍ୱ ବହୁଗୁଣିତ ହେବ।

**ଇ-ଫାଇଲିଂ ସାଇଟ୍ ବନ୍ଦ**

# କରଦାତାଙ୍କ ପାଇଁ ବଢୁଛି ସମସ୍ୟା

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧। ଫଳସ୍ୱରୂପ, ଅନେକ କରଦାତା ଏବଂ ସିଏ ଆୟକର ବିଭାଗର ଇ-ଫାଇଲିଂ ପୋର୍ଟାଲରେ ସିଷ୍ଟମ୍ ସମସ୍ୟା ବିଷୟରେ ଅଭିଯୋଗ କରିଛନ୍ତି। ବହୁ ସଂଖ୍ୟକ ଲୋକ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ’ରେ ପୋଷ୍ଟ କରିଛନ୍ତି ଯେ ପୋର୍ଟାଲ ଠିକ୍ ଭାବରେ କାମ କରୁନାହିଁ, ଯାହା ଫଳରେ ସେମାନଙ୍କର ଆଇଟିଆର୍‌ଦାଖଲ ଏବଂ ଜମା କରିବାରେ ସମସ୍ୟା ହେଉଛି।

ଉପଭୋକ୍ତାଙ୍କ ଅନୁଯାୟୀ, ଅନେକ ପୋର୍ଟାଲରେ ଲଗ୍ ଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେକ ସମସ୍ୟା କିଛି ଘଣ୍ଟା ଧରି ଜାରି ରହିଛି ବୋଲି ରିପୋର୍ଟ କରିଛନ୍ତି, ଯେତେବେଳେ କି ଅନ୍ୟମାନେ ରିପୋର୍ଟ କରିଛନ୍ତି ଯେ ପୋର୍ଟାଲ ସମ୍ପୂର୍ଣ୍ଣ ଭାବରେ ବନ୍ଦ ଅଛି, ଯାହା ଫଳରେ ଆଇଟିଆର୍ ଦାଖଲ ଏବଂ ଜମା କରିବାରେ ସମସ୍ୟା ହେଉଛି।





**ସାଢ଼େ ତିନି କୋଟିରୁ ଅଧିକ ଆଇଟିଆର୍ ଦାଖଲ**

ଜଣେ ବ୍ୟବହାରକାରୀ ଏକ୍ସ’ରେ ଲେଖିଛନ୍ତି, ଆୟକର ପୋର୍ଟାଲ ଦୁଇ ଘଣ୍ଟା ଧରି ବନ୍ଦ ଅଛି। ସେଥିରେ ଆଇଟିଆର୍ ଫାଇଲିଂ ଏବଂ ଜମା ଫି’ ପ୍ରକ୍ରିୟାକରଣ ହେଉନାହିଁ। ଅତି କମ୍‌ରେ ଆୟକର ଦିବସରେ ପୋର୍ଟାଲ ଠିକ୍ ଭାବରେ କାମ କରିବା ଉଚିତ ଥିଲା। ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି ଯେ ଇ-ଫାଇଲିଂ ପୋର୍ଟାଲ ଦୀର୍ଘ ସମୟ ଧରି ବନ୍ଦ ଥିଲା, ଯାହା ଫଳରେ କୌଣସି ରିଟର୍ଣ୍ଣ ଫାଇଲ୍ ହେଉନଥିଲା କିମ୍ବା ଜମା କରାଯାଉ ନ ଥିଲା। ଅପରପକ୍ଷେ ସୋସିଆଲ ମିଡିଆରେ ଅନେକ ଲୋକ ଏହା ମଧ୍ୟ ପରାମର୍ଶ ଦେଇଛନ୍ତି ଯେ ଯଦି ଏହି ସମସ୍ୟା ଶୀଘ୍ର ସମାଧାନ ନହୁଏ, ତେବେ ଜୁଲାଇ ୩୧ ଆଇଟିଆର୍ ଫାଇଲିଂ ଶେଷ ତାରିଖକୁ ବୃଦ୍ଧି କରାଯିବା ଉଚିତ। ତଥାପି, ସରକାର କିମ୍ବା ଆୟକର ବିଭାଗ ଏ ପର୍ଯ୍ୟନ୍ତ ଶେଷ ତାରିଖ ବୃଦ୍ଧି କରିବା ସମ୍ପର୍କରେ କୌଣସି ମତାମତ ଦେଇନାହାଁନ୍ତି।

ଆୟକର ବିଭାଗର ୱେବସାଇଟ୍ ଅନୁଯାୟୀ, ୨୦୨୬-୨୭ ବର୍ଷ ପାଇଁ ସାଢ଼େ ତିନି କୋଟି ନିୟୁତରୁ ଅଧିକ ଆଇଟିଆର୍ ଦାଖଲ କରାଯାଇଛି। ପ୍ରତିବର୍ଷ, ଶେଷ ତାରିଖ ପାଖେଇ ଆସିଲେ ବହୁ ସଂଖ୍ୟକ ଲୋକ ସେମାନଙ୍କର ରିଟର୍ଣ୍ଣ ଫାଇଲ୍ କରନ୍ତି, ଯାହା କାରଣରୁ ପୋର୍ଟାଲ ପ୍ରାୟତଃ ସମସ୍ୟାର ସମ୍ମୁଖୀନ ହୁଏ। ତେବେ ଆୟକର ବିଭାଗ ପକ୍ଷରୁ ପୋର୍ଟାଲର ସମସ୍ୟା ବିଷୟରେ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ବର୍ତ୍ତମାନ ପାଇଁ, ପୋର୍ଟାଲ ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା କରଦାତାମାନଙ୍କୁ ଏହାର ସମାଧାନ ପାଇଁ ଅପେକ୍ଷା କରିବାକୁ ପଡିବ।

# ଟ୍ରେନରେ ଆଉ ମିଳିବନି ମଇଳା ବେଡ୍‌ସିଟ୍

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଯାତ୍ରୀମାନେ ଟ୍ରେନରେ ପ୍ରାୟତଃ ମଇଳା କିମ୍ବା ଦାଗଯୁକ୍ତ ଚାଦର ଦିଆଯାଇଥିବା ଅଭିଯୋଗ କରିଥାନ୍ତି। ରେଳବାଇ ଏବେ ଏକ ଉଚ୍ଚ-ପ୍ରଯୁକ୍ତି ସମାଧାନ ସହିତ ଏହି ସମସ୍ୟାର ସମାଧାନ କରିବ। ଏଣିକି ଏଆଇ-ସକ୍ଷମ କ୍ୟାମେରାଗୁଡ଼ିକ ଏସି ଟ୍ରେନ କୋଚରେ ଚାଦର ଏବଂ ତକିଆର ସ୍ୱଚ୍ଛତା ଯାଞ୍ଚ କରିବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଲଣ୍ଡ୍ରିରେ ଧୋଇଥିବା ଚାଦର ଏବଂ ତକିଆର ସଫାତା ଯାଞ୍ଚ କରିବା ପାଇଁ ମଧ୍ୟ ଏଆଇ ବ୍ୟବହାର କରାଯିବ। ଏଥିପାଇଁ, ରେଳବାଇ ସ୍ୱତନ୍ତ୍ର ଏଆଇ-ସକ୍ଷମ କ୍ୟାମେରା ବ୍ୟବହାର କରି ଟ୍ରେନରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ଚାଦର ଏବଂ ତକିଆ ସଠିକ୍ ଭାବରେ ସଫା ହୋଇଛି କି ନାହିଁ ତାହା ସତର୍କତାର ସହ ଯାଞ୍ଚ କରିବ।

ରିପୋର୍ଟ ଅନୁଯାୟୀ, ପୁଣେ, ଜୟପୁର ଏବଂ ଯୋଧପୁର ଡିଭିଜନର ଲଣ୍ଡ୍ରିରେ ଏଆଇ କ୍ୟାମେରା ବ୍ୟବହାର କରି ଦାଗ

**ରେଳବାଇ ଲଣ୍ଡ୍ରିରେ ଲାଗିଛି ଏଆଇ କ୍ୟାମେରା**

**ମାତ୍ର କିଛି ସେକେଣ୍ଡରେ କରିବ ଦାଗ ଚିହ୍ନଟ**

ଚିହ୍ନଟ କରିବା ପାଇଁ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି। ଯାହା ଦ୍ୱାରା ଟ୍ରେନରେ ବ୍ୟବହୃତ କପଡାର ଗୁଣବତ୍ତା ଏବଂ ପରିଷ୍କାରତା ସୁନିଶ୍ଚିତ କରାଯାଇପାରିବ। ଏହା ବ୍ୟତୀତ, ଯାନ୍ତ୍ରିକ ଲଣ୍ଡ୍ରିରେ କପଡାର ଧଳାତା ଏବଂ ଉଜ୍ଜ୍ୱଳତା ମାପିବା ପାଇଁ ହ୍ୱିଟୋ-ମିଟର ବ୍ୟବହାର କରାଯାଉଛି। ଏହା ଏକ ଉପକରଣ ଯାହା କପଡାର ଧଳାତା ଏବଂ ପରିଷ୍କାରତା ମାପିପାରିବ। ପ୍ରକ୍ରିୟାକୁ ନିରୀକ୍ଷଣ କରିବା ପାଇଁ ଲଣ୍ଡ୍ରିରେ ସିସିଟିଭି କ୍ୟାମେରା ମଧ୍ୟ ସ୍ଥାପନ କରାଯାଇଛି। ଏଆଇ କ୍ୟାମେରା ସହିତ କପଡାର ପରିଷ୍କାରତା ଯାଞ୍ଚ କରିବା ପାଇଁ, ଧୋଇବା ଏବଂ ଫିନିସିଂ ଲାଇନରେ କ୍ୟାମେରା ସ୍ଥାପନ କରାଯିବ। ସଫା କରିବା ପରେ, ଯେତେବେଳେ ଚାଦର କିମ୍ବା ତକିଆ କଭର ବେଲ୍ଟ ଦେଇ ଯାଏ, ଏହି କ୍ୟାମେରାଗୁଡ଼ିକ ପ୍ରତ୍ୟେକ ପୋଷାକର ଉଚ୍ଚ-ରିଜୋଲ୍ୟୁସନ୍ ଚିତ୍ର ନେଇଥାଏ। ପରବର୍ତ୍ତୀ କାର୍ଯ୍ୟ ଏଆଇ ଦ୍ୱାରା କରାଯିବ, ହଜାର ହଜାର ସଫା ଏବଂ ଦାଗଯୁକ୍ତ ପୋଷାକରୁ ତଥ୍ୟ ଉପରେ ତାଲିମପ୍ରାପ୍ତ।

# ମାରୁତି ସୁଜୁକି ବ୍ରିଜା ଟର୍ବୋ ବୁଷ୍ଟରଜେଟ୍ ବଜାରରେ

**ନୂଆଦିଲ୍ଲୀ,୨୬।୭:** ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ମାରୁତି ସୁଜୁକି) ପକ୍ଷରୁ ନୂଆ ବ୍ରିଜା ଟର୍ବୋ ବୁଷ୍ଟରଜେଟର ଶୁଭାରମ୍ଭ କରାଯାଇଛି ଯାହା ଯୁବ ଭାରତୀୟଙ୍କୁ ଉତ୍ସାହଜନ ଚାଳନା କାର୍ଯ୍ୟକ୍ଷତା ପ୍ରଦାନ କରିଥାଏ। ନୂଆ ବ୍ରିଜା ଟର୍ବୋ ବୁଷ୍ଟରଜେଟ ମାତ୍ର ୭୩୯,୯୦୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହା ପ୍ରଗତିଶୀଳ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି ସହିତ ପ୍ରମାଣିତ ଓ ପରିଭାଷିତ କେ୧୫ସି ଡୁଆଲ ଜେଟ ଡୁଆଲ ଭିଭିଟି ଇଞ୍ଜିନରେ ଉପଲବ୍ଧ ହେବ। ନୂଆ ବ୍ରିଜା କେ୧୫ସିରେ ଏକ ନୂତନ -ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସହ ଷ୍ଟିଅରି-ମାଉଣ୍ଟେଡ୍ ପ୍ୟାଡେଲ ସିଫ୍ଟର ରହିଛି। ବ୍ରିଜା ଟର୍ବୋ ବୁଷ୍ଟରଜେଟ ୨୦.୪୭ କିମି/ଲିଟରର ଇନ୍ଧନ ଦକ୍ଷତା ରହିଛି ଯାହା ଏକ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଦେଇଥାଏ। ଏହି ନୂତନ କାର୍ ଭିଭାସିଅସ ଅରେଞ୍ଜ ଓ ଲଷ୍ଟ୍ରସ ବିଜ୍ କଲର ସମେତ ପର୍ଲ ବ୍ଲୁଇଶ ବ୍ଲାକ, ମାଗ୍ମା ଗ୍ରେ, ସିଜ୍‌ଲିଂ ରେଡ, ସ୍ପେଲଣ୍ଡିଡ ସିଲଭର ଓ ପର୍ଲ ଆର୍କଟିକ ହ୍ୱାଇଟ ଭଳି ଏକାଧିକ ରଙ୍ଗ ବିକଳ୍ପରେ ଉପଲବ୍ଧ ହେଉଛି। ନୂଆ ବ୍ରିଜା ବ୍ଲୁଇଶ ବ୍ଲାକ ରୁମ୍ ସହ ଲଷ୍ଟ୍ରସ ବିଜ, ବ୍ଲୁଇଶ ବ୍ଲାକ ରୁଫ୍ ସହ ଆର୍କଟିକ ହ୍ୱାଇଟ ଓ ବ୍ଲୁଇଶ ବ୍ଲାକ ରୁଫ୍ ସହ ସିଜ୍‌ଲିଙ୍ଗ ରେଡ ଭଳି ଡୁଆଲ-ଟୋନ କଲରରେ ମଧ୍ୟ ଉପଲବ୍ଧ।

# ସଞ୍ଚୟ ଖାତା ସୁଧ ଉପରେ ବି ଲାଗୁଛି ଟିକସ

**ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଲୋକମାନେ ସାଧାରଣତଃ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କାକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟାଙ୍କ କିମ୍ବା ଡାକ ଘରେ ସଞ୍ଚୟ ଖାତା ଖୋଲିଥାନ୍ତି। ବ୍ୟାଙ୍କଗୁଡ଼ିକ ତ୍ରୈମାସିକ କିମ୍ବା ଅର୍ଦ୍ଧବାର୍ଷିକ ଆଧାରରେ ଏହି ସଞ୍ଚୟ ଖାତାରେ ଜମା ଉପରେ ସୁଧ ଦିଅନ୍ତି। ଅଧିକାଂଶ କରଦାତାଙ୍କ ମଧ୍ୟରେ ଏକ ସାଧାରଣ ଭୁଲ ଧାରଣା ହେଉଛି ଯେ ସଞ୍ଚୟ ଖାତାରେ ଅର୍ଜିତ ସୁଧ ସମ୍ପୂର୍ଣ୍ଣ କରମୁକ୍ତ, କିନ୍ତୁ ଆୟକର ଆଇନ ଅନୁଯାୟୀ ଏହା ନୁହେଁ। ଆୟକର ଆଇନ ଅନୁଯାୟୀ, ଆପଣଙ୍କ ସଞ୍ଚୟ ଖାତାରେ ଅର୍ଜିତ ସୁଧ ଆୟ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ବାର୍ଷିକ ଆୟରେ ଯୋଡା ଯାଇଥାଏ ଏବଂ ଆପଣଙ୍କ ଟିକସ ସ୍ଲାବ ଅନୁଯାୟୀ କର ଲାଗୁ ହୋଇଥାଏ। ତଥାପି, ଆୟକର ବିଭାଗ ସାଧାରଣ ନାଗରିକ ଏବଂ ବରିଷ୍ଠ ନାଗରିକ ଉଭୟଙ୍କୁ ଏହି ସୁଧ ଆୟ ଉପରେ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ବିଭିନ୍ନ ଧାରା ଅଧୀନରେ କର ଛାଡ଼ କରେ।

ସାଧାରଣ କରଦାତାଙ୍କ ପାଇଁ (୬୦ ବର୍ଷରୁ କମ୍ ବୟସ୍କ), ସଞ୍ଚୟ ଖାତା ସୁଧ ଉପରେ କର ଛାଡ଼ ଆୟକର ଆଇନର ଧାରା ୮୦ଟିଟିଏ ଅନୁଯାୟୀ ଉପଲବ୍ଧ। ଏହି ଧାରା ଅନୁଯାୟୀ, ଏକ ଆର୍ଥିକ ବର୍ଷରେ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ ଥିବା ସଞ୍ଚୟ ଖାତାରୁ ଉପାର୍ଜନ କରାଯାଇଥିବା ମୋଟ ସୁଧ





ଉପରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିଆତି ଦାବି କରାଯାଇପାରିବ। ଏହାର ସରଳ ଅର୍ଥ ହେଉଛି ଯଦି ଆପଣଙ୍କର ସମସ୍ତ ସଞ୍ଚୟ ଖାତାରୁ ସମଗ୍ର ବର୍ଷ ପାଇଁ ଅର୍ଜିତ ମୋଟ ସୁଧ ୧୦ ହଜାର ଟଙ୍କା କିମ୍ବା ତା’ଠାରୁ କମ୍ ହୋଇଥାଏ, ତେବେ ଆପଣଙ୍କୁ ଏଥିରେ କୌଣସି ଟିକସ ଦେବାକୁ ପଡ଼ିବନାହିଁ। ତଥାପି, ଯଦି ଆପଣଙ୍କର ସଞ୍ଚୟ ଖାତାରୁ ସୁଧ ଆୟ ୧୦ ହଜାର ଟଙ୍କା ସୀମା ଅତିକ୍ରମ କରେ, ତେବେ ଅତିରିକ୍ତ ପରିମାଣ ‘ଅନ୍ୟ ଉତ୍ସରୁ ଆୟ’ରେ ଯୋଡା ଯାଏ ଏବଂ ଆପଣଙ୍କ ଟିକସ ସ୍ଲାବ ଅନୁଯାୟୀ ଟିକସ ଲଗାଯାଏ। ଧାରା ୮୦ ଟିଟିଏ ଅନୁଯାୟୀ ଏହି ଛାଡ଼ କେବଳ ସଞ୍ଚୟ ଖାତାରୁ ଅର୍ଜିତ ସୁଧ ଉପରେ ଉପଲବ୍ଧ, ସ୍ଥାୟୀ ଜମା (ଏଫ୍‌ଡି) କିମ୍ବା ଆର୍‌ଡି ଉପରେ ନୁହେଁ।

ବରିଷ୍ଠ ନାଗରିକମାନଙ୍କୁ (୬୦ ବର୍ଷ କିମ୍ବା ତା’ଠାରୁ ଅଧିକ ବୟସର) ଆଶ୍ୱସ୍ତି ଦେବା ପାଇଁ ଆୟକର ବିଭାଗ ଧାରା ୮୦ ଟିଟିବି ପ୍ରଚଳନ କରିଛି, ଯାହା ସାଧାରଣ ନାଗରିକଙ୍କ ପାଇଁ ଉପଲବ୍ଧ ଅପେକ୍ଷା ଯଥେଷ୍ଟ ଅଧିକ ଛାଡ଼ ପ୍ରଦାନ କରେ। ଧାରା ୮୦ ଟିଟିବି ଅନୁଯାୟୀ, ବରିଷ୍ଠ ନାଗରିକମାନେ ଏକ ଆର୍ଥିକ ବର୍ଷରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ଆୟ ଉପରେ ଟିକସ ଛାଡ଼ ଦାବି କରିପାରିବେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସବୁଠାରୁ ବଡ଼ ସୁବିଧା ହେଉଛି ଏହି ୫୦ ହଜାର ଟଙ୍କାର ସୀମାରେ କେବଳ ସଞ୍ଚୟ ଆକାଉଣ୍ଟରୁ ସୁଧ ନୁହେଁ, ବରଂ ସ୍ଥାୟୀ ଜମା (ଏଫ୍‌ଡି), ପୁନରାବୃତ୍ତି ଜମା (ଆର୍‌ଡି) ଏବଂ ପୋଷ୍ଟ ଅଫିସ ଯୋଜନାରୁ ସୁଧ ମଧ୍ୟ ଅନ୍ତର୍ଭୁକ୍ତ। ଏହାର ଅର୍ଥ ହେଉଛି ଯଦି ଜଣେ ବୟସ୍କ ବ୍ୟକ୍ତିଙ୍କ ସମସ୍ତ ଜମା ଯୋଜନାରୁ ବାର୍ଷିକ ସୁଧ ଆୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥାଏ, ତେବେ ସେମାନଙ୍କୁ ଏହା ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ଏବଂ ବ୍ୟାଙ୍କଗୁଡ଼ିକ ଏହା ଉପରେ ଟିଡିଏସ୍ କାଟିବେ ନାହିଁ।